# ଧରିତ୍ରୀ DHARITRI

ଢେଙ୍କାନାଳ, ଶନିବାର, ଜୁନ୍ ୨୬/୨୦୨୧ (୧୨ ପୃଷ୍ଠା) | Dhenkanal, Saturday, June 26/2021 | ★★★★★

୧୭ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ରେକର୍ଡ ପାସ୍ ହାର ୯୭.୮୯%

## ବିନା ପରୀକ୍ଷାରେ ପ୍ରକାଶ ପାଇଲା ମାଟ୍ରିକ୍ ଫଳ

**କଟକ ଅଫିସ,୨୫।୬**

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ପ୍ରଥମଥର ବିନା ପରୀକ୍ଷାରେ ଫଳ ପ୍ରକାଶ ପାଇଥିବାବେଳେ ପାସ୍ ହାର ୯୭.୮୯ ପ୍ରତିଶତ ରହିଛି। ଗତବର୍ଷ ତୁଳନାରେ ଏହା ୧୯.୧୩% ଅଧିକ ହୋଇ ରେକର୍ଡ କରିଛି। ତେବେ ଜଗତ୍‌ସିଂପୁର ଜିଲା ସର୍ବାଧିକ ୯୯.୦୯% ରେଜଲ୍ଟ କରିଥିବାବେଳେ ବଲାଙ୍ଗୀରର ସର୍ବନିମ୍ନ ୯୪.୮୭% ରହିଛି। ପ୍ରତିବର୍ଷ ଭଳି ଏବର୍ଷ ମଧ ଛାତ୍ରଙ୍କଠାରୁ ଛାତ୍ରୀ ଆଗରେ ଅଛନ୍ତି। ଛାତ୍ରୀଙ୍କ ପାସ୍ ହାର ୫୦.୧୧% ଥିବାବେଳେ ଛାତ୍ରଙ୍କ ୪୯.୮୮% ରହିଛି।

ଚଳିତ ବର୍ଷ ୮୯୩୪ ସ୍କୁଲରୁ ୫,୭୪,୧୨୫ଜଣ ଛାତ୍ରୀଛାତ୍ର ଫର୍ମ ଫିଲଅପ୍ କରିଥିଲେ ଓ ୫,୬୨,୦୧୦ଜଣ ପାସ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୬୫୬ ଜଣ ଏ୧ ଗ୍ରେଡ୍ ପାଇଥିବାବେଳେ ୨୨,୧୩୨ଜଣ ଏ୨, ୫୨,୨୯୯ଜଣ ବି୧, ୯୪,୪୭୫ଜଣ ବି୨, ୧,୩୭,୦୧୪ ଜଣ ସି, ୧,୫୧,୬୩୯ ଜଣ ଡି, ୧,୦୧,୭୯୬ଜଣ ଇ, ୭,୭୦୩ଜଣ ଏଫ୍ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥର ୫,୯୪୫ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ଗୋଟିଏ ବି ସ୍କୁଲ୍‌ରେ ଶୂନ୍ୟ ରେଜଲ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଏକ୍ସରେଗୁଲାର ☞ପୃଷ୍ଠା-୪



ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ପରୀକ୍ଷା ଫଳ ଘୋଷଣା କରୁଛନ୍ତି।

- ଜଗତ୍‌ସିଂହପୁର ସର୍ବାଧିକ ୯୯.୦୯%, ବଲାଙ୍ଗୀର ସର୍ବନିମ୍ନ
- ୫,୯୪୫ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ
- ଗୋଟିଏ ବି ସ୍କୁଲରେ ଶୂନ୍ୟ ରେଜଲ୍ଟ ନାହିଁ
- ବାହାରିଲା ମଧମା ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାଫଳ
- ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଦେଇପାରିବେ ପରୀକ୍ଷା
- ଜୁଲାଇ ୫ରୁ ଫର୍ମ ଫିଲ୍ଅପ୍


ରବିଶଙ୍କରଙ୍କ ଟୁଇଟର ଆକାଉଣ୍ଟ ବନ୍ଦ ........ ୨

ମ୍ୟାଲେରିଆ ଶୂନ୍ୟ ହେବ ଓଡ଼ିଶା ........ ୪

ମାଟ୍ରିକ ପାସ୍ କଲେ ଦାନ ମାଝିଙ୍କ ଝିଅ ........ ୪


**ଆଜିର ସମ୍ପାଦକୀୟ**

**ଘୋର ଅବ୍ୟବସ୍ଥା**

# ଓଡ଼ିଶାରେ ଡେଲ୍ଟା ପ୍ଲସ୍

**ନୂଆଦିଲ୍ଲୀ, ୨୫।୬**

ଦେଶରେ ବର୍ତ୍ତମାନ ସୁଦ୍ଧା ୫୦ଟି କୋଭିଡ୍-୧୯ ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ଚିହ୍ନଟ ହୋଇଥିବାବେଳେ ସେଥିରେ ଓଡ଼ିଶାରୁ ଗୋଟିଏ ରହିଥିବା ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଡିସି) ନିର୍ଦ୍ଦେଶକ ଡା. ଏସ୍.କେ. ସିଂ ସୂଚନା ଦେଇଛନ୍ତି। ଓଡ଼ିଶାର ଦେବଗଡ଼ ଜିଲାରୁ ଉକ୍ତ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି ଯେ, ଓଡ଼ିଶାରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ଯାତ୍ରା ବିବରଣୀ ଉପରେ ଅନୁଧ୍ୟାନ କରାଯାଉଛି। ସେ କେଉଁ ରାଜ୍ୟରୁ ଆସିଥିଲେ ନା ଓଡ଼ିଶାରେ ଥାଇ ସଂକ୍ରମିତ ହୋଇଛନ୍ତି, ସେ ନେଇ ଅନୁଧ୍ୟାନ ଜାରି ରହିଥିବା ଡିଏମ୍‌ଇଟି କହିଛନ୍ତି। ରାଜ୍ୟରେ କୋଭିଡ୍ ଦ୍ୱିତୀୟ ଲହରରେ ଦୈନିକ ସଂକ୍ରମଣ ୩,୦୦୦ ଉପରେ ରହିଥିବାବେଳେ ଡେଲ୍ଟା ପ୍ଲସ୍ ଚିହ୍ନଟ ହେବା ଗମ୍ଭୀର ଚିନ୍ତାର ବିଷୟ ହୋଇଛି। ଡେଲ୍ଟା ପ୍ଲସ୍ ଯୋଗୁ ସଂକ୍ରମଣର ତୃତୀୟ ଲହର ଖୁବ୍‌ଶୀଘ୍ର ଆସିପାରେ ବୋଲି ଆଶଙ୍କା କରାଯାଉଛି।

ମୋଟ ୪୫,୦୦୦ ନମୁନାର ସିକ୍ୱେନ୍ସ କରାଯାଇଥିଲା। ଦେଶର ୧୮ ☞ପୃଷ୍ଠା-୪

- ସଂକ୍ରମିତ ଦେବଗଡ଼ ଜିଲାର
- ଦେଶରେ ୫୦ ନୂଆ ଭାରିଆଣ୍ଟ ଚିହ୍ନଟ
- ମହାରାଷ୍ଟ୍ରରେ ଜଣେ, ମଧ୍ୟପ୍ରଦେଶରେ ୨ ଡେଲ୍ଟା ପ୍ଲସ୍ ସଂକ୍ରମିତଙ୍କ ମୃତ୍ୟୁ









**ଟ୍ରେନ୍‌ରେ ୟୁପି ଗଲେ ରାଷ୍ଟ୍ରପତି**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଉତ୍ତରପ୍ରଦେଶକୁ ଟ୍ରେନ୍ ଯାତ୍ରା କରିଛନ୍ତି। ସେ ନିଜ ଜନ୍ମସ୍ଥାନକୁ ଯାଇ ସେଠାରେ ସ୍କୁଲ ବେଳର ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ୍ କରିବା ସହ ସମାଜସେବା ସମୟରେ ତାଙ୍କ ସହ ଏକାଠି କାମ କରିଥିବା ଲୋକମାନଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ୧୫ ବର୍ଷ ପରେ ପଦବୀରେ ଥାଇ ଜଣେ ରାଷ୍ଟ୍ରପତି ଟ୍ରେନ୍ ଯାତ୍ରା କରିଛନ୍ତି। କୋବିନ୍ଦ ସଫଦରଜଙ୍ଗ ରେଳଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ କାନପୁର ଯାଇଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଟୁଇଟ୍ କରାଯାଇଥିବା ଫଟୋରେ ରାଷ୍ଟ୍ରପତିଙ୍କ ସହ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ୬୫୦ ସୈନ୍ୟ ରଖିବ ଆମେରିକା

**ୱାଶିଂଟନ, ୨୫।୬:** ଆଫଗାନିସ୍ତାନରୁ ଆଗାମୀ ୨ ସପ୍ତାହ ମଧ୍ୟରେ ଆମେରିକା ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିବାକୁ ଥିବାବେଳେ ଏହା ପରେ ମଧ୍ୟ ସେଠାରେ ୬୫୦ ମାର୍କିନ ସୈନ୍ୟ ରହିବେ ବୋଲି ଜଣାପଡ଼ିଛି। ସେମାନେ କୂଟନୀତିଜ୍ଞମାନଙ୍କୁ ସୁରକ୍ଷା ଯୋଗାଇବେ ବୋଲି ଜଣେ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାବ୍ୟତୀତ ସେପ୍ଟେମ୍ବର ପର୍ଯ୍ୟନ୍ତ କାବୁଲ ବିମାନ ବନ୍ଦରରେ କେତେଜଣ ଆମେରିକୀୟ ସୈନ୍ୟ ରହିବେ। ତୁର୍କୀ ସୈନ୍ୟଙ୍କୁ ସେମାନେ ସହାୟତା କରିବେ। ଜୁଲାଇ ୪ ସୁଦ୍ଧା ଆମେରିକା ନେତୃତ୍ୱାଧୀନ ମେଣ୍ଟର ଅଧିକାଂଶ ସୈନ୍ୟ ଫେରିଯିବେ ବୋଲି ଜଣାପଡ଼ିଛି।

### ଜଣେ ଯାତ୍ରୀ ନେଇ ଦୁବାଇ ଗଲା ଏୟାର ଇଣ୍ଡିଆ ବିମାନ



**ନୂଆଦିଲ୍ଲୀ, ୨୫।୬:** ଏୟାର ଇଣ୍ଡିଆ ବିମାନ ଅମୃତସରରୁ ମାତ୍ର ଜଣେ ଯାତ୍ରୀଙ୍କୁ ନେଇ ଦୁବାଇ ଯାତ୍ରା କରିବା ଚର୍ଚ୍ଚାର ବିଷୟ ହୋଇଛି। ୟୁଏଇରେ ରହୁଥିବା ଭାରତୀୟ ବ୍ୟବସାୟୀ ଏସ୍.ପି. ସିଂ ଓବେରୋଇ ବୁଧବାର ଏକମାତ୍ର ଯାତ୍ରୀ ଭାବେ ଇକୋନୋମି କ୍ଲାସ୍ ଟିକେଟ କରିଥିଲେ। ୟୁଏଇରେ ୧୦ ବର୍ଷ ରହିବା ପାଇଁ ଗୋଲ୍ଡେନ୍ ଭିଜା ପାଇଥିବା ଓବେରୋଇ ୩ ଘଣ୍ଟା ବିମାନଯାତ୍ରାରେ ଏକମାତ୍ର ଯାତ୍ରୀ ଥିଲେ। ବୁଧବାର ଭୋର ୩.୪୫ରେ ଉକ୍ତ ବିମାନ ଅମୃତସର ବିମାନବନ୍ଦର ଛାଡ଼ିଥିଲା। ଯାତ୍ରା ସମୟରେ ଓବେରୋଇ ବିମାନ କର୍ମଚାରୀମାନଙ୍କ ସହ ଫଟୋ ଉଠାଇଥିଲେ। ଗତ ୫ ସପ୍ତାହ ମଧ୍ୟରେ ଏୟାର ଇଣ୍ଡିଆ ବିମାନ ଏହିପରି ଜଣେ ମାତ୍ର ଯାତ୍ରୀଙ୍କୁ ନେଇ ୩ ଥର ଦୁବାଇ ଯାତ୍ରା କଲାଣି। ମେ’ ୧୯ରେ ମୁମ୍ବାଇରୁ ଦୁବାଇ ବିମାନରେ ଭବେଶ ଜାଭେରି ନାମକ ବ୍ୟକ୍ତି ଯାତ୍ରା କରିଥିଲେ। ଏହାର ୩ ଦିନ ପରେ ମୁମ୍ବାଇରୁ ଦୁବାଇ ଯାଉଥିବା ବିମାନରେ ଓସ୍ୱାଲ୍ଡ ରୋଡ୍ରିଗ୍ୟୁସ୍ ଏକମାତ୍ର ଯାତ୍ରୀ ଥିଲେ।


### ମାସ୍କ ନ ଥିବାରୁ ଗୁଳି

**ଲକ୍ଷ୍ନୌ, ୨୫।୬:** ଉତ୍ତରପ୍ରଦେଶର ବରେଲି ଜିଲାରେ ଥିବା ଏକ ବ୍ୟାଙ୍କକୁ ଜଣେ ଗ୍ରାହକ ବିନା ମାସ୍କରେ ଆସିଥିବାରୁ ସେଠାରେ ନିଯୁକ୍ତ ଜଣେ ସୁରକ୍ଷା କର୍ମଚାରୀ ତାଙ୍କୁ ଗୁଳି କରିଛନ୍ତି। ଗୁଳିମାଡ଼ରେ ଗ୍ରାହକ ଜଣକ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ରାଜେଶ କୁମାର ନାମକ ଜଣେ ରେଳୱେ କର୍ମଚାରୀ ଶୁକ୍ରବାର ପୂର୍ବାହ୍ନରେ ବ୍ୟାଙ୍କ ଅଫ୍ ବରୋଦାର ଏକ ଶାଖାକୁ ଯାଇଥିଲେ। ସେ ମାସ୍କ ପିନ୍ଧି ନ ଥିବାରୁ ସୁରକ୍ଷା କର୍ମୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଉତ୍ୟକ୍ତ ସୁରକ୍ଷା କର୍ମୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ରକ୍ତ ଜୁଡୁବୁଡୁ ରାଜେଶଙ୍କ ପାଖରେ ତାଙ୍କ ସ୍ତ୍ରୀ ଆଣ୍ଠୁମାଡ଼ି ବସି କାହିଁକି ତାଙ୍କୁ ଗୁଳି କଲ ବୋଲି ସୁରକ୍ଷା ଗାର୍ଡଙ୍କୁ ଚିତ୍କାର କରି କହୁଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ଗାର୍ଡଙ୍କୁ ପୋଲିସ ଗିରଫ କରିଛି।

### ମାର୍ଶଲ ଆର୍ଟ୍ସ ସ୍କୁଲରେ ନିଆଁ: ୧୮ ଦଗ୍ଧ

**ବେଜିଂ, ୨୫।୬:** ଚାଇନାର ହାନାନ୍ ପ୍ରଦେଶସ୍ଥିତ ଏକ ମାର୍ଶଲ ଆର୍ଟ୍ସ ସ୍କୁଲରେ ଶୁକ୍ରବାର ଭୋର୍ ସମୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଶିଶୁ। ସେମାନଙ୍କ ବୟସ ୭ରୁ ୧୬ ବର୍ଷ ହେବ। ଝେଚେଙ୍ଗ୍ କାଉଣ୍ଟିର ଶୁଆଙ୍ଗ୍‌କିଉସ୍ଥିତ ଝେନ୍‌ଜିଙ୍ଗ୍ ମାର୍ଶଲ ଆର୍ଟ୍ସ ସ୍କୁଲରେ ୩୪ ଛାତ୍ରାଛାତ୍ର ନାମ ଲେଖାଇଥିଲେ। ପିଲାମାନେ ଫାଷ୍ଟ ଫ୍ଲୋରରେ ଶୋଇଥିବାବେଳେ ସ୍କୁଲରେ ହଠାତ୍ ନିଆଁଲାଗିଥିଲା। ପିଲାମାନେ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ। ସେମାନେ ନିଆଁ ଲିଭାଇବା ପାଇଁ ପାଣି ଢାଳିଥିଲେ। କିନ୍ତୁ ନିଆଁ ଲଭି ନ ଥିଲା। ଦେଖୁ ଦେଖୁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିଯିବାରୁ ୧୮ ଜଣଙ୍କ ଜୀବନ ଚାଲିଯାଇଛି। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୧୬ ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍କୁଲର ମାଲିକ ଚେନ୍ ଲିନ୍‌ଙ୍କୁ ପଚରାଉଚରା ପାଇଁ ନିଆଯାଇଛି।

## ସାଇବର ଠକେଇରେ ପଡ଼ିଲେ ଶବାନା



ଜଣାଶୁଣା ଅଭିନେତ୍ରୀ ଶବାନା ଆଜ୍‌ମି ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି। ମଦ ଡେଲିଭରି କମ୍ପାନୀ ଲିଭିଂ ଲିକୁଇଡ୍‌ଜକୁ ସେ ଟଙ୍କା ପଇଠ କରିଥିଲେ, କିନ୍ତୁ ତାଙ୍କୁ ଡେଲିଭରି ମିଳି ନ ଥିଲା। ଏପରି କି ସେମାନେ ତାଙ୍କ ଫୋନ୍ ଉଠାଉନାହାନ୍ତି। ତେଣୁ ସାଇବର ଠକେଇ ପ୍ରତି ସତର୍କ ରହିବାକୁ ଶବାନା ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ଏହା ଏକ ସାଇବର ଠକେଇ ର୍ୟାକେଟର କାମ ଏବଂ କମ୍ପାନୀ ସହିତ ସେମାନଙ୍କ କିଛି ସମ୍ପର୍କ ନାହିଁ ବୋଲି ଲିଭିଂ ଲିକୁଇଡ୍‌ଜ ପକ୍ଷରୁ କୁହାଯାଇଛି। ଗୁରୁବାର ଶବାନା ପୁଣିଥରେ ଟୁଇଟ୍ କରି କହିଛନ୍ତି, ଲିଭିଂ ଲିକୁଇଡ୍ ମାଲିକଙ୍କ ସହ ଯୋଗାଯୋଗ ହୋଇଛି। ଅର୍ଡର ଗ୍ରହଣ କରିଥିବା ବ୍ୟକ୍ତି ଜଣେ ଠକ ବୋଲି କମ୍ପାନୀ ପକ୍ଷରୁ ତାଙ୍କୁ କୁହାଯାଇଛି। ମାମଲାର ତଦନ୍ତ ପାଇଁ ମୁମ୍ବାଇ ପୋଲିସ ଓ ସାଇବର କ୍ରାଇମ୍ ୟୁନିଟ୍‌କୁ ସୋସିଆଲ ମିଡିଆ ଜରିଆରେ ଶବାନା ଅନୁରୋଧ କରିଛନ୍ତି।

## ନିର୍ବାଚନ ଲଢ଼ିବେନି ମେହବୁବା



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ ନ କରିବା ଯାଏ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଶୁକ୍ରବାର ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜମ୍ମୁ-କଶ୍ମୀରର ୧୪ ନେତା ବୈଠକର ଦିନକ ପରେ ମେହବୁବା ଏହି କଥା କହିଛନ୍ତି। ମେହବୁବାଙ୍କ ମତରେ କେନ୍ଦ୍ର ସରକାର ନିଜ ଯୋଜନା ହିସାବରେ କିଛି କରିପାରି ନ ଥିବା ହୃଦୟଙ୍ଗମ କରିଛନ୍ତି। ଉପତ୍ୟକାରେ ଏବେ ମଧ୍ୟ ଦମନଲୀଳା ଓ ନିର୍ଯାତନା ଜାରି ରହିଛି। ଲୋକେ ଅଣନିଃଶ୍ୱାସୀ ହୋଇଯାଇଛନ୍ତି। କେନ୍ଦ୍ର ସରକାର ଦୁନିଆକୁ ଜମ୍ମୁ-କଶ୍ମୀରର ଯେଉଁ ଛବି ଦେଖାଉଛନ୍ତି ବାସ୍ତବ ସ୍ଥିତି ତା’ଠାରୁ ଭିନ୍ନ। ତେଣୁ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ସହ ୩୭୦କୁ ପୁନଃ ଅବସ୍ଥାପିତ କଲେ ନିର୍ବାଚନ ଲଢ଼ିବେ। ନଚେତ୍ ନିର୍ବାଚନରେ ପିଡିପି ଜିତିଲେ ବି ମୁଖ୍ୟମନ୍ତ୍ରୀ ହେବେ ନାହିଁ ବୋଲି ମେହବୁବା କହିଛନ୍ତି।

# ରବିଶଙ୍କରଙ୍କ ଟୁଇଟର ଆକାଉଣ୍ଟ ବନ୍ଦ

### ଘଣ୍ଟାଏ ପରେ ପୁଣି ଚାଲୁ କଲା ପ୍ଲାଟ୍‌ଫର୍ମ

ନୂଆଦିଲ୍ଲୀ,୨୫।୬

କେନ୍ଦ୍ର ସରକାର ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧର ଏକ ବିଚିତ୍ର ପରିଣାମ ଶୁକ୍ରବାର ଦେଖିବାକୁ ମିଳିଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ରବିଶଙ୍କରଙ୍କ ଟୁଇଟର ହ୍ୟାଣ୍ଡେଲକୁ ଏହି ମାଇକ୍ରୋବ୍ଲଗିଂ ସାଇଟ୍ ପକ୍ଷରୁ ପ୍ରାୟ ଘଣ୍ଟାଏ ଧରି ବନ୍ଦ କରିଦିଆଯାଇଥିଲା। ଫଳରେ ରବିଶଙ୍କର ଏହି ସମୟ ମଧ୍ୟରେ ଟୁଇଟ୍ କରିପାରି ନାହାନ୍ତି। ଏନେଇ ରବିଶଙ୍କର ନିଜେ ସୂଚନା ଦେଇଛନ୍ତି।

ଦେଶୀ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ‘କୁ’ରେ ରବିଶଙ୍କର କହିଛନ୍ତି, ଟୁଇଟର ତାଙ୍କୁ ନିଜ ଆକାଉଣ୍ଟରୁ ପ୍ରାୟ ଘଣ୍ଟାଏ ଧରି ଟୁଇଟ୍ କରିବାକୁ ବାରଣ କରିଥିଲା। ଆମେରିକାର ଡିଜିଟାଲ ମିଲେନିୟମ୍ କପିରାଇଟ୍ ଆଇନ(ଡିଏମ୍‌ସିଏ) ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଟୁଇଟର ଦର୍ଶାଇଥିଲା। ଏପରି କି କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ଟିମ୍ ରବିଶଙ୍କରଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟକୁ ଲଗ୍ ଇନ୍ କରିବାକୁ ଉଦ୍ୟମ କରିବାବେଳେ ସେଥିରେ ଏକ ୱାର୍ନିଂ ମେସେଜ୍ ଆସିଥିଲା। ଡିଏମ୍‌ସିଏ ଅନୁସାରେ ଏକ ଅଭିଯୋଗ ଆସିଥିବାରୁ ଉକ୍ତ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଛି ବୋଲି ମେସେଜ୍‌ରେ ଲେଖାଥିଲା।

କୌଣସି ବ୍ୟକ୍ତି କାହାର କପିରାଇଟ୍‌ରେ ହସ୍ତକ୍ଷେପ କଲେ ସେ ଡିଏମ୍‌ସିଏ ଅଧୀନରେ କପିରାଇଟ୍ ଓନର୍ସ ଟୁଇଟରକୁ ଅବଗତ କରାଇପାରିବେ। ଏକ ବୈଧ ନୋଟିସ ଗ୍ରହଣ କରିବା ପରେ ଟୁଇଟର ଚିହ୍ନଟ କରାଯାଇଥିବା କଣ୍ଟେଣ୍ଟ ମ୍ୟାଟେରିଆଲକୁ ହଟାଇପାରିବ। ଏହାର ପ୍ରାୟ ୧ ଘଣ୍ଟା ପରେ ଟୁଇଟର ଏକ ନୂଆ ମେସେଜ୍ ସହ କେନ୍ଦ୍ରମନ୍ତ୍ରୀଙ୍କ ଆକାଉଣ୍ଟକୁ ଅନ୍‌ବ୍ଲକ୍ କରିଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା, ‘ଆପଣଙ୍କ ଆକାଉଣ୍ଟ ଏବେ ବ୍ୟବହାର ପାଇଁ ଉପଲବ୍ଧ। ଆଗକୁ ଏପରି କିଛି ଅତିରିକ୍ତ ନୋଟିସ ଆସିଲେ ଆକାଉଣ୍ଟକୁ ପୁନଃ ବ୍ଲକ୍ କରାଯିବ। ତେଣୁ ସତର୍କ ରୁହନ୍ତୁ। ଏହାକୁ ଏଡ଼ାଇବାକୁ ହେଲେ ଦୟାକରି କପିରାଇଟ୍ ନୀତି ଉଲ୍ଲଂଘନ ହେବା ଭଳି ପୋଷ୍ଟ କରନ୍ତୁ ନାହିଁ। ଆପଣ ଅଧିକୃତ ନ ଥିବା କୌଣସି ପ୍ରକାର ବିଷୟ ପୋଷ୍ଟ ହୋଇଥିବା ଦେଖିଲେ ତାକୁ ତୁରନ୍ତ ଡିଲିଟ୍ କରନ୍ତୁ।’ ଆକ୍‌ସେସ୍ ପାଇବା ପରେ ଟୁଇଟରରେ ରବିଶଙ୍କର ପୋଷ୍ଟ କରିଛନ୍ତି, ଟୁଇଟରର କାର୍ଯ୍ୟାନୁଷ୍ଠାନ ଆଇଟି ନିୟମ, ୨୦୨୧ର



ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ

### ଆମେରିକାର କପିରାଇଟ୍ ଆଇନ ଉଲ୍ଲଂଘନ ଅଭିଯୋଗ

ଧାରା ୪(୮)ର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଆକାଉଣ୍ଟରେ ଟୁଇଟ୍ କରିବା ପାଇଁ ବାରଣ କରିବା ପୂର୍ବରୁ ଟୁଇଟର କୌଣସି ପ୍ରାକ୍ ସୂଚନା ଦେଇ ନ ଥିବାରୁ ଏହା ସୂଚନା ପ୍ରଯୁକ୍ତିବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ ୨୦୨୧କୁ ଉଲ୍ଲଂଘନ କରିଛି। ଯେଉଁ ପ୍ଲାଟ୍‌ଫର୍ମ ହୋଇଥାଉ ନା କାହିଁକି ସେମାନଙ୍କୁ ନୂଆ ଆଇଟି ନିୟମ ମାନି ଚଳିବାକୁ ପଡ଼ିବ। ଏଥିରେ ସାଲିସ କରାଯିବ ନାହିଁ।

### ‘ମୋ ସହ ବି ଏମିତି ହୋଇଥିଲା’

କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଟୁଇଟ୍ ପରେ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ମଧ୍ୟ ପୂର୍ବରୁ ସମଦଶା ଭୋଗିଥିବା କହିଛନ୍ତି। ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ସଂସଦର ସ୍ଥାୟୀ କମିଟି ଅଧ୍ୟକ୍ଷ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ଆକାଉଣ୍ଟକୁ କାହିଁକି ବନ୍ଦ କରାଯାଇଥିଲା ସେନେଇ ଏହି ପ୍ଲାଟ୍‌ଫର୍ମକୁ ସ୍ପଷ୍ଟୀକରଣ ମଗାଯିବ। ବ୍ରିଟେନର ଏକ ସଂସ୍ଥାଠାରୁ ନୋଟିସ ପାଇଥିବା ଦର୍ଶାଇ ଆମେରିକୀୟ ଆଇନ ଅନୁସାରେ ଏକ ସର୍ଭିସ୍ ପ୍ରୋଭାଇଡର ରୂପେ ଟୁଇଟରର ଭୂମିକା ଭାରତରେ ଏହାର ପରିଚାଳନା ଉପରେ ପ୍ରଶ୍ନ ଉଠାଇଛି। ଇତିମଧ୍ୟରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଲେଖିଛନ୍ତି, ଟୁଇଟର କେନ୍ଦ୍ର ସରକାରଙ୍କ ଆଇଟି ରୁଲ୍ସ ଏବଂ ଦେଶର ଆଇନକୁ ଅସମ୍ମାନ କରିଛି। ଅଭିବ୍ୟକ୍ତିର ସ୍ୱାଧୀନତା କହୁଥିବା ଏହି ପ୍ଲାଟ୍‌ଫର୍ମ ନିଜେ ଅନ୍ୟମାନଙ୍କ ସ୍ୱରକୁ ଚପାଉଛି। ଗଣତନ୍ତ୍ରରେ ଏଭଳି ସ୍ୱେଚ୍ଛାଚାରିତାର ସ୍ଥାନ ନାହିଁ।



ଶଶୀ ଥରୁର

### ‘ପକ୍ଷ ରଖିବାକୁ ସୁଯୋଗ ଦେବା ଉଚିତ’

ୟୁଜରଙ୍କୁ କୌଣସି ଆଇନର ଉଲ୍ଲଂଘନ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନ ଦେଇ ତାଙ୍କ ଆକାଉଣ୍ଟ ଉପରେ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ନେବା ସୋସିଆଲ ମିଡିଆ ଇଣ୍ଟରମିଡିଆରି ପକ୍ଷେ ଅନୁଚିତ ବୋଲି ଶୁକ୍ରବାର ‘କୁ’ ସିଇଓ ଅପ୍ରମେୟ ରାଧାକ୍ରିଷ୍ଣନ୍ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କରଙ୍କ ଅକାଉଣ୍ଟ ଆମେରିକାର କପିରାଇଟ ଆଇନ ଉଲ୍ଲଂଘନ କରିବା ଅଭିଯୋଗରେ ଟୁଇଟର ଘଣ୍ଟାଏ ବନ୍ଦ କରିବା ପରେ ଅପ୍ରମେୟ ଏହା କହିଛନ୍ତି। ଅପ୍ରମେୟଙ୍କ ମତରେ ୟୁଜରଙ୍କୁ ଉଲ୍ଲଂଘନ ସମ୍ପର୍କରେ ବିବରଣୀ ଦିଆଗଲେ ସେ ତାକୁ ଗ୍ରହଣ କରିବେ କିମ୍ବା ନିଜ ପକ୍ଷ ରଖିପାରିବେ, ଯାହାକି ରବିଶଙ୍କରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିନାହିଁ।



ଅପ୍ରମେୟ ରାଧାକ୍ରିଷ୍ଣନ

## ୪ ଲକ୍ଷ ମୁହାଁ କୋଭିଡ୍ ମୃତ୍ୟୁ



ନୂଆଦିଲ୍ଲୀ, ୨୫।୬(ପି.ଟି.)

ଦେଶରେ ଗୋଟିଏ ଦିନରେ ୫୧,୬୬୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୧,୩୪,୪୪୫ରେ ପହଞ୍ଚିଛି। ସାପ୍ତାହିକ ପଜିଟିଭିଟି ହାର୍ ୩ ପ୍ରତିଶତକୁ ହ୍ରାସ ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୪ ଘଣ୍ଟାରେ ଭୂତାଣୁ ୧,୩୨୯ ଜଣଙ୍କ ଜୀବନ ନେଇଛି। ଏହାକୁ ମିଶାଇ ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୩,୯୩,୩୧୦ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୬,୧୨,୮୬୮କୁ ହ୍ରାସ ପାଇଛି। ଏହା ମୋଟ ସଂକ୍ରମଣର ୨.୦୩ ପ୍ରତିଶତ। ଦିନକରେ ସକ୍ରିୟ ମାମଲା ସଂଖ୍ୟା ୧୪,୧୮୯ କମିଥିବା ଜଣାପଡ଼ିଛି। କ୍ରମାଗତ ୪୩ ଦିନ ହେଲା ଆରୋଗ୍ୟ ସଂଖ୍ୟା ନୂଆ ସଂକ୍ରମଣଠାରୁ ଅଧିକ ରହିଛି। ବର୍ତ୍ତମାନ ସୁଦ୍ଧା ମୋଟ ୨,୯୧,୨୮,୨୬୭ ଜଣ କରୋନାରୁ ସୁସ୍ଥ ହେଲେଣି। ଆରୋଗ୍ୟ ହାର ୯୬.୬୬ ପ୍ରତିଶତକୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ ଦୈନିକ ସଂକ୍ରମଣ ହାର ୨.୯୮ ପ୍ରତିଶତ ରହିଛି। ଗୁରୁବାର ୬୦.୭୩ ଲକ୍ଷ ଡୋଜ୍ କୋଭିଡ୍ ଟିକା ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୩୦.୭୯ କୋଟି ଡୋଜ୍ ଟିକା ଦିଆଗଲାଣି।

## ୟୁପିରେ ବି ଖେଲ୍ ହୋବେ




କାନପୁର, ୨୫।୬

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ‘ଖେଲା ହୋବେ’ ପ୍ରଚାରର ସଫଳତା ପରେ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ନେତାମାନେ ‘ଖେଲ ହୋଇ’ ଆହ୍ୱାନ ଦେଇଛନ୍ତି। କାନପୁରର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ‘ଖେଲ୍ ହୋଇ’ ହୋର୍ଡିଂ ଲଗାଯାଇଛି। ଏବେ ୟୁପିରେ ଖେଳ ହେବ ବୋଲି କାନପୁରର ଜଣେ ସମାଜବାଦୀ ପାର୍ଟି ନେତା କହିଛନ୍ତି। ଉକ୍ତ ହୋର୍ଡିଂରେ ଏସ୍‌ପିର ସାଇକେଲ ଚିହ୍ନ ସହିତ ଦଳ ଅଧ୍ୟକ୍ଷ ଅଖିଳେଶ ଯାଦବ, ସ୍ଥାନୀୟ ନେତା ଅଭିଷେକ ଗୁପ୍ତା ଏବଂ ଡ. ଇମ୍ରାନଙ୍କ ଫଟୋ ରହିଛି। ନିକଟରେ ଶେଷ ହୋଇଥିବା ଉତ୍ତରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ଏସ୍‌ପିକୁ ସଫଳତା ମିଳିଥିଲା। ଏବେ ଏହି ଦଳ ୨୦୨୨ ବିଧାନସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଯୋଗୀ ଆଦିତ୍ୟନାଥ ସରକାରକୁ ଚ୍ୟାଲେଞ୍ଜ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଟିଏମ୍‌ସିର ଲୋକପ୍ରିୟ ପ୍ରଚାର ‘ଖେଲ୍ ହୋବେ’ ଦ୍ୱାରା ଅନୁପ୍ରାଣିତ ହୋଇ ଏସ୍‌ପି ଅନୁରୂପ ଆହ୍ୱାନ ଦେଇଛି।

## ଏଫ୍‌ଏଟିଏଫ୍ ଗ୍ରେ ତାଲିକାରେ ରହିବ ପାକିସ୍ତାନ

ନୂଆଦିଲ୍ଲୀ, ୨୫।୬

ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ବନ୍ଦ କରିବାରେ ବିଫଳ ହୋଇଥିବା ପାକିସ୍ତାନକୁ ଫାଇନାନ୍ସ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଗ୍ରେ ତାଲିକାରେ ରଖିବା ଲାଗି ଶୁକ୍ରବାର ନିଷ୍ପତ୍ତି ନେଇଛି। ୨୦୧୮ ଜୁନ୍‌ରୁ ଇସ୍‌ଲାମାବାଦ ଏହି ତାଲିକାରେ ରହିଆସିଛି। ଏଥିରୁ ବାହାରିବା ପାଇଁ ପାକିସ୍ତାନ ଉଦ୍ୟମ ଚଳାଇଥିଲେ ମଧ୍ୟ ମୁକୁଳି ପାରୁନାହିଁ। ଏହି ଦେଶ ଆତଙ୍କବାଦୀଙ୍କ ବିରୋଧରେ କେତେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ହାଫିଜ ସୟିଦ, ମାସୁଦ୍ ଆଝାରଙ୍କ ଭଳି ଜାତିସଂଘ ତାଲିକାଭୁକ୍ତ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛି। ୨୭ଟି ପଦକ୍ଷେପ ମଧ୍ୟରୁ ଇସ୍‌ଲାମାବାଦ ୨୬ଟିରେ ଉଲ୍ଲେଖନୀୟ ଅଗ୍ରଗତି କରିଥିବା ଏଫ୍‌ଏଟିଏଫ୍ କହିଛି।

## ଆବଶ୍ୟକତାର ୪ ଗୁଣା ଅକ୍ସିଜେନ୍ ଦାବି କରିଥିଲେ ଦିଲ୍ଲୀ ସରକାର

ନୂଆଦିଲ୍ଲୀ, ୨୫।୬(ପି.ଟି.)

- କେଜ୍‌ରିୱାଲଙ୍କ ଇସ୍ତଫା ଦାବି
- ଭାଜପା ମିଛ ରିପୋର୍ଟ ପ୍ରସ୍ତୁତ କରି ବିଭ୍ରାନ୍ତ କରୁଛି: ସିସୋଡିଆ

କୋଭିଡ୍ ଦ୍ୱିତୀୟ ଲହର ବେଳେ ଦିଲ୍ଲୀ ସରକାର ଆବଶ୍ୟକତାଠାରୁ ବହୁ ଅଧିକ ଅକ୍ସିଜେନ୍ ପାଇଁ କେନ୍ଦ୍ର ନିକଟରେ ଦାବି କରିଥିଲେ ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଅଡିଟ୍ କମିଟି ରିପୋର୍ଟ ଦେବା ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ଭାଜପା ଏବଂ କଂଗ୍ରେସର ଦିଲ୍ଲୀ ୟୁନିଟ୍ ଶୁକ୍ରବାର କେଜ୍‌ରିୱାଲଙ୍କ ଇସ୍ତଫା ଦାବି କରିଛନ୍ତି। ଦାୟିତ୍ୱହୀନତା ପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଅକ୍ସିଜେନ ଅଭାବରୁ ରୋଗୀଙ୍କ ମୃତ୍ୟୁ ହେବା ପାଇଁ କେଜ୍‌ରିୱାଲ ସରକାର ଦାୟୀ ବୋଲି ଦିଲ୍ଲୀ ଭାଜପା ଅଧ୍ୟକ୍ଷ ଆଦେଶ ଗୁପ୍ତା କହିଛନ୍ତି। ସେହିପରି ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅନିଲ ଚୌଧୁରୀ ମଧ୍ୟ କେଜ୍‌ରିୱାଲଙ୍କୁ ଟାର୍ଗେଟ କରିଛନ୍ତି। ତାଙ୍କର ଦାୟିତ୍ୱହୀନ ଦାବି ପାଇଁ ଅନ୍ୟ ୧୨ଟି ରାଜ୍ୟକୁ ଅକ୍ସିଜେନ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। କେଜ୍‌ରିୱାଲଙ୍କ ପାଇଁ ଲୋକେ ମଲେ। ଘାତକ ମୁଖ୍ୟମନ୍ତ୍ରୀ ଗାଦି ଛାଡ଼ନ୍ତୁ ବୋଲି ଅନିଲ ଟୁଇଟ୍ କରିଛନ୍ତି। ଦିଲ୍ଲୀ ସରକାରଙ୍କ ବିରୋଧରେ ଏତଲା ଦାଏର ସହ ଏହାକୁ ବରଖାସ୍ତ କରିବା ପାଇଁ ପୂର୍ବତନ ମନ୍ତ୍ରୀ ଡ. ନରେନ୍ଦ୍ର ନାଥ ଏବଂ ପୂର୍ବତନ ବିଧାୟକ ଆଦର୍ଶ ଶାସ୍ତ୍ରୀ ଦାବି କରିଛନ୍ତି। ଦିଲ୍ଲୀ ଆବଶ୍ୟକତାଠାରୁ ୪ ଗୁଣ ଅଧିକ ଅକ୍ସିଜେନ ପାଇଥିବାବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଲା ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ନିଯୁକ୍ତ ଅକ୍ସିଜେନ ଅଡିଟ୍ କମିଟି ଏଭଳି ରିପୋର୍ଟରେ ସ୍ୱାକ୍ଷର କରିନାହିଁ କିମ୍ବା ଏହାକୁ ଅନୁମୋଦନ ଦେଇନାହିଁ। ଭାଜପା ଏଭଳି ମିଛ ରିପୋର୍ଟ ପ୍ରସ୍ତୁତ କରି ବିଭ୍ରାନ୍ତ କରୁଛି ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଅଭିଯୋଗ କରିଛନ୍ତି।

# ବିଲ୍ଡିଂ ଧସିଲା, ୯/୧୧ ମନେପଡ଼ିଲା

### ଜଣେ ମୃତ, ୧୫୯ ନିଖୋଜ

ୱାଶିଂଟନ,୨୫।୬



ଆମେରିକାର ଫ୍ଲୋରିଡାସ୍ଥିତ ମିଆମି ସହରରେ ୧୨ ମହଲା ବିଶିଷ୍ଟ ଏକ ୪୦ ବର୍ଷ ପରୁଣା କୋଠା ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୫୯ ଜଣ ବାସିନ୍ଦା ନିଖୋଜ ହୋଇଯାଇଛନ୍ତି। ନିଖୋଜଙ୍କ ମଧ୍ୟରେ କେତେଜଣ ଲାଟିନ ଆମେରିକୀୟ ଅଛନ୍ତି। ପାରାଗୁଏର ପ୍ରଥମ ମହିଳା ସିଲ୍‌ଭାନା ଲୋପେଜ୍ ମୋରେଆଙ୍କ ଭଉଣୀ, ଜ୍ୱାଇଁ, ୩ ପିଲା ଓ ଚାକରଙ୍କୁ ମଧ୍ୟ ଉଦ୍ଧାରକାରୀ ଦଳ ଠାବ କରିପାରି ନାହାନ୍ତି। ଭଗ୍ନାବଶେଷ ତଳେ ଅନେକ ଚାପିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୩୫ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏହି ଦୁର୍ଘଟଣା ବେଳେ ବିଲ୍ଡିଂରେ କେତେଜଣ ଲୋକ ଥିଲେ ତାହା ସ୍ପଷ୍ଟ ହୋଇନାହିଁ। ମିଆମିର ଉତ୍ତରରେ ଅବସ୍ଥିତ ସର୍ଫସାଇଡ୍‌ରେ ଚାମ୍ପ୍ଲେନ୍ ଟାୱାର୍ସ ୧୯୮୦ରେ ନିର୍ମିତ ହୋଇଥିଲା। ସେଠାରେ ୧୩୦ ଫ୍ଲାଟ ରହିଥିଲା। ଏଥିରୁ ପ୍ରାୟ ଅଧା ୟୁନିଟ ପ୍ରଭାବିତ ହୋଇଛି। ହଠାତ୍ କୋଠା ଭୁଶୁଡ଼ିଯିବାରୁ ଖୁବ୍ ଜୋର୍‌ରେ ଶବ୍ଦ ଶୁଣିବାକୁ ମିଳିଲା। ଭୂକମ୍ପ ଭଳି ଅନୁଭବ ହେଲା। କୋଠା ଭାଙ୍ଗି ଧରାଶାୟୀ ହେବାବେଳକୁ ୯/୧୧ ଆତଙ୍କବାଦୀ ଆକ୍ରମଣରେ ନ୍ୟୁୟର୍କର ଟୁଇନ୍ ଟାୱାର୍ସ ଧସିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଯେଭଳି ଭାବେ କୋଠାଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ତାକୁ ଧ୍ୟାନରେ ରଖି ଅଘଟଣ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ଫ୍ଲୋରିଡା ଗଭର୍ନର ରୋନ୍ ଡିସେଣ୍ଟିସ୍ ଚେତାଇ ଦେଇଛନ୍ତି।

### ଭଗ୍ନାବଶେଷ ତଳୁ ୩୫ ଉଦ୍ଧାର

**ମୁମ୍ବାଇ,୨୫।୬:** ମୁମ୍ବାଇର ଫୋର୍ଟ ଏରିଆସ୍ଥିତ ଏକ କୋଠାର ଅଂଶ ଶୁକ୍ରବାର ସକାଳେ ଭୁଶୁଡ଼ିପଡ଼ିଛି। ବାଜୁ କୋଟାକ୍ ମାର୍ଗରେ ଥିବା ୫ ମହଲା ବିଶିଷ୍ଟ ଏହି ପୁରୁଣା ବିଲ୍ଡିଂର ତୃତୀୟ ଫ୍ଲୋରରେ ମହାରାଷ୍ଟ୍ର ହାଉସିଂ ଡେଭେଲପ୍‌ମେଣ୍ଟ ଅଥରିଟି (ଏମ୍‌ଏଚ୍‌ଏଡିଏ) ପକ୍ଷରୁ ରିପେୟାରିଂ କାମ ଚାଲିଥିବାବେଳେ ଏହାର ଛାତ ଧସିପଡ଼ିଥିଲା। ଅଗ୍ନିଶମ ବାହିନୀ ଓ ରେସ୍କ୍ୟୁ ଟିମ୍ ପହଞ୍ଚି ଭଗ୍ନାବଶେଷ ତଳୁ ୩୫ ଜଣଙ୍କୁ ଉଦ୍ଧାର କରିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।

## ତିବ୍ବତରେ ଚାଲିଲା ଚାଇନାର ବୁଲେଟ ଟ୍ରେନ୍

ବେଜିଂ, ୨୫।୬

ଚାଇନା ଶୁକ୍ରବାର ପ୍ରଥମ ଥର ପାଇଁ ତିବ୍ବତକୁ ସମ୍ପୂର୍ଣ୍ଣ ବୈଦ୍ୟୁତିକ ବୁଲେଟ ଟ୍ରେନ୍ ଚଳାଇଛି। ଏହି ଟ୍ରେନ୍ ପ୍ରାଦେଶିକ ରାଜଧାନୀ ଲାସାରୁ ଅରୁଣାଚଳକୁ ଲାଗିଥିବା ତିବ୍ବତର ସୀମାନ୍ତ ସହର ନିଙ୍ଗ୍‌ଚି ସହ ସଂଯୋଗ କରୁଛି। ଜୁଲାଇ ୧ରେ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଏହାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ସିଚୁଆନ-ତିବ୍ବତ ରେଲୱେର ୪୩୫.୫ କିଲୋମିଟର ଦୀର୍ଘ ଲାସା-ନିଙ୍ଗଚି ସେକ୍ସନକୁ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି। ଏହି ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଗତ ନଭେମ୍ବରରେ ଚାଇନା ରାଷ୍ଟ୍ରପତି ଶି ଜିଙ୍ଗ୍‌ପିନ୍ ନିର୍ଦ୍ଦେଶ ଦେଇଥିଲେ।

# ମାଟ୍ରିକ୍ ପରୀକ୍ଷାଫଳ: ମେଧାବୀ ଅସନ୍ତୁଷ୍ଟ

**ମହାମାରୀ କରୋନା ଯୋଗୁ ଚଳିତବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ସମ୍ଭବ ହୋଇପାରି ନ ଥିଲା। ବିକଳ୍ପ ବ୍ୟବସ୍ଥା ଭାବେ ସରକାରଙ୍କ ଦ୍ୱାରା ଗଠିତ କମିଟି ମୂଲ୍ୟାୟନ ପଦ୍ଧତି ବାହାର କରିଥିଲା। ତଦନୁଯାୟୀ ଶୁକ୍ରବାର ପ୍ରକାଶ ପାଇଛି ପରୀକ୍ଷାଫଳ। ପ୍ରଥମଥର ପାଇଁ ବିନା ପରୀକ୍ଷାରେ ପ୍ରକାଶ ପାଇଥିବା ଫଳକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତ୍‌ମାନେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି। ଅନେକ ଛାତ୍ରୀଛାତ୍ର ଖୁସି ବ୍ୟକ୍ତ କରିଥିବାବେଳେ ବହୁ ମେଧାବୀ ନିରାଶ ହୋଇଛନ୍ତି। ସ୍ଥିତି ସ୍ୱାଭାବିକ ହେଲେ ପରୀକ୍ଷା ଦେବାର ବ୍ୟବସ୍ଥା ଥିବାରୁ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଛି।**



ପରୀକ୍ଷାଫଳ ଜାଣିବା ପରେ ଭୁବନେଶ୍ୱର କ୍ୟାପିଟାଲ୍ ହାଇସ୍କୁଲ ପରିସରରେ ଛାତ୍ରମାନେ ଖୁସି ମନାଉଛନ୍ତି।

### ପରୀକ୍ଷା ହୋଇଥିଲେ ଅଧିକ ନମ୍ବର ରଖିଥାନ୍ତି



ମୋର ୮୫% ମାର୍କ ରହିଛି। ୯୦% ଉପରେ ରଖିବି ବୋଲି ଆଶା କରିଥିଲି। ପରୀକ୍ଷା ହୋଇଥିଲେ ନିଶ୍ଚୟ ଅଧିକ ରଖିଥାନ୍ତି। ସଂସ୍କୃତ ଓ ଗଣିତରେ ନମ୍ବର କମିଯାଇଛି। କିନ୍ତୁ ଆଉ ପରୀକ୍ଷା ଦେବି ନାହିଁ।

**- ଯାଜ୍ଞସେନୀ ବିଶ୍ୱାଳ, ଛାତ୍ରୀ, ଭୁବନେଶ୍ୱର**

### ପରୀକ୍ଷା ଦେଇଥିଲେ ଅଲଗା ଖୁସି ମିଳିଥାନ୍ତା



ଯେତିକି ଆଶା କରିଥିଲି ତାହା ମିଳିଛି। ମୋର ମୋଟ୍ ୮୩% ମାର୍କ ରହିଛି। କିନ୍ତୁ ପରୀକ୍ଷା ହୋଇଥିଲେ ଭଲ ହୋଇଥାନ୍ତା। ପରୀକ୍ଷା ଦେଇକି ଯଦି ଏତିକି ନମ୍ବର ରଖିଥାନ୍ତି ତେବେ ଅଲଗା ଖୁସି ମିଳିଥାନ୍ତା।

**- ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ, ଛାତ୍ରୀ, ଭୁବନେଶ୍ୱର**

### ସନ୍ତୁଷ୍ଟ ନୁହେଁ



ସ୍କୁଲ ପରୀକ୍ଷାରେ ମୋର ୯୪ ପ୍ରତିଶତ ମାର୍କ ଥିଲା। ତେଣୁ ବୋର୍ଡ ପରୀକ୍ଷାରେ ଅତି କମ୍‌ରେ ୯୬ % ନମ୍ବର ମିଳିବ ବୋଲି ଆଶା ଥିଲା। ମାତ୍ର ମୋତେ ୯୩ % ନମ୍ବର ମିଳିଛି। ସଂସ୍କୃତ, ଇଂଲିଶ, ସାମାଜିକ ବିଜ୍ଞାନ ଓ ଗଣିତରେ ନମ୍ବର କମିଛି। ଅନ୍ୟ ବିଷୟରେ ୧-୨ ନମ୍ବର କମ୍ ବେଶି ହୋଇଛି। ମାର୍କକୁ ନେଇ ମୁଁ ସନ୍ତୁଷ୍ଟ ନୁହେଁ।

**- ଦିବ୍ୟଜ୍ୟୋତି ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱର**

### ପ୍ରତିଭା ଅନୁସାରେ ନମ୍ବର ମିଳିଛି



ଚଳିତ ମାଟ୍ରିକ ପରୀକ୍ଷାରେ ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ପିଲା ପାସ୍ କରିଛନ୍ତି। ଯାହାର ପ୍ରତିଭା ବା ଦକ୍ଷତା ଯାହା, ସେମାନେ ସେହି ଅନୁପାତରେ ନମ୍ବର ପାଇଛନ୍ତି। ଏତିକିରେ ସନ୍ତୁଷ୍ଟ ନ ହେଲେ ପିଲାଙ୍କୁ ଅଧିକ କଷ୍ଟ କରିବାକୁ ପଡ଼ିବ। ସରକାର କୋଭିଡ୍ ନିୟମ ପାଳନ ସହ ଅଧିକ ନୂତନ ସେଣ୍ଟର କରି ପରୀକ୍ଷା କରାଇଥିଲେ କାହା ମନରେ ଅସନ୍ତୋଷ ରହି ନ ଥାନ୍ତା।

**- ଜଲିଲ୍ ଖାଁ, ଶିକ୍ଷାବିତ୍, ଭୁବନେଶ୍ୱର**

### ମନଇଚ୍ଛା ନମ୍ବର ଦେଇଛନ୍ତି



ମୋତେ ୯୩.୫% ପ୍ରତିଶତ ମିଳିଛି। ଅଧିକ ନମ୍ବର ପାଇଁ ଆଶା ରଖିଥିଲି। ଇଂଲିଶ, ଓଡ଼ିଆ ଓ ସଂସ୍କୃତରେ ନମ୍ବର କମିଛି। ବୋର୍ଡ କର୍ତ୍ତୃପକ୍ଷ ମନଇଚ୍ଛା ନମ୍ବର ଦେଇଛନ୍ତି। ଏହାଦ୍ୱାରା ମେଧାବୀ ଓ ଭଲ ପାଠ ପଢୁ ନ ଥିବା ପିଲାମାନେ ପ୍ରାୟତଃ ସମାନ ନମ୍ବର ରଖିଛନ୍ତି। ଆଗକୁ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି।

**- ଉଷସୀ କ୍ରିଷ୍ଣାପ୍ରିୟା ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ -୮, ଭୁବନେଶ୍ୱର**

### ଆଶାଜନକ ମାର୍କ ମିଳିନାହିଁ



ମୋ ଝିଅକୁ ୭୬ ପ୍ରତିଶତ ନମ୍ବର ମିଳିଛି। ତା'ର ଜ୍ଞାନ ତଥା ପରିଶ୍ରମ ଅନୁଯାୟୀ ମାର୍କ ମିଳିନାହିଁ। ଆଉଥରେ ପରୀକ୍ଷା ଦେବାକୁ ବି ସାହସ ହେଉନାହିଁ। କାରଣ ପରୀକ୍ଷା ଦେଲେ ବି ରେଜଲ୍ଟ କେବେ ବାହାରିବ ତା'ର କିଛି ଠିକ୍ ଠିକଣା ନାହିଁ। ତେଣୁ ଏହାକୁ ମାନି ଆଗକୁ ଯିବାକୁ ପଡ଼ିବ।

**- ରାଜ କିଶୋର ନାୟକ, ଅଭିଭାବକ, ଭୁବନେଶ୍ୱର**

### ପିଲାଙ୍କୁ ସେହି ସୁଯୋଗ ମିଳିଲାନି



ନବମ ଶ୍ରେଣୀରେ ପିଲାମାନେ ଏତେ ଆଗ୍ରହ ସହ ପଢ଼ି ନ ଥାନ୍ତି । ଦଶମରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେବାକୁ ଆଶା ରଖିଥାନ୍ତି। କିନ୍ତୁ ଚଳିବର୍ଷର ଭିନ୍ନ ମୂଲ୍ୟାୟନ ପଦ୍ଧତି କାରଣରୁ ପିଲାଙ୍କୁ ସେହି ସୁଯୋଗ ମିଳିଲାନାହିଁ । ହେଲେ ସରକାରଙ୍କ ଏହି ନିଷ୍ପତ୍ତିକୁ ଗ୍ରହଣ କରିବାକୁ ପଡ଼ିବ ।

**- ମଞ୍ଜୁଶ୍ରୀ ମିଶ୍ର, ଅବିଭାବକ, କଟକ**

### ୯୩ ପ୍ରତିଶତ ମାର୍କରେ ସନ୍ତୁଷ୍ଟ ନୁହଁ



ମୋର ୯୩ ପ୍ରତିଶତ ମାର୍କ ରହିଛି। ଏଥିରେ ମୁଁ ସନ୍ତୁଷ୍ଟ ନୁହାଁ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପୁଣିଥରେ ପରୀକ୍ଷା ଦେବାର ବିକଳ୍ପ ରହିଛି । କିନ୍ତୁ ଏବେ ଆମେ ଯୁକ୍ତ ୨ ପାଇଁ ପାଠ ପଢା ଆରମ୍ଭ କରିବୁ। ତେଣୁ ଆଗାମୀ ଅଧ୍ୟୟନ ପାଇଁ ଇମ୍ପ୍ରୁଭମେଣ୍ଟ ଟେଷ୍ଟ ମଧ ଦେଇ ପାରିବୁ ନାହିଁ ।

**- ପ୍ରଣବ କୁମାର ରାଉତ, ଛାତ୍ର କଟକ**

### ୨ ପ୍ରତିଶତ କମିଛି



ଚଳିତ ମାଟ୍ରିକ ପରୀକ୍ଷାରେ ୫୫୯ ମାର୍କ ସହ ୯୩.୧ପ୍ରତିଶତ ରଖିଛି। ପରୀକ୍ଷା ଲାଗି ସମସ୍ତ ପ୍ରସ୍ତୁତି ସରିଥିଲା। କୋଭିଡ୍ ବାଧକ ସାଜିଲା। ୯୫ପ୍ରତିଶତ ଆଶା ରଖିଥିଲି। ୨ପ୍ରତିଶତ କମିଛି। ମୋର ଏହି ସଫଳତା ପଛରେ ମା'ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ପ୍ରେରଣା ରହିଛି। ୨୦୧୯ ଜାତୀୟ ବିଜ୍ଞାନ କଂଗ୍ରେସରେ ଜାତୀୟ ସ୍ତରରେ ଯୋଗ ଦେଇଥିଲି। ପିଲାବେଳୁ ସ୍ୱପ୍ନକୁ ନେଇ ବଢ଼ି ଆସିଛି। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବି ବୋଲି ଆଶା ରଖିଛି।

**- ଦିଲୀପ କୁମାର ପାତ୍ର, ବିଜେବି ହାଇସ୍କୁଲ, ଖୋର୍ଦ୍ଧା**

### ଅଧିକ ନମ୍ବର ରହିଥାନ୍ତା



ମାଟ୍ରିକ ପରୀକ୍ଷାରେ ୯୬ ପ୍ରତିଶତ ଆଶା କରିଥିଲି। ୫୫୯ ମାର୍କ ସହ ୯୩.୧ ପ୍ରତିଶତ ରହିଛି। ଫଳାଫଳରେ ସନ୍ତୁଷ୍ଟ ନୁହେଁ। ପ୍ରତ୍ୟକ୍ଷ ପରୀକ୍ଷା ହୋଇଥିଲେ, ଏହା ଠାରୁ ଅଧିକ ନମ୍ବର ରଖିଥାନ୍ତି। ଗଣିତ ଓ ସଂସ୍କୃତରେ ମାର୍କ କମିଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ଏହାକୁ ଗ୍ରହଣ କରିଛି। ମୋର ସଫଳତା ପଛରେ ପରିବାର ଏବଂ ବିଦ୍ୟାଳୟ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଆଶୀର୍ବାଦ ରହିଛି। ପିଲାବେଳୁ ଜଣେ ବୈଜ୍ଞାନିକ ହେବା ସ୍ୱପ୍ନ ରହିଛି। ଏ ଦିଗରେ କ୍ୟାରିୟର ଗଢ଼ିବି।

**- ଶ୍ରୀଜନ ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା**

### ଘୋଷଣା ଅନୁଯାୟୀ ମାର୍କ ଦିଆଯାଇନି



କୋଭିଡ ଯୋଗୁ ଚଳିତ ବର୍ଷ ଦଶମ ପରୀକ୍ଷା ବାତିଲ ହୋଇଥିଲା। ସରକାର ୯ମ ମାର୍କରୁ ୪୦ ଏବଂ ଦଶମ ପ୍ରାକ୍ଟିସ ପରୀକ୍ଷାରୁ ୬୦ପ୍ରତିଶତ ମାର୍କ ଦେବାକୁ ଘୋଷଣା କରିଥିଲେ ମଧ ସେଭଳି ଦିଆଯାଇନାହିଁ। ୫୪୬ ମାର୍କ ସହ ୯୧% ରଖିଛି। କିନ୍ତୁ ମାର୍କରେ ସନ୍ତୁଷ୍ଟ ନୁହେଁ। ପରୀକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଥିଲି। ପରୀକ୍ଷା ହୋଇଥିଲେ ଏହାଠାରୁ ଅଧିକ ମାର୍କ ରଖିଥାନ୍ତି। ଦୈନିକ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଆଶା ରଖିଛି।

**- ସ୍ମୃତି ରଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା**

### ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ



ଦଶମ ଶ୍ରେଣୀ ପରୀକ୍ଷା ସବୁ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଚ୍ୟାଲେଞ୍ଜ। କାରଣ ଏହି ପରୀକ୍ଷାରୁ ହିଁ ସେମାନଙ୍କ ଭବିଷ୍ୟତ ଗଢ଼ିବାର ମୂଳଦୁଆ ପଡ଼ିଥାଏ। ଚଳିତବର୍ଷ ମହାମାରୀ କରୋନା ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ନମ୍ବର ଏବଂ ଦଶମ ଶ୍ରେଣୀ ପରୀକ୍ଷା ନମ୍ବରକୁ ଆଧାର କରି ଯେଉଁ ଫଳାଫଳ ଘୋଷଣା କରିଛନ୍ତି ତାହା ସ୍ୱାଗତଯୋଗ୍ୟ।

**- ନରେନ୍ଦ୍ର ବିହାରୀ ଦାସ, ଅଭିଭାବକ, ବାଲେଶ୍ୱର**

### ମେଧାବୀ ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରିପାରିନାହାନ୍ତି



କରୋନା ପାଇଁ ଶିକ୍ଷା ବିଭାଗ ଯେଉଁ ପଦକ୍ଷେପ ନେଇଛି ତାହା ସ୍ୱାଗତଯୋଗ୍ୟ। ମାଟ୍ରିକ ପରୀକ୍ଷା କରାଯାଇଥିଲେ ମେଧାବୀ ଛାତ୍ରୀଛାତ୍ର ତାଙ୍କର ଦକ୍ଷତା ଅନୁସାରେ ନମ୍ବର ପାଇଥାନ୍ତେ। ଯେହେତୁ ନବମ ଶ୍ରେଣୀ ନମ୍ବରକୁ ଏକ ମାପଦଣ୍ଡ ରଖାଗଲା ସେଥିପାଇଁ ମେଧାବୀ ଛାତ୍ରୀଛାତ୍ର ଉପଯୁକ୍ତ ପ୍ରଦର୍ଶନ କରିପାରିନାହାନ୍ତି।

**- ବିନୋଦ ପଣ୍ଡା, ବରିଷ୍ଠ ଶିକ୍ଷକ, ବାଲେଶ୍ୱର**

### ୯୬ ପ୍ରତିଶତ ମାର୍କ ଆଶା ରଖିଥିଲି



ଚଳିତବର୍ଷ ମହାମାରୀ କରୋନା ଯୋଗୁ ମାଟ୍ରିକ ପରୀକ୍ଷା ହୋଇନ ପାରି ଯେଉଁଭଳି ଭାବରେ ଫଳାଫଳ ପ୍ରକାଶ ପାଇଲା ସେଥିରେ ଆଦୌ ମୁଁ ସନ୍ତୁଷ୍ଟ ନୁହେଁ। ନବମ ଶ୍ରେଣୀ ପରୀକ୍ଷା ପାଇଁ ଦିନକୁ ୬/୭ ଘଣ୍ଟା ପଢୁଥିବା ବେଳେ ଦଶମ ଶ୍ରେଣୀ ପରୀକ୍ଷା ପାଇଁ ୧୦ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲି। ପରୀକ୍ଷା ହୋଇଥିଲେ ୯୬ ପ୍ରତିଶତରୁ ଅଧିକ ନମ୍ବର ରଖିବା ପାଇଁ ଆଶା କରିଥିଲି। ହେଲେ ମାତ୍ର ୫୫୩ ନମ୍ବର ମିଳିଛି। ଯାହାକି ୯୨ ପ୍ରତିଶତ। ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖି ଏବେ ଠାରୁ ଯୁକ୍ତ୨ ବିଜ୍ଞାନ ସହିତ ଇଞ୍ଜିନିୟରିଂ କୋଚିଂ ନେବା ଆରମ୍ଭ କରିଛି।

**- ତନ୍ମୟ ପଣ୍ଡା, ଛାତ୍ର, ମାଣିଖମ୍ଭ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲେଶ୍ୱର**

### ବିକଳ୍ପ ଭାବେ ପରୀକ୍ଷା କରିବାର ଥିଲା



ଯେତେବେଳେ ନବମ ଓ ଦଶମ ମାର୍କ ମିଶାଇ ନମ୍ବର ଦେବା ପାଇଁ ବ୍ୟବସ୍ଥା ହେଲା ସେତେବେଳେ ଭଲ ପିଲାମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆମେ ଆଶଙ୍କା କରିଥିଲୁ। ତାହା ହିଁ ହୋଇଛି। ଯେଉଁମାନେ ୯୦ରୁ ୯୭% ନମ୍ବର ଆଶା କରୁଥିଲେ, ସେମାନଙ୍କର କମିଯାଇଛି। କିନ୍ତୁ ସଂଖ୍ୟାଧିକ ପିଲାଙ୍କର ଭଲ ରେଜଲ୍ଟ ହୋଇଛି। କିଛି ମେଧାବୀ ପିଲାଙ୍କ ଭିତରେ ମଧ ପ୍ରତିକ୍ରିୟା ରହିବ ଯେ, ମୋ ଜୀବନରେ ମାଟ୍ରିକ ପରୀକ୍ଷା ଦେଇପାରିଲିନି, ମୋତେ ସେମିତି ନମ୍ବର ଦିଆଗଲା। ମୋଟାମୋଟି ଭାବେ କହିବାକୁ ଗଲେ, ଏଭଳି କଠିନ ପରିସ୍ଥିତିରେ ଆମେ ଯଦି ଟେକ୍ନୋଲୋଜିର ବିକାଶ କରି ବିକଳ୍ପ ସ୍ୱରୂପ ସବୁ ପିଲାଙ୍କର ପରୀକ୍ଷା କରିପାରିଥାନ୍ତେ, ସେଥିରେ କୌଣସି ପିଲାଙ୍କର କିଛି ଆପତ୍ତି ରହି ନ ଥାନ୍ତା।

**- ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ପାଦକ, ଓଷ୍ଟା**

### ମେଧାବୀଙ୍କ ଲାଗି ଲାଭଦାୟକ ନୁହେଁ



ଚଳିତବର୍ଷ କରୋନା ଯୋଗୁ ମାଟ୍ରିକ୍ ପରୀକ୍ଷା ବାତିଲ ହୋଇଥିଲା। ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳ ଓ ଦଶମ ଶ୍ରେଣୀ ପରୀକ୍ଷା ନମ୍ବରକୁ ନେଇ ମାଟ୍ରିକ ମୂଲ୍ୟାୟନ ହୋଇଛି। ଏଣୁ ଯେଉଁ ପିଲା ନବମରେ ଟିକେ ଦୁର୍ବଳ ଥିଲେ ସେମାନେ ଦଶମରେ ମଧ ଅଳ୍ପ ନମ୍ବର ରଖିଛନ୍ତି। ପ୍ରାୟତଃ ଛାତ୍ରୀଛାତ୍ର ପୁନଃ ପରୀକ୍ଷା ଦେବା ପାଇଁ ଆବେଦନ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ଏଭଳି ମୂଲ୍ୟାୟନ ଲାଭଦାୟକ ନୁହେଁ।

**- ଅଶୋକ କୁମାର ଶତପଥୀ, ଶିକ୍ଷକ, ଭଦ୍ରକ ଜିଲା ସ୍କୁଲ**

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ପରୀକ୍ଷାଫଳ ଭଲ ହୋଇଛି। ମାର୍କ ଅଧିକ ରହିବ ବୋଲି ଆଶା ଥିଲା। ୫୫୩ (ଏ୧) ମାର୍କ ୯୨.୧୬ ପ୍ରତିଶତ ରଖି ମୁଁ ସ୍କୁଲ ଟପ୍ପର ହୋଇଛି। ଭବିଷ୍ୟତରେ ଡାକ୍ତର ହେବାକୁ ମୁଁ ଆଶା ରଖିଛି।

**- ହେନା କାଦ୍ରୀ, ଛାତ୍ରୀ, ଭଦ୍ରକ ଜିଲା ସ୍କୁଲ**

### ପରୀକ୍ଷା ହୋଇଥିଲେ ଅଧିକ ମାର୍କ ରହିଥାନ୍ତା



ଚଳିତବର୍ଷ କୋଭିଡ୍ ମହାମାରୀ ଯୋଗୁ ପରୀକ୍ଷା ହେବା ସମ୍ଭବ ନ ଥିଲା। ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ମୁଁ ପରୀକ୍ଷାରେ ୫୪୯ ନମ୍ବର ରଖି ଏ୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛି। କିନ୍ତୁ ପରୀକ୍ଷା ହୋଇଥିଲେ ଅଧିକ ମାର୍କ ରହିଥାନ୍ତା।

**- ଅଭିଲିପ୍ସା ପାଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝର**

### ପରୀକ୍ଷାଫଳ ଆଶାନୁରୂପ ହୋଇନି



ଚଳିତବର୍ଷ ମାଟ୍ରିକ ପରୀକ୍ଷା ହୋଇଥିଲେ ଭଲ ହୋଇଥାନ୍ତା। ପରୀକ୍ଷାଫଳ ଆଶାନୁରୂପ ହୋଇନାହିଁ। ମୋ ପୁଅ ସ୍ନେହାଶିଷ ୬୮ ପ୍ରତିଶତ ମାର୍କ ରଖିଛି, ପରୀକ୍ଷା ହୋଇଥିଲେ ୮୦% ରଖିଥାନ୍ତା।

**- ଉମାଶଙ୍କର ସାହୁ, ଅଭିଭାବକ, କେନ୍ଦୁଝର**

### ଶିକ୍ଷକଙ୍କ ଉଦ୍ୟମରୁ ସଫଳତା ମିଳିଛି



ଲୁଣିବାହାଲ ପଲ୍ଲୀବିକାଶ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ ଉଚ୍ଚକୋଟୀର ଥିଲା। ପ୍ରତିଦିନ ବିଦ୍ୟାଳୟକୁ ଯିବା ସହ ପାଠପଢାକୁ ଗୁରୁତ୍ୱ ଦେଉଥିଲି। ମୋର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଉଦ୍ୟମ କରିଛନ୍ତି। ସେହିପରି ପିତା ବ୍ରଜେନ୍ଦ୍ର ପ୍ରଧାନ ଓ ମାତା ଯାହ୍ନବୀ ପ୍ରଧାନଙ୍କ ପ୍ରେରଣା ରହିଛି। ଆଗାମୀ ଦିନରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**- ମଧୁସୂଦନ ପ୍ରଧାନ, ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ, ଲୁଣିବାହାଲ, ବୌଦ୍ଧ**

### ଫେଲ୍ ପିଲାଙ୍କୁ ପାସ୍ କରାଯାଉ



ମାଟ୍ରିକ ଫଳକୁ ସ୍ୱାଗତ କରୁଛି। କିନ୍ତୁ ଅନୁପସ୍ଥିତ ଓ ମାର୍କ ନ ମିଳିବା ଯୋଗୁ ଫେଲ୍ କରିବା ଦ୍ୱାରା ଅଭିଭାବକମାନେ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ଏଥିପାଇଁ ଛାତ୍ରୀଛାତ୍ରମାନେ ମାନସିକ ଚାପ ପାଇଲେ। ବିନା ପରୀକ୍ଷାରେ ସବୁ ପାସ୍ କଲେ, ମାତ୍ର ନବମ ପରୀକ୍ଷାରେ କୌଣସି କାରଣବଶତଃ ପରୀକ୍ଷା ଦେଇ ପାରି ନ ଥିବା ପିଲାଙ୍କୁ ଏକ ସୁଯୋଗ ଦିଆଯାଉ ଓ ପାସ୍ କରାଯାଉ। ମାର୍କ ଆସି ନ ଥିବା ପିଲାଙ୍କୁ ତୁରନ୍ତ ପାସ୍ ସହ ଦାୟୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**- ବାସୁଦେବ ଭଟ୍ଟ, ଅଧକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

### ଦକ୍ଷତା ପ୍ରମାଣର ସୁଯୋଗ ମିଳିଲାନି



ପରୀକ୍ଷା ହୋଇ ନ ଥିବାରୁ ଦକ୍ଷତା ପ୍ରମାଣ କରିବାର ସୁଯୋଗ ମିଳିଲା ନାହିଁ। ପରୀକ୍ଷା ଦେଇଥିଲେ ଅଧିକ ଖୁସି ହୋଇଥାନ୍ତି। ଆଶାଠାରୁ କମ୍ ମାର୍କ ମିଳିଛି। ମୂଲ୍ୟାଙ୍କନ ପୂର୍ବ ନମ୍ବର ଅନୁଯାୟୀ ହୋଇଥିବାରୁ ମାଟ୍ରିକ୍ ପରୀକ୍ଷା ପାଇଁ ଯେଉଁ ଅତିରିକ୍ତ ପରିଶ୍ରମ କରିଥିଲି ତାହା ବୃଥା ଗଲା।

**- ଅଙ୍କିତ ଅଞ୍ଜନୟ ସାମନ୍ତରାୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘୋଡ଼ାବଜାର, ପୁରୀ**

### ମାର୍କରେ ସନ୍ତୁଷ୍ଟ ନୁହେଁ



ମୂଲ୍ୟାୟନ ପ୍ରକ୍ରିୟାକୁ ନେଇ ସନ୍ତୁଷ୍ଟ ନୁହେଁ। ବର୍ତ୍ତମାନ ମୋତେ ୯୦ ପ୍ରତିଶତ ମାର୍କ ସହ ଏ-୧ ଗ୍ରେଡ୍ ମିଳିଛି। ଆଶା ଥିଲା ୯୫ ପ୍ରତିଶତରୁ ଅଧିକା ମାର୍କ ପାଇଁ। ୯ ଶ୍ରେଣୀ ମାର୍କ ଅଧାରରେ କରାଯାଇଥିବା ମାର୍କିଂ ମୋର ଆଶା ନ ଥିଲା। ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ବହୁତ ପରିଶ୍ରମ କରିଥିଲି। ସରକାର ପୁଣିଥରେ ପରୀକ୍ଷା ବ୍ୟବସ୍ଥା କରନ୍ତୁ।

**- ଭୋଲେଣ୍ଟିନା ରାଉଳ, ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର**

### ପୁଣି ପରୀକ୍ଷା ବ୍ୟବସ୍ଥା ହେଉ



ଆଶା ଥିଲା ୯୦% ମାର୍କ ସହ ଏ-୧ଗ୍ରେଡ୍ ହେବ, ହେଲେ ମୋତେ ଏ-୨ ଗ୍ରେଡ୍ ମିଳିଛି। ସରକାରଙ୍କ ପକ୍ଷରୁ ଯେଉଁଭଳି ଭାବେ ମୂଲ୍ୟାଙ୍କନ ପ୍ରସ୍ତୁତ କରାଯାଇଛି, ସେଥିରେ ମୁଁ ସନ୍ତୁଷ୍ଟ ନୁହେଁ। ମୋ ଭଳି ବହୁ ମେଧାବୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ପୁଣି ଥରେ ପରୀକ୍ଷା କରିବା ଆବଶ୍ୟକ।

**- ରିତିକା ପାତ୍ର, ପୌର ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର**

### ମୂଲ୍ୟାୟନ ପଦ୍ଧତି ଠିକ୍ ହୋଇନାହିଁ



ମହାମାରୀ ସମୟରେ ନୂତନ ପଦ୍ଧତିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାଫଳ ପ୍ରକାଶିତ ହୋଇଛି। ହେଲେ ମୂଲ୍ୟାୟନ ଠିକ୍ ଭାବେ କରାଯାଇନାହିଁ। ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଯୋଗୁ ମେଧାବୀ ଛାତ୍ରୀଛାତ୍ର ଚାପଗ୍ରସ୍ତ ହେବା ଆଶଙ୍କା ରହିଛି। ପାରମ୍ପରିକ ଭାବେ ପରୀକ୍ଷା ହୋଇଥିଲେ ପାସ୍ ହାର ଏବଂ ଫଳାଫଳ ଭିନ୍ନ ହୋଇଥାଆନ୍ତି। କୋଭିଡ୍ ସମୟରେ ଅନ୍ୟ ବିକଳ୍ପ ନ ଥିବାରୁ ଜଣେ ଅଭିଭାବକ ଭାବେ ଏହାକୁ ମାନିବାକୁ ବାଧ ହେଉଛୁ।

**- ଶ୍ରୀକାନ୍ତ କୁମାର ରଥ, ଅଭିଭାବକ, ଢେଙ୍କାନାଳ**

### ପିଲାଙ୍କ ପରିଶ୍ରମର ମୂଲ୍ୟ ଜଣାପଡ଼ିଲାନି



ଚଳିତବର୍ଷ ମାଟ୍ରିକ ପରୀକ୍ଷା ହୋଇଥିଲେ ପିଲାଙ୍କ ପରିଶ୍ରମର ମୂଲ୍ୟ ଜଣାପଡ଼ିଥା'ନ୍ତା। ବୋର୍ଡ ପକ୍ଷରୁ କରାଯାଇଥିବା ମୂଲ୍ୟାୟନରେ ଅନେକ ଫରକ୍ ଜଣାପଡୁଛି। ଅନେକ ମେଧାବୀ ଛାତ୍ରୀଛାତ୍ର କମ୍ ମାର୍କ ପାଇଥିବା ଅଭିଯୋଗ ଉଠିଲାଣି। ମୋ ଝିଅ ପିନାଲି ପ୍ରିୟଦର୍ଶିନୀ ଫଳାଫଳକୁ ନେଇ ସନ୍ତୁଷ୍ଟ ନୁହେଁ। ପରୀକ୍ଷା ହୋଇଥିଲେ ଅଧିକ ନମ୍ବର ରଖିଥାଆନ୍ତା

**- ଗୀତାଞ୍ଜଳି ପ୍ରଧାନ, ଅଭିଭାବିକା, ଢେଙ୍କାନାଳ**

### ଫେଲ୍ ପିଲାଙ୍କୁ ଗ୍ରେସ୍ ମାର୍କରେ ପାସ୍ କରାଯାଉ



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ମାଟ୍ରିକ ପରୀକ୍ଷା ବାତିଲ ହେବା ସ୍ୱାଗତଯୋଗ୍ୟ। ହେଲେ କେତେଜଣ ଛାତ୍ରୀଛାତ୍ର ଫେଲ୍ ହେବା ନେଇ ଅସନ୍ତୋଷ ରହିଛି। ପରୀକ୍ଷାରେ ବହୁ ମେଧାବୀ କମ୍ ମାର୍କ ରଖୁଥିବା ଏବଂ ପଛ ଧାଡ଼ିର ଶିକ୍ଷାର୍ଥୀ ଆଗକୁ ଯିବା ନଜିର ଅଛି। ଏହାବ୍ୟତୀତ ପତ୍ର ବିନିମୟ ପାଠ୍ୟକ୍ରମ ଶିକ୍ଷାର୍ଥୀଙ୍କୁ ପ୍ରାୟତଃ ପାସ କରାଯାଇଛି। ପରୀକ୍ଷା ଫଳରେ ଅସନ୍ତୁଷ୍ଟମାନେ ଆଉ ଥରେ ପରୀକ୍ଷା ଦେବା ନିଷ୍ପତ୍ତି ପରିବର୍ତ୍ତେ ଫେଲ୍ ପିଲାଙ୍କୁ ଗ୍ରେସ୍ ମାର୍କ ଦେଇ ପାସ କରାଯାଉ।

**- ଶିକ୍ଷାବିତ ଡ. ସର୍ବେଶ୍ୱର ସେଣ, କେନ୍ଦ୍ରାପଡ଼ା**

### ଇତିହାସ, ଭୂଗୋଳରେ ମାର୍କ କମିଗଲା



ପରୀକ୍ଷାଫଳକୁ ନେଇ ବହୁତ ଖୁସି। ଯଦିଓ ଇତିହାସ ଓ ଭୂଗୋଳରେ କିଛି ମାର୍କ କମିଗଲା ତଥାପି ୯୨% ନମ୍ବର ପାଇ ଏ-୧ ଗ୍ରେଡ୍ ପାଇଛି। ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପଢ଼ିବାକୁ ଆଗ୍ରହୀ।

**- ସରୋଜ କୁମାର ଦାସ, ପରୀକ୍ଷାର୍ଥୀ, ବୃନ୍ଦାବନ ବିଦ୍ୟାପୀଠ, ଜଗତ୍‌ସିଂହପୁର**

### ପରୀକ୍ଷା ହୋଇଥିଲେ ଅଧିକ ନମ୍ବର ରଖିଥାନ୍ତି



ମୁଁ ଅଧିକ ପରିଶ୍ରମ କରି ପ୍ରସ୍ତୁତ ହୋଇଥିଲି। ପରୀକ୍ଷା ହୋଇଥିଲେ ଅଧିକ ନମ୍ବର ରଖିଥାନ୍ତି ବୋଲି ମୋର ବିଶ୍ୱାସ। ପ୍ରି-ବୋର୍ଡରେ ୯୬ ପ୍ରତିଶତ ନମ୍ବର ରଖିଥିଲି। ଏବେ ୯୩.୬ ପ୍ରତିଶତ ନମ୍ବର ରହିଛି। ପୁଣି ପରୀକ୍ଷା ହେଲେ ସମୟ ଆବଶ୍ୟକ। ତେଣୁ ମୁଁ ସମୟ ନଷ୍ଟ ନ କରି ଯୁକ୍ତ୨ ପାଇଁ ପ୍ରସ୍ତୁତ ହେବାକୁ ଚାହୁଁଛି।

**- ଶାଶ୍ୱତୀ ରଥ, ଛାତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାୟଗଡ଼ା**

### ୯୦ ପ୍ରତିଶତ ପାଇ ମୁଁ ଖୁସି



ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର,ଉମରକୋଟ,ସ୍କୁଲରେ ପାଠ ପଢୁଥିଲି। ମୁଁ ଶତକଡ଼ା ୯୦% ନମ୍ବର ରଖି ମାଟ୍ରିକ୍‌ରେ ପାସ୍ କରିଛି। ଏବେ ମୁଁ ଖୁସି ଅଛି। ଯଦି ପରୀକ୍ଷା ହୋଇଥାନ୍ତା ତା'ହେଲେ ମୁଁ ଅଧିକ ନମ୍ବର ରଖିଥାନ୍ତି ବୋଲି ମୋର ବିଶ୍ୱାସ। ମୁଁ କିନ୍ତୁ ଏବେ ସେସବୁ ନ ଭାବି ଯୁକ୍ତ ୨ ଉପରେ ଧ୍ୟାନ ଦେଇ ଆଗକୁ ଭଲ ରେଜଲ୍ଟ କରିବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତାର ଶ୍ରେୟ ମୋର ମା' ବାପା, ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଦେବି।

**- ପ୍ରତୀକ୍ଷା ମହାନ୍ତି, ଛାତ୍ରୀ, ଉମରକୋଟ**

### ଫଳକୁ ନେଇ ସନ୍ତୁଷ୍ଟ



ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ସନ୍ତୋଷଜନକ। ପିଲାମାନଙ୍କ ପରିଶ୍ରମ ତୁଳନାରେ ସେଭଳି ରେଜଲ୍ଟ ହୋଇ ନ ଥିଲେ ମଧ ଏଭଳି ମହାମାରୀ ସମୟରେ ପରୀକ୍ଷା ନ ହୋଇ ଫଳ ପ୍ରକାଶ ପାଇବା ଆଶ୍ୱସ୍ତ ଦେଇଛି। ଏ ଦିଗରେ ଅଧିକ ଦୃଷ୍ଟି ଦିଆଯାଇଥିଲେ ପିଲାମାନେ ଆହୁରି ଅଧିକ ଭଲ କରିପାରିଥାନ୍ତେ।

**-ରାଧାକାନ୍ତ ତ୍ରିପାଠୀ, ଅଭିଭାବକ, ଅନୁଗୋଳ**

### ଅଧିକ ନମ୍ବର ଆଶାଥିଲା



ମାଟ୍ରିକ୍ ପରୀକ୍ଷା ପୂର୍ବରୁ ପିଲାମାନଙ୍କ ମଧରେ ପ୍ରତିଯୋଗିତା ମନୋଭାବ ବଢ଼ିଯାଇଥାଏ। ଅଧିକ ନମ୍ବର ରଖିବାକୁ ସେମାନେ ଉଦ୍ୟମ କରିଥାନ୍ତି। ତେଣୁ ଚଳିତବର୍ଷ ପରୀକ୍ଷା ନ କରାଯାଇ ପୂର୍ବ ଫଳାଫଳକୁ ଆଧାର କରି ମୂଲ୍ୟାୟନ ହୋଇଥିବାରୁ ନମ୍ବର କମିଯାଇଛି। ପରୀକ୍ଷା କରାଯାଇଥିଲେ ଅଧିକ ନମ୍ବର ଆଶା କରାଯାଇଥାନ୍ତା।

**- ସଂଯୁକ୍ତା ମହାରଣା, ଅଭିଭାବକ, ଅନୁଗୋଳ**

**ଆଜିର ମନ୍ତବ୍ୟ**
୨୦୨୪ ସାଧାରଣ ନିର୍ବାଚନରେ ଭାଜପାର ମୁକାବିଲା ପାଇଁ ଗଠିତ ହେବାକୁ ଥିବା ତୃତୀୟ ସାମ୍ମୁଖ୍ୟରୁ କଂଗ୍ରେସକୁ ବାଦ୍ ଦିଆଯାଇପାରିବ ନାହିଁ। **-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**

**ଜନ୍ମଦିନର ଶୁଭେଚ୍ଛା**
ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ବାବୁ
ପରିବାରବର୍ଗ

ଓମ୍
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମ୍ୟାଲେରିଆ ଶୂନ୍ୟ ହେବ ଓଡ଼ିଶା

- ୩ ବର୍ଷରେ ୯୦ ପ୍ରତିଶତ ହ୍ରାସ ପାଇଛି ମାରାତ୍ମକ ଜ୍ୱର
- ଓଡ଼ିଶା ମଡେଲକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ୱୀକୃତି
- ଆଗୁଆ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଓଡ଼ିଶା ମ୍ୟାଲେରିଆ ଶୂନ୍ୟ ରାଜ୍ୟ ଭାବେ ଅଗ୍ରସର ହେବା ଆରମ୍ଭ କରିଛି । ୨୦୧୬ରୁ ୨୦୧୯ ମଧ୍ୟରେ ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟାରେ ୯୦ ପ୍ରତିଶତ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ମୃତ୍ୟୁ ସଂଖ୍ୟା ୭୭ରୁ ୯କୁ ଖସିଛି। ୨୦୨୦ରେ ମଧ୍ୟ ଏହି ଧାରା ବଜାୟ ରହିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକରୁ ଏହି ସୂଚନା ମିଳିଛି। ଚଳିତ ବର୍ଷ ସମ୍ଭାବ୍ୟ ମ୍ୟାଲେରିଆ ସଂକ୍ରମଣ ପ୍ରତିରୋଧ ନିମନ୍ତେ ଆଗୁଆ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ମ୍ୟାଲେରିଆ ନିରାକରଣ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।



ଶିଳ୍ପାଞ୍ଚଳ, ଖଣିଖାଦାନ ଅଞ୍ଚଳ, ଦୁର୍ଗମ ଗ୍ରାମାଞ୍ଚଳରେ ମ୍ୟାଲେରିଆ ପ୍ରାଦୁର୍ଭାବ ଅଧିକ। ସମ୍ପୃକ୍ତ ଅଞ୍ଚଳରେ ଥିବା ଜନବସତି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ସହରାଞ୍ଚଳର ସ୍ଥିର ଜଳାଶୟରେ ମଶାବଂଶ ନାଶକାରୀ ତେଲ ପକାଇବା, ବିଭିନ୍ନ ଜଳାଶୟ ଏବଂ ନାଳରେ ଜୀବାଣୁ ଖାଦକ ମାଛ ଛାଡ଼ିବା, ମଶା ବଂଶବୃଦ୍ଧି-ଚକ୍ର ଛିନ୍ନ କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ୱତନ୍ତ୍ର ଜନସ୍ୱାସ୍ଥ୍ୟ ୟୁନିଟ୍ ପ୍ରତିଷ୍ଠା କରିବା ସହ କର୍ମଚାରୀଙ୍କ ପରୀକ୍ଷଣ ଏବଂ ସମ୍ପୃକ୍ତ ଅଞ୍ଚଳରେ ମ୍ୟାଲେରିଆ ସଂକ୍ରମଣ ନିରୀକ୍ଷଣ ଜାରି ରଖିବାକୁ କୁହାଯାଇଛି। ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରାୟ ୧୦ ହଜାର କଳାକାର ସଂଘ ଏବଂ ଲୋକକଳାକୁ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ମ୍ୟାଲେରିଆ ସ୍ଥିତି ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ୨୦୧୬ରେ ୪.୪୪ ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୭୭ ଜଣ ପ୍ରାଣ ହରାଇଥିଲେ। ୨୦୧୯ ବେଳକୁ ପଜିଟିଭ୍ ଏବଂ ମୃତ୍ୟୁ ସଂଖ୍ୟା ହ୍ରାସ ପାଇ ଯଥାକ୍ରମେ ୩୯,୫୫୬ ଏବଂ ୯ରେ ପହଞ୍ଚିଥିଲା। ୨୦୧୮ ଏବଂ ୨୦୧୯ ମଧ୍ୟରେ ସର୍ବଭାରତୀୟ ସଂକ୍ରମଣ ହାର ୧୭% କମିଥିବା ବେଳେ ଓଡ଼ିଶାରେ ୪୦% ହ୍ରାସ ପାଇଛି। ସେହିପରି ୨୦୧୬ରେ ବାର୍ଷିକ ପାରାସାଇଟ୍ ହାର ୮ ଜିଲାରେ ୧%ରୁ ତଳେ ରହିଥିଲା। ୨୦୧୯ ବେଳକୁ ୨୩ଟି ଜିଲାରେ ଏହା ୧%ରୁ ତଳେ ରହିଛି। ଏହିସବୁ ତଥ୍ୟ ଭିତ୍ତିରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓଡ଼ିଶାରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟଧାରାକୁ ଏକ ଉତ୍ତମ ପ୍ରମାଣିତ ବ୍ୟବସ୍ଥା (ବେଷ୍ଟ ପ୍ରାକ୍ଟିସ୍) ଭାବେ ବିଶ୍ୱ ମ୍ୟାଲେରିଆ ବିବରଣୀ-୨୦୨୦ରେ ସ୍ଥାନିତ କରିଛି। ସୂଚନାଯୋଗ୍ୟ, ସରକାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) ନାମକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ରୁ ୨୦୨୦ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୬,୦୮୮ ମ୍ୟାଲେରିଆ ନିରାକରଣ କ୍ୟାମ୍ପ୍ ଆୟୋଜନ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରୁ ମିଳିଥିବା ପ୍ରାୟ ୧.୫୭ କୋଟି ଜୀବାଣୁନାଶକ ମଶାରି ବଣ୍ଟନ କରାଯାଇଛି। ପ୍ରାୟ ୨.୮କୋଟି ଲୋକଙ୍କୁ ମ୍ୟାଲେରିଆ ସଂକ୍ରମଣରୁ ସୁରକ୍ଷା ଦିଆଯାଇଛି। ୪୮,୪୫୫ ଆଶାକର୍ମୀଙ୍କୁ ମ୍ୟାଲେରିଆ ଚିହ୍ନଟ ଓ ଚିକିତ୍ସା ପରିଚାଳନା ବିଷୟରେ ତାଲିମ ଦିଆଯାଇ କାର୍ଯ୍ୟରେ ନିୟୋଜିତ କରାଯାଇଛି।

ଉନ୍ନୟନ କମିଶନର ପ୍ରଦୀପ ଜେନା, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ ଓ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମଣ୍ଡି ସମସ୍ୟା ଉଠାଇ ବିକ୍ଷୋଭରେ ବସିଲା ଭାଜପା



ଭାଜପା କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ସାରା ରାଜ୍ୟରେ ବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ସ୍ଥାନୀୟ ମଣ୍ଡିଗୁଡ଼ିକରେ ପଡ଼ିରହିଛି। ସରକାରଙ୍କ ତରଫରୁ ଟୋକନ ଜରିଆରେ ଧାନ ବିକ୍ରି ବ୍ୟବସ୍ଥାରେ ପ୍ରାୟ ହଜାର ସଂଖ୍ୟାରେ ଚାଷୀଙ୍କ ଟୋକନ ଲାପ୍‌ସ ହେବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଖୋଲା ବଜାରରେ କୁଇଣ୍ଟାଲ ପିଛା ହଜାର ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି । ରାଜ୍ୟରେ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଙ୍କ ଧାନ କିଣିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ଦାବିକୁ ନେଇ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ କରାଯାଇଛି । ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ଚଳିତ ରବିଋତୁରେ ସରକାର ଟୋକନର ଅବଧି ମାତ୍ର ୧୨ ଦିନ କରିଦେଇଥିବାରୁ ଅନେକ ଚାଷୀଙ୍କ ଟୋକନ ଲାପ୍‌ସ ହୋଇଛି। ରାଜ୍ୟ ସରକାରଙ୍କ ଟୋକନ ଓ ଟାର୍ଗେଟ ବ୍ୟବସ୍ଥା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ ୧୫୧ ଦିନର ସମୟ ଅବଧିକୁ ମଧ୍ୟ ଅଣଦେଖା କରାଯାଇଛି। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନ ଥିବା କାରଣରୁ ଚାଷୀମାନେ ମଣ୍ଡି ମାଫିଆଙ୍କ ଦ୍ୱାରା ଲୁଟ୍‌ର ଶିକାର ହେଉଛନ୍ତି। ଧାନର ପରିବହନ ପାଇଁ ରାଜ୍ୟ ସରକାର ମିଲରଙ୍କୁ ଦାୟିତ୍ୱ ଦେଇଛନ୍ତି, ଯାହା ନିୟମ ବିରୋଧୀ ବୋଲି ପୁରୋହିତ କହିଛନ୍ତି। ଜୁନ୍ ୩୦ ସୁଦ୍ଧା ମଣ୍ଡିରୁ ସମସ୍ତ ଧାନ ଉଠାଇବା ନେଇ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେବାପରେ ମୋର୍ଚ୍ଚା କର୍ମକର୍ତ୍ତାମାନେ ଧାରଣାରୁ ଉଠିଛନ୍ତି ।

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ୧୭ ଜିଲାରେ ରବି ଋତୁରେ ଉତ୍ପାଦିତ ଧାନର କ୍ରୟ ବିକ୍ରୟରେ ଘୋର ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଯୋଗାଣ ବିଭାଗର ଘୋଷଣା ମୁତାବକ ଚାଷୀଙ୍କଠାରୁ ଧାନ କିଣାଯାଉ ନାହିଁ। ଟୋକନ ଓ ମଣ୍ଡିକୁ ଟାର୍ଗେଟ ଦେବା ସମସ୍ୟା ଅତି ଉତ୍କଟ ରୂପ ଧାରଣ କରିଛି। ମଣ୍ଡିରେ ହଜାର ହଜାର ବସ୍ତା ଧାନ ଶଢ଼ୁଛି। ମିଲର୍ସଙ୍କ ମନମାନିରେ ଧାନ କିଣାଯାଉଛି। ସରକାର କେବଳ କାଗଜ କଲମରେ ଧାନ କ୍ରୟ କରିବାର ଧାର୍ଯ୍ୟଲକ୍ଷ୍ୟ ପୂରଣ କରୁଛନ୍ତି ବୋଲି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗତ ଜୁନ୍ ୧୬ରେ ଜିଲା କିଷାନ କଂଗ୍ରେସ କମିଟି ପକ୍ଷରୁ ସମ୍ପୃକ୍ତ ୧୭ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅଦ୍ୟାବଧି ଏ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରି ନ ଥିବାରୁ କିଷାନ କଂଗ୍ରେସ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ରେକର୍ଡ ପାସ୍ ହାର ...

ରେଜଲ୍ଟ ୮୮.୩୩ ପ୍ରତିଶତ ରହିଛି। ସେହିଭଳି ମାଟ୍ରିକ ସହିତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇଛି। ଚଳିତ ବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ୧୨,୨୮୫ ଜଣ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ୍ କରିଥିବାବେଳେ ୪,୭୫୨ ପାସ୍ ହୋଇଛନ୍ତି। ସେହିଭଳି ମଧ୍ୟମା ପରୀକ୍ଷା ପାଇଁ ୪,୭୧୩ ଜଣ ଛାତ୍ରୀଛାତ୍ର ଫର୍ମ ଫିଲଅପ୍ କରିଥିବାବେଳେ ୪,୬୨୨ ଜଣ ପାସ୍ ହୋଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ବୋର୍ଡ ସଭାପତି ରାମାଶିଷ ହାଜରା, ଉପ ସଭାପତି ଡ. ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତରେ ଏହି ୩ ପରୀକ୍ଷାଫଳ ଘୋଷଣା କରିଥିଲେ। ସେ କହିଛନ୍ତି, ପରୀକ୍ଷାଫଳକୁ ନେଇ କୌଣସି ଛାତ୍ରୀଛାତ୍ର ଅସନ୍ତୁଷ୍ଟ ଥିଲେ, ସେମାନଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି। ସ୍ଥିତି ସ୍ୱାଭାବିକ ହେଲେ ସେମାନେ ପରୀକ୍ଷା ଦେବେ। ଏଥିପାଇଁ ଜୁଲାଇ ୫ରୁ ଫର୍ମ ଫିଲ୍‌ଅପ୍ କରାଯିବ। ଅଗଷ୍ଟ ଶେଷ ସୁଦ୍ଧା ପରୀକ୍ଷା କରିବାକୁ ଚେଷ୍ଟା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ମହାମାରୀ ପାଇଁ ଚଳିତବର୍ଷ ମେ' ୩ରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାକୁ ବାତିଲ କରାଯାଇଥିଲା। ପରୀକ୍ଷାଫଳ ନିର୍ଣ୍ଣୟ କରିବା ପାଇଁ ବୋର୍ଡ ପକ୍ଷରୁ ବିକଳ୍ପ ମୂଲ୍ୟାୟନ ପଦ୍ଧତି ଅବଲମ୍ବନ କରାଯାଇଥିଲା। ମାଟ୍ରିକ (ରେଗୁଲାର) ପରୀକ୍ଷାର୍ଥୀଙ୍କ ପାଇଁ ନବମ ଶ୍ରେଣୀର ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷା ନମ୍ବର ଏବଂ ଦଶମ ଶ୍ରେଣୀର ୪ ଅଭ୍ୟାସ ପରୀକ୍ଷାରୁ ଶେଷ ତିନୋଟି ଅର୍ଥାତ୍ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପରୀକ୍ଷାର ନମ୍ବରକୁ ବିଚାରକୁ ନିଆଯାଇଥିଲା। ନବମ ଶ୍ରେଣୀ ପାଇଁ ୪୦ ପ୍ରତିଶତ ଓ ଦଶମ ପରୀକ୍ଷା ପାଇଁ ୬୦ ପ୍ରତିଶତ ଦେବାକୁ ବୋର୍ଡ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ନବମ ଶ୍ରେଣୀର ଦୁଇଟି ପରୀକ୍ଷାର ସର୍ବାଧିକ ନମ୍ବର ଓ ଦଶମ ତିନୋଟି ପରୀକ୍ଷାର ଦୁଇଟି ସର୍ବାଧିକ ନମ୍ବରକୁ ବୋର୍ଡ କର୍ତ୍ତୃପକ୍ଷ ମେଣ୍ଟର ସ୍କୁଲ ଜରିଆରେ ମାଗିଥିଲେ। ପରୀକ୍ଷାର୍ଥୀଙ୍କ ନମ୍ବର ଅପ୍‌ଲୋଡ୍ ପାଇଁ ରାଜ୍ୟରେ ୨,୭୬୬ ମେଣ୍ଟର ସ୍କୁଲ ଚୟନ କରାଯାଇଥିଲା। ସେହିପରି ଯେଉଁ ପରୀକ୍ଷାର୍ଥୀମାନେ ଦଶମର ଗୋଟିଏ ଅଭ୍ୟାସ ପରୀକ୍ଷା ଦେଇଥିଲେ ସେମାନଙ୍କ କ୍ଷେତ୍ରରେ ଦଶମରୁ ୩୦ ପ୍ରତିଶତ ଓ ନବମ ଶ୍ରେଣୀର ୭୦ ପ୍ରତିଶତ ଏବଂ ଦଶମରେ ଆଦୌ ଅଭ୍ୟାସ ପରୀକ୍ଷା ଦେଇ ନ ଥିଲେ ନବମ ଶ୍ରେଣୀରେ ରଖିଥିବା ସର୍ବାଧିକ ନମ୍ବରକୁ ୧୦୦ ପ୍ରତିଶତ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହିତ ସମ୍ପୃକ୍ତ ବିଦ୍ୟାଳୟର ପୂର୍ବ ୪ବର୍ଷ ଅର୍ଥାତ୍ ୨୦୧୭, ୨୦୧୮, ୨୦୧୯, ୨୦୨୦ ବର୍ଷର ସ୍କୁଲ୍ ଫଳାଫଳକୁ ମଧ୍ୟ ବିଚାରକୁ ନିଆଯାଇଥିଲା। ଏକ୍ସରେଗୁଲାର କ୍ଷେତ୍ରରେ ପୂର୍ବ ପରୀକ୍ଷାରେ ରଖିଥିବା ନମ୍ବରକୁ ଆଧାରକରି ହାରାହାରି ନମ୍ବର ଦେବାକୁ ନିଷ୍ପତ୍ତି ହୋଇଥିଲା।

## ମଦ୍ରାସା ପରୀକ୍ଷାଫଳ: ସମସ୍ତେ ପାସ୍

ଭୁବନେଶ୍ୱର, ୨୫।୬(ବ୍ୟୁରୋ) - ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମୌଲବୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଉର୍ଦ୍ଦୁଭବନ ପରିସରରେ ବିଧିବଦ୍ଧ ଭାବେ ଫଳ ପ୍ରକାଶ କରାଯାଇଛି। ମୌଲବୀ ପରୀକ୍ଷାରେ ମୋଟ୍ ୨୧୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୯୨ଜଣ ରେଗୁଲାର ଓ ୨୦ ଜଣ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ଥିଲେ। ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୮୪ ଛାତ୍ରୀ ଥିବାବେଳେ ୧୨୮ ଛାତ୍ର ଅଛନ୍ତି। ମଦ୍ରାସା ଇସ୍‌ଲାମିଆ ଆରବିଆର ଛାତ୍ରୀ କନିଜ୍ ଫାତମା ୭୦୦ରୁ ୬୪୪ ନମ୍ବର ରଖି ଏ-ୱାନ୍ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାଫଳ osb-me.org.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି। ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ ସଭାପତି ରଘୁରାମ ଆୟାର, ମାଧ୍ୟମିକ ଶିକ୍ଷାର ଅତିରିକ୍ତ ନିର୍ଦ୍ଦେଶିକା ତଥା ମଦ୍ରାସା ବୋର୍ଡ ଉପସଭାପତି ସ୍ନେହମୟୀ ସେନାପତି, ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ ସମ୍ପାଦକ ଏମ୍.ଡି. ଅଫ୍‌ଜଲ ପରୱେଜ୍ ଯୋଗଦେଇ ପରୀକ୍ଷାଫଳ ଘୋଷଣା କରିଥିଲେ।

## ମାଟ୍ରିକ ପାସ୍ କଲେ ଦାନ ମାଝିଙ୍କ ଝିଅ

ଭୁବନେଶ୍ୱର, ୨୫।୬(ବ୍ୟୁରୋ) - ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବହୁ ଚର୍ଚ୍ଚିତ ଦାନ ମାଝିଙ୍କ ବଡ଼ ଝିଅ ଚାନ୍ଦିନୀ ମାଝି କୃତକାର୍ଯ୍ୟ ହୋଇଛନ୍ତି। ସେ ଓ ତାଙ୍କର ଅନ୍ୟ ଦୁଇ ସାନ ଭଉଣୀ ଭୁବନେଶ୍ୱରସ୍ଥିତ କିସ୍‌ରେ ରହି ପାଠ ପଢ଼ୁଛନ୍ତି। କିସ୍‌ର ଫଳାଫଳ ଶତ ପ୍ରତିଶତ ହୋଇଛି। ମୋଟ ୧୯୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଗଜପତି ଜିଲା ସଉରା ସମ୍ପ୍ରଦାୟର ମୋହନ ଚରଣ ରଇତ ସର୍ବାଧିକ ୫୪୦ ନମ୍ବର ରଖି କିସ୍ ଟପ୍ପର ହୋଇଛନ୍ତି। ଡିଡାଇ, ଜୁଆଙ୍ଗ, ଖଡ଼ିଆ, କୁଟିଆ କନ୍ଧ, ଲୋଧା, ଲାଞ୍ଜିଆ ସଉରା ଓ ବଣ୍ଡା ଆଦି ଆଦିମ ଜନଜାତିର ୫୭୩ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ତେବେ ଦାନଙ୍କ ଝିଅ ମାଟ୍ରିକ ପାସ୍ କରିଥିବା ଶୁଣିବା ପରେ କଳାହାଣ୍ଡି ଜିଲା ଜନଜାତି ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ୨୦୧୬ରେ କଳାହାଣ୍ଡି ଜିଲା ଥୁଆମୂଳ-ରାମପୁର ବ୍ଲକ ଅନ୍ତର୍ଗତ ମେଲଘର ଗାଁର ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହକୁ ଦୀର୍ଘ ୧୦ କି.ମି. କାନ୍ଧରେ ବୋହି ନେଇ ଚର୍ଚ୍ଚାକୁ ଆସିଥିଲେ। ଏହାପରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ତିନି ଝିଅଙ୍କୁ କିସ୍‌ରେ ରଖି ପାଠ ପଢ଼ାଇବାର ବନ୍ଦୋବସ୍ତ କରିଥିଲେ।

## ଓଡ଼ିଶାରେ ଡେଲ୍ଟା ...

ଜିଲାରୁ ମୋଟ ୫୦ ଡେଲ୍ଟା ପ୍ଲସ୍ ମାମଲା ଚିହ୍ନଟ ହୋଇଛି। ମହାରାଷ୍ଟ୍ରରୁ ସର୍ବାଧିକ ୨୦ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଥିବାବେଳେ ତାମିଲନାଡୁରୁ ୯, ମଧ୍ୟପ୍ରଦେଶରୁ ୭, କେରଳରୁ ୩, ଗୁଜରାଟ ଓ ପଞ୍ଜାବରୁ ୨ଟି ଲେଖାଏ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ଜମ୍ମୁ ଏବଂ କର୍ଣ୍ଣାଟକରୁ ଗୋଟିଏ ଲେଖାଏ ଡେଲ୍ଟା ପ୍ଲସ୍ ଚିହ୍ନଟ ହୋଇଛନ୍ତି, ଯାହାକୁ ନେଇ ଏବେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଇତିମଧ୍ୟରେ ମହାରାଷ୍ଟ୍ରରେ ଜଣେ ଏବଂ ମଧ୍ୟପ୍ରଦେଶରେ ଦୁଇଜଣ ଡେଲ୍ଟା ପ୍ଲସ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶରେ ଦୁଇ ସଂକ୍ରମିତ ଆଦୌ ଟିକା ନେଇ ନ ଥିଲେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଡେଲ୍ଟା ପ୍ଲସ୍ ଏବେ ୧୨ଟି ଦେଶରେ ଦେଖାଗଲାଣି। ତେବେ ଭାରତରେ ଟିକାକରଣରେ ସାମିଲ ହୋଇଥିବା କୋଭାକ୍ସିନ୍ ଓ କୋଭିଶିଲ୍ଡ ଭାକ୍ସିନ୍ କରୋନାର ଆଲ୍‌ଫା, ବିଟା, ଗାମା ଓ ଡେଲ୍ଟା ଭାରିଆଣ୍ଟ ପାଇଁ ଫଳପ୍ରଦ ବୋଲି କୁହାଯାଉଛି। ଡେଲ୍ଟା ଭାରିଆଣ୍ଟ ସବୁଠୁ ଶକ୍ତିଶାଳୀ। ବ୍ରିଟେନରେ ପ୍ରଥମେ ଚିହ୍ନଟ ହୋଇଥିବା ଆଲ୍‌ଫା ଭାରିଆଣ୍ଟ (ବି.୧.୧.୭)ଠାରୁ ଏହା ଅଧିକ ସକ୍ରିୟ ବୋଲି ଏନ୍‌ସିଡିସି ନିର୍ଦ୍ଦେଶକ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦେଶରେ ୯୦ ପ୍ରତିଶତ ସଂକ୍ରମଣ ଡେଲ୍ଟା ଭାରିଆଣ୍ଟ (ବି.୧.୬୧୭.୨) ଯୋଗୁ ହୋଇଥିବା କେନ୍ଦ୍ର ସରକାର କହିଛନ୍ତି। ଏହି ଭାରିଆଣ୍ଟ ଦେଶର ୧୭୪ ଜିଲାରେ ଦେଖାଦେଇଥିବାବେଳେ ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ, ତେଲଙ୍ଗାନା, ପଶ୍ଚିମବଙ୍ଗ ଏବଂ ଗୁଜରାଟରେ ସର୍ବାଧିକ ମାମଲା ରହିଛି। ଜୁନ୍‌ରେ ଏହି ଭାରିଆଣ୍ଟ ଅନୁପାତ ୧୦.୩୧ ଥିବାବେଳେ ଜୁନ୍ ୨୦ ବେଳକୁ ୫୧ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଡେଲ୍ଟା ପ୍ଲସ୍ ଚିହ୍ନଟ ହେବା ପରେ ଏହା ଚିନ୍ତାଜନକ ଭାରିଆଣ୍ଟ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଏହି ଭାରିଆଣ୍ଟ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ବୋଲି ଆଇସିଏମ୍‌ଆର୍ ମହାନିର୍ଦ୍ଦେଶକ ଡ. ବଳରାମ ଭାର୍ଗବ କହିଛନ୍ତି।

**classifieds Everyday** 0674-2580101, 2549302




**SALE**

**1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891.** D-20803

5 BHK Duplex @99lakh at Balianta. Residential Land near Pahala @1200/ Tamando @1500/ Patrapada @3300/. 9861022055/ 9938219397. D-20947

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/- ରେ ମିଳୁଛି। Contact: 7008045582, 7749800648.** D-20926

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-20844




Spacious 2Bedroom flat available for rent at BJB Nagar for detail contact: 9437074655, 9193425408 92. D-20940




CSR Project Contract for SHG, Social Workers, NGO. Contact- 9337358992. D-20946

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବନ୍ଧୁମାନଙ୍କ ସହାୟତାରେ କର୍ମକ୍ଷେତ୍ରରେ ଗତକାଲିର ସମସ୍ୟା ସମାଧାନ ହୋଇଯିବ। ଶ୍ରମିକ କିମ୍ବା କଞ୍ଚାମାଲର ଅଭାବ କାରଣରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ। ସଭାସମିତି, ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ଆଶଙ୍କା ରହିଛି।

**ବୃଷ**
ସାଧାରଣ କଥାକୁ କେନ୍ଦ୍ରକରି ସୁସମ୍ପର୍କରେ କଳହ ଜନିତ ମତାନ୍ତର ସୃଷ୍ଟି ହେବ। ତର୍କ ବିତର୍କ ଓ ପ୍ରତିଦ୍ୱନ୍ଦ୍ୱିତା ହେତୁ ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ। ଆଜିର ପ୍ରତ୍ୟୁଷରୁ ବିଶେଷ ଭ୍ରମଣ ସ୍ୱାସ୍ଥ୍ୟ ହାନିର କାରଣ ହୋଇପାରେ। ହାତକୁ ନେଇଥିବା କାର୍ଯ୍ୟ ସକାଶେ ଆର୍ଥିକ ଅନଟନ ଅନୁଭବ କରିବେ।

**ମିଥୁନ**
ନିଜ ପରିସରର ଲୋକଙ୍କ ସାହାଯ୍ୟରୁ କୌଣସି କାମ ଅଟକିବ ନାହିଁ। ମୂଲ୍ୟବାନଜିନିଷ, ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଗବେଷଣା, ସଭାସମିତି, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନ ଦେଲେ ପରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**କର୍କଟ**
ସାଧାରଣ ବ୍ୟତିକ୍ରମକୁ କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରାଇପାରିବେ। ଅତୀତ ଘଟଣାର ସମୀକ୍ଷା କରିବେ ଓ କିଛି ନୂତନ ସିଦ୍ଧାନ୍ତ ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ବ୍ୟବସାୟ, ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ**
ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେବା କାରଣରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଆଜିର କାମରେ ଲକ୍ଷ୍ୟ ହାସଲ ସକାଶେ କୂଟନୀତି ଅବଲମ୍ବନ କରିବେ।

**କନ୍ୟା**
କର୍ମକ୍ଷେତ୍ରରେ କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ଓ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରି ପାରନ୍ତି। ଶତ୍ରୁତା କାରଣରୁ ଖଳ ଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମତାନ୍ତରଜନିତ ସାୟାହ୍ନେ ପାରିବାରିକ ସଦ୍‌ଭାବ ରହିବ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବାରେ ହେଳା କରିପାରନ୍ତି।

**ତୁଳା**
ସମସ୍ୟା ଲାଗିରହୁଥିବାରୁ ବିଭିନ୍ନ କ୍ଷେତ୍ରରେ ପ୍ରତିରୋଧର ସାମନା କରିବାକୁ ପଡ଼ିବ। ପଡ଼ୋଶୀଙ୍କ ସହ ସମ୍ପର୍କବୃଦ୍ଧିକୁ ସନ୍ଦେହ କରି ଘରେ ବିଭିନ୍ନ ପ୍ରକାରର କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବ। ସ୍ୱାସ୍ଥ୍ୟ ହାନି କାରଣରୁ କାମ ପାଇଁ ନିସ୍ପୃହତା ଦେଖାଯିବ।

**ବିଛା**
ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ଼ ଟାଣି ପାରନ୍ତି। ସହମତି ଅଭାବରୁ ପରିବାରରେ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପଡ଼ିବ। ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ସାହାଯ୍ୟ ଅବଶ୍ୟ ପାଇବେ।

**ଧନୁ**
ଆଶା କରୁଥିବା ଦିଗରୁ ଅର୍ଥ ଓ ସହଯୋଗ ପାଇବାର ଆଶା ଭଙ୍ଗୁର ହୋଇଯିବ। କର୍ମକ୍ଷେତ୍ରରେ ଅଚାନକ ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ ବ୍ୟକ୍ତିଗତ କାରଣରୁ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପୂର୍ବ ଶତ୍ରୁତାକୁ ନେଇ ପଡ଼ୋଶୀମାନେ ଅସୁବିଧା ସମୟରେ ପାଖ ମାଡ଼ିବେ ନାହିଁ।

**ମକର**
କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନହେବା ଅଦଳବଦଳ ହୋଇଯାଇପାରେ। ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବ ହେବାରୁ ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ବିବାଦୀୟ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିବେ।

**କୁମ୍ଭ**
କର୍ମକ୍ଷେତ୍ରରେ, ପରିବାରରେ ତଥା ପ୍ରତ୍ୟେକ ଦିଗରୁ ଅସୁବିଧା ଦେଇ କାମ ହାସଲ କରିବେ। ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ ଓ ସାଧାରଣ କଥାକୁ ଅସାଧାରଣ ଭାବେ ଚିନ୍ତା କରିବେ। ସମସ୍ୟାଜନିତ ଯେତେ ଚେଷ୍ଟା କଲେ ସୁଦ୍ଧା ଲକ୍ଷ୍ୟ ହାସଲରେ ସମର୍ଥ ହେବେ ନାହିଁ।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ପରିବାରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

ଆଜି ଆଷାଢ଼ କୃଷ୍ଣ ଦ୍ୱିତୀୟା ଶନିବାର, ଜୁନ୍ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢା/ଧନୁ, ଦିବା ଘ.୦୯.୫୬ମି. ଗତେ ମକର ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୨.୦୧ମି. ଗତେ ଘ.୦୩.୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୩ମି. ଗତେ ଘ.୦୬.୦୬ମି. ମଧ୍ୟେ, ଘ.୦୯.୩୭ମି. ଗତେ ଘ.୧୨.୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୮.୩୧ ମି. ଗତେ ଘ.୧୦.୧୦ମି. ମଧ୍ୟେ ରାହୁକାଳ।

**ଢଗଢମାଳି**



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଖାରୁ ଚୋପି**
**ବେଳକାଳ ଦେଖି ଗଡ଼ିଲେ ଗୋପୀ ।**

ଇପସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିସୁ ବ୍ୟକ୍ତି ବେଳ କାଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

ଧରିତ୍ରୀ
DHARITRI
ଶନିବାର, ୨୬ ଜୁନ୍, ୨୦୨୧



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୦୯,୧୫,୩୭୬ | ୩୯,୧୯,୧୦୨ | ୧୬,୫୫,୩୪,୯୭୫ |
| ଭାରତ | ୩,୦୧,୪୯,୧୬୩ | ୩,୯୩,୫୦୮ | ୨,୯୧,୩୨,୮୫୩ |
| ଓଡ଼ିଶା | ୮,୯୩,୫୦୮ | ୩୮୦୧(+୫୩) | ୮,୬୦,୧୪୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### 'ପିନାକ୍'ର ପରୀକ୍ଷଣ ସଫଳ



**ବାଲେଶ୍ୱର ଅଫିସ, ୨୫।୬:** ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରେ ଶୁକ୍ରବାର ମଲ୍ଟି ବ୍ୟାରେଲ ରକେଟ୍ ଲଞ୍ଚର (ଏମ୍‌ବିଆର୍‌ଏଲ୍)ରୁ ପରିବର୍ଦ୍ଧିତ ରେଞ୍ଜ ୧୨୨ଏମ୍‌ଏମ୍ କାଲିବର ରକେଟ୍ 'ପିନାକ'ର ସଫଳ ପରୀକ୍ଷଣ ହୋଇଛି। ଡିଆରଡିଓ(ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ) ପକ୍ଷରୁ ବିକଶିତ ଏହି କ୍ଷେପଣାସ୍ତ୍ର ୪୦କି.ମି. ଦୂରବର୍ତ୍ତୀ ସ୍ଥଳଭାଗରେ ଥିବା ଶତ୍ରୁପକ୍ଷର ଯୁଦ୍ଧାସ୍ତ୍ରକୁ ନଷ୍ଟ କରିପାରିବ। ଏହି କ୍ଷେପଣାସ୍ତ୍ରକୁ ପୁଣେସ୍ଥିତ ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭଲେପ୍‌ମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଆର୍‌ଡିଇ ) ଏବଂ ହାଇ ଏନର୍ଜି ମେଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ (ଏଚ୍‌ଇଏମ୍‌ଆର୍‌ଏଲ୍) ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି। କ୍ଷେପଣାସ୍ତ୍ରର ସଫଳତାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ ଏବଂ ଏଥିସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଡିଆର୍‌ଡିଓ ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ ଏହି ସଫଳତା ପାଇଁ ମିଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଏବଂ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଭୁବନେଶ୍ୱର ସ୍ମାର୍ଟସିଟିକୁ ୨ଟି ପୁରସ୍କାର

**ଭୁବନେଶ୍ୱର,୨୫।୬(ବ୍ୟୁରୋ):** କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ବିଭାଗ ଦ୍ୱାରା ଆୟୋଜିତ ଇଣ୍ଡିଆ ସ୍ମାର୍ଟସିଟି ଆୱାର୍ଡସ କଣ୍ଟେଷ୍ଟ(ଆଇଏସ୍‌ଏସି)-୨୦୨୦ ପ୍ରତିଯୋଗିତାରେ ଭୁବନେଶ୍ୱର ସ୍ମାର୍ଟସିଟିକୁ ଦୁଇଟି ପୁରସ୍କାର ମିଳିଛି। 'ସୋସିଆଲି ସ୍ମାର୍ଟ ଭୁବନେଶ୍ୱର' ପାଇଁ ସାମାଜିକ ପର୍ଯ୍ୟାୟ ବର୍ଗରେ ଦେଶରେ ରାଜଧାନୀ ଭୁବନେଶ୍ୱରକୁ ଦ୍ୱିତୀୟ ସ୍ଥାନ ମିଳିଥିବା ବେଳେ ଗଭର୍ନାନ୍ସ ପର୍ଯ୍ୟାୟରେ ମୋବାଇଲ ଫୋନ୍ ଆପ୍ଲିକେଶନ 'ଭୁବନେଶ୍ୱର ମି' ପାଇଁ ତୃତୀୟ ସ୍ଥାନ ହାସଲ କରିଛି। ସାମାଜିକ ପର୍ଯ୍ୟାୟ ବର୍ଗରେ ତିରୁପତି ପ୍ରଥମ ଓ ତୁମାକୁରୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଗଭର୍ନାନ୍ସ ପର୍ଯ୍ୟାୟରେ ଭଦୋଦରା ଏବଂ ଥାଣେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ୧୦୦ଟି ସ୍ମାର୍ଟସିଟି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଖୁସିବ୍ୟକ୍ତ କରି ଭୁବନେଶ୍ୱର ମହାନଗର ନିଗମ କମିଶନର ସଞ୍ଜୟ ସିଂ କହିଛନ୍ତି, ଆଗାମୀ ଦିନରେ ଆହୁରି ଅନେକ ଅଭିନବ ନାଗରିକ କୈନ୍ଦ୍ରିକ ସେବା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ କରାଯିବ। ଆଗାମୀ ଦିନରେ ଆମେ ଆହୁରି ଅନେକ ପୁରସ୍କାର ପାଇବାକୁ ଯୋଗ୍ୟବିବେଚିତ ହେବୁ ବୋଲି ସେ କହିଛନ୍ତି।

# ୩୦ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ କାମ ଆରମ୍ଭ

- ୭ ଜିଲାରେ ମେଡିକାଲ ଅକ୍ସିଜେନ ସଂରକ୍ଷଣ ବ୍ୟବସ୍ଥା ଭିତ୍ତିପ୍ରସ୍ତର ସ୍ଥାପନ
- ତୃତୀୟ ଲହର ମୁକାବିଲାରେ ଅଭିଜ୍ଞତା କାମରେ ଆସିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ଆଉ ୭ଟି ଜିଲାରେ ଲିକ୍ୟୁଡ୍ ମେଡିକାଲ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ରାଜ୍ୟର ସମସ୍ତ ୩୦ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ପାଇଁ କାମ ଆରମ୍ଭ ହୋଇଛି। ଆଗାମୀ ୨ ମାସ ମଧ୍ୟରେ ଏହିସବୁ ପ୍ଲାଣ୍ଟରୁ ସେବା ଯୋଗାଇ ଦିଆଯାଇପାରିବ। ଭିତ୍ତିପ୍ରସ୍ତର ଦିଆଯାଇଥିବା ଜିଲାଗୁଡ଼ିକ ହେଲା ଅନୁଗୋଳ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା। ପ୍ରତ୍ୟେକ ସଂରକ୍ଷଣ ବ୍ୟବସ୍ଥାରେ ୬ କିଲୋଲିଟର ତରଳ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ କରାଯାଇପାରିବ। ଏହାସହିତ ମୁଖ୍ୟମନ୍ତ୍ରୀ ଆଠମଲ୍ଲିକ ଉପଖଣ୍ଡ ହସ୍ପିଟାଲରେ ଅକ୍ସିଜେନ ପାଇପ ସଂଯୁକ୍ତ କୋଭିଡ୍ ୱାର୍ଡ, ପାଲଲହଡ଼ା ଉପଖଣ୍ଡ ହସ୍ପିଟାଲ, ମାଧପୁର ଓ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଠାକୁରମୁଣ୍ଡା ଓ ବଇଣ୍ଡାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ ପାଇପ ସଂଯୁକ୍ତ ଆଇସୋଲେଶନ୍ ୱାର୍ଡ ଏବଂ ଦେବଗଡ଼ ରାଜମୁଣ୍ଡାସ୍ଥିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାଭଣ୍ଡାର ଗୃହର ଉଦ୍‌ଘାଟନ କରିଛନ୍ତି। ମହାମାରୀ ସମୟରେ ଜଣେ ବି କୋଭିଡ୍ ରୋଗୀ ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ଏବଂ ଦ୍ୱିତୀୟ ଲହରରୁ ମିଳିଥିବା ଅଭିଜ୍ଞତା ତୃତୀୟ ଲହର ମୁକାବିଲାରେ ସହାୟକ ହେବ। ଏବେ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବହୁ କାମ ହେଉଛି। ଏହା କୋଭିଡ୍ ବିରୋଧୀ ଲଢ଼େଇ ଆହୁରି ମଜଭୁତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଉପବାଚସ୍ପତି ରଜନୀକାନ୍ତ ସିଂ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ, ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବୌଦ୍ଧ ବିଧାୟକ ପ୍ରଦୀପ ଅମାତ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରମୁଖ ରାଜ୍ୟରେ କୋଭିଡ୍ ଯୁଦ୍ଧରେ ଓଡ଼ିଶାର ଉତ୍ତମ ପ୍ରଦର୍ଶନ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦକ୍ଷ ନେତୃତ୍ୱର ଉଚ୍ଚପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ସ୍ୱାଗତ ଭାଷଣ ଏବଂ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗ ସଚିବ କିଷନ କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସଙ୍କ ଦେହାନ୍ତ

**ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୨୫।୬**



ଜୟନ୍ତ ଦାସ

ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସଙ୍କ ୭୬ ବର୍ଷ ବୟସରେ ପରଲୋକ ଘଟିଛି। ଜୟନ୍ତ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅଣନାତି ଏବଂ ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ନବକୁମାର ଦାସଙ୍କ ଜ୍ୟେଷ୍ଠ ପୁତ୍ର। ଶୁକ୍ରବାର ଜୟନ୍ତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନେବାବେଳେ ରାସ୍ତାରେ ତାଙ୍କର ଦେହାନ୍ତ ହୋଇଯାଇଛି।

କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ଜିଗିନିପାଟପୁରରେ ଜଷ୍ଟିସ୍ ଦାସ ଏବଂ ପ୍ରଭାମୟୀ ଦେବୀ (ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାତୁଣୀ)ଙ୍କ କୋଳମଣ୍ଡନ କରିଥିଲେ ଜୟନ୍ତ। ରେଭେନ୍‌ଶା କଲେଜିଏଟ୍ ସ୍କୁଲ୍‌ରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ସେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରେ ଅଧ୍ୟୟନ କରିଥିଲେ। ପରେ ସେ ଇଣ୍ଡିଆନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ ସର୍ଭିସ୍‌ରେ ଯୋଗଦେଇଥିଲେ। ଏହି ସମୟରେ ସେ ପ୍ରଶାସନିକ ଅଧିକାରୀ (ଆଇଏଏସ୍) ସରିତା ଜୟନ୍ତ ଦାସଙ୍କୁ ବିବାହ କରିଥିଲେ। ଡେପୁଟି ଅଡିଟର ଜେନେରାଲ ଭାବେ କାର୍ଯ୍ୟ କରି ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ଓକିଲାତି କରି ବହୁ ସୁନାମ ଅର୍ଜନ କରିପାରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟର ଆଡଭୋକେଟ୍ ଜେନେରାଲ ଭାବେ କାର୍ଯ୍ୟ କରିଥିଲେ। ଜୟନ୍ତଙ୍କ ପରଲୋକରେ ଓଡ଼ିଶା ହାଇକୋର୍ଟର ଆଡଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ଜୟନ୍ତଙ୍କ ମରଶରୀର ନିକଟରେ ତାଙ୍କ ଭାଇ ଯଶବନ୍ତ ଦାସ, ପୁଅ ଆଦିତ୍ୟ ଦାସ ଏବଂ ବନ୍ଧୁ ଅଶୋକ ଟେନଟେଲା ଉପସ୍ଥିତ ଥିଲେ। ଶେଷ ଦର୍ଶନ ଲାଗି ଭୁବନେଶ୍ୱର ଫରେଷ୍ଟ ପାର୍କ ସ୍ଥିତ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଆସି ପହଞ୍ଚିଥିଲେ। ସ୍ଥାନୀୟ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଆଦିତ୍ୟ ମୁଖାଗ୍ନି ଦେଇଛନ୍ତି।

# ପରୀକ୍ଷାର୍ଥୀଙ୍କ ପାଇଁ ମେଣ୍ଟରିଂ ବ୍ୟବସ୍ଥା

## ୟୁଜି, ପିଜି ଫାଇନାଲ ସେମିଷ୍ଟର ପରୀକ୍ଷା ପ୍ରସ୍ତୁତି ବୈଠକ

- କୁଳପତି, ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା
- ୩୦ ସୁଦ୍ଧା ମେଣ୍ଟର ତାଲିକା ଉପଲବ୍ଧ କରିବାକୁ ନିର୍ଦ୍ଦେଶ
- ଖିଲାପ କଲେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ଓ ଡିଗ୍ରୀ ମହାବିଦ୍ୟାଳୟର ୟୁଜି ଓ ପିଜି ଫାଇନାଲ ସେମିଷ୍ଟର ପରୀକ୍ଷା ଜୁଲାଇ କିମ୍ବା ଅଗଷ୍ଟରେ ଅନ୍‌ଲାଇନ୍‌ରେ ହେବ। ଛାତ୍ରୀଛାତ୍ରମାନେ ଯେପରି ସୁବିଧାରେ ଓ ସୁରୁଖୁରୁରେ ପରୀକ୍ଷା ଦେଇପାରିବେ, ସେଥିନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ପରୀକ୍ଷାର୍ଥୀଙ୍କ ପାଇଁ ମେଣ୍ଟରିଂ ବ୍ୟବସ୍ଥା କରାଯାଇଛି। ମହାବିଦ୍ୟାଳୟ ଅଧ୍ୟାପକମାନେ ମେଣ୍ଟର ଭାବେ ପରୀକ୍ଷାର୍ଥୀଙ୍କ ଦାୟିତ୍ୱରେ ରହିବେ। ଛାତ୍ରୀଛାତ୍ରଙ୍କ ସହିତ ନିୟମିତ ଟେଲିଫୋନରେ ଯୋଗାଯୋଗରେ ରହିବେ। ନିଜ ଗ୍ରୁପ୍‌ର ଛାତ୍ରୀଛାତ୍ରଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ମେଣ୍ଟର ଅଧ୍ୟାପକମାନେ ଅବଗତ ହୋଇ ଆବଶ୍ୟକ ପଦକ୍ଷେପ ନେବେ। ଏଥିରେ ଖିଲାପ ହେଲେ ସମ୍ପୃକ୍ତ ମେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ପରୀକ୍ଷା ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି, ପରୀକ୍ଷା ନିୟନ୍ତ୍ରକ, ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ, ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ଯୋଗଦେଇ ଅନ୍‌ଲାଇନ୍ ପରୀକ୍ଷା ଆୟୋଜନ ସମ୍ପର୍କରେ ଅବଗତ କରାଇଥିଲେ।

ମେଣ୍ଟର ଅଧ୍ୟାପକମାନେ କେଉଁ ଛାତ୍ରୀଛାତ୍ରଙ୍କ ଦାୟିତ୍ୱରେ ରହିବେ ତା'ର ତାଲିକା, ଟେଲିଫୋନ୍ ନମ୍ବର ଆଦି ପ୍ରସ୍ତୁତ କରି କଲେଜ୍ ୱେବ୍‌ସାଇଟ୍‌ରେ ଆସନ୍ତା ୩୦ ତାରିଖ ସୁଦ୍ଧା ଉପଲବ୍ଧ କରାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶତପ୍ରତିଶତ ଛାତ୍ରୀଛାତ୍ର ଯେପରି ପରୀକ୍ଷା ଦେଇପାରିବେ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ କହିଛନ୍ତି। ଛାତ୍ରୀଛାତ୍ର ନିଜ ଘରୁ କିମ୍ବା ଯେକୌଣସି ସୁବିଧାଜନକ ସ୍ଥାନରେ ରହି ଏହି ଅନ୍‌ଲାଇନ୍ ପରୀକ୍ଷା ଦେଇପାରିବେ। ଯେଉଁମାନଙ୍କର ଇଣ୍ଟରନେଟ୍ ସୁବିଧା ନାହିଁ. ସେମାନେ ନିକଟ ଡିଗ୍ରୀ ମହାବିଦ୍ୟାଳୟରେ ଅନ୍‌ଲାଇନ୍‌ରେ ପରୀକ୍ଷା ଦେଇପାରିବେ। ପରୀକ୍ଷା ପୂର୍ବରୁ ଏକ ମକ୍ ଟେଷ୍ଟ କରାଯିବ। ବିଶ୍ୱବିଦ୍ୟାଳୟ ଓ ସମସ୍ତ ଡିଗ୍ରୀ ମହାବିଦ୍ୟାଳୟ ଏ କ୍ଷେତ୍ରରେ ସହଯୋଗ କରିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ପରୀକ୍ଷା ସମ୍ବନ୍ଧରେ ବିସ୍ତୃତ ବିବରଣୀ ଅନୁବନ୍ଧିତ ମହାବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବେ। ପରୀକ୍ଷାକୁ ନେଇ କୌଣସି ଦ୍ୱନ୍ଦ୍ୱ ରହିଲେ ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ସମ୍ପୃକ୍ତ କୁଳପତି କିମ୍ବା ପରୀକ୍ଷା ନିୟନ୍ତ୍ରକଙ୍କ ସହିତ ତୁରନ୍ତ ଯୋଗାଯୋଗ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି।



ଅରୁଣ କୁମାର ସାହୁ




# ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଯଶୱନ୍ତ ଜେଠୱା

**କଟକ ଅଫିସ, ୨୫।୬**

ଭିଜିଲାନ୍ସ ନିର୍ଦ୍ଦେଶକଭାବେ ବରିଷ୍ଠ ଆଇପିଏସ୍ ଅଫିସର ଯଶୱନ୍ତ ଜେଠୱା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ଦେବାଶିଷ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ନିର୍ଦ୍ଦେଶାଳୟର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଗତ ୧୮ ତାରିଖରେ ଦେବାଶିଷଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲି ପଡ଼ିଥିଲା। ଗୁରୁବାର ରାଜ୍ୟ ସରକାର ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜେଠୱାଙ୍କୁ ନିଯୁକ୍ତି ଦେଇଛନ୍ତି। ଯଶୱନ୍ତ ପୂର୍ବରୁ ଅତିରିକ୍ତ ଡିଜି (ଆଇନ ଶୃଙ୍ଖଳା) ସହ ଅତିରିକ୍ତ ଭାବେ କ୍ରାଇମବ୍ରାଞ୍ଚ ଏଡିଜି ଦାୟିତ୍ୱ ସମ୍ଭାଳିଥିଲେ। ଏହି ସମୟରେ ସେ ବାହାର ରାଜ୍ୟକୁ ଅମ୍ଳଜାନ ଯୋଗାଣର ଗୁରୁଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ। ସେହିପରି କଟକରେ ନକଲି କରୋନା ଔଷଧ ବିକ୍ରି ମାମଲାରେ ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସନ୍ନ ଜେନା, ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଜେନା ଓ ୨ ସହଯୋଗୀଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିଲା। ଏଥିରେ ଯଶୱନ୍ତଙ୍କ ଭୂମିକା ରହିଥିଲା। ଏଥିସହ ସେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଆଇଜି ଥିବାବେଳେ ବହୁ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇ ପାରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ପରି ଭିଭିଆଇପିଙ୍କ ପାଇଁ ନିୟୋଜିତ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍(ଏସ୍‌ପିଜି)ର ଆଇଜି ଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ।



ଯଶୱନ୍ତ ଜେଠୱା

# ଆକାଶ ପାଠକଙ୍କୁ ସର୍ତ୍ତମୂଳକ ଜାମିନ

**ଜେଲରୁ ମୁକୁଳିପାରିବେ ନାହିଁ**

**କଟକ ଅଫିସ, ୨୫।୬**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ଆକାଶ ପାଠକଙ୍କୁ ଶୁକ୍ରବାର ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନାରେ ହୋଇଥିବା ମାମଲାରେ ହାଇକୋର୍ଟ ୨ଲକ୍ଷ ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ଏହି ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଗଞ୍ଜାମ ଗୋଳନ୍ଥରା ଥାନାର ୨ଟି ମାମଲା, ଭିଜିଲାନ୍ସ ଓ ଖାରବେଳନଗର ଥାନାର ଗୋଟିଏ ଲେଖାଏ ମାମଲାରେ ଜାମିନ ମିଳିସାରିଛି। ହେଲେ କ୍ରାଇମବ୍ରାଞ୍ଚର ଏକ ମାମଲାରେ ଜାମିନ ମିଳି ନ ଥିବାରୁ ସେ ଜେଲରୁ ମୁକୁଳିପାରିବେ ନାହିଁ ବୋଲି ସୂଚନା ମିଳିଛି। ଜଷ୍ଟିସ୍ ଦେବବ୍ରତ ଦାଶ ମାମଲାର ଶୁଣାଣି କରିଥିଲେ। ଆକାଶଙ୍କ ପକ୍ଷରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ନିଜକୁ ଟାଟା କମ୍ପାନୀର ଏମ୍‌ଡି ଭାବେ ପରିଚୟ ଦେଇ ଚାକିରୀ ଦେବା ନାଁରେ ଗଞ୍ଜାମର ବହୁ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ। ଏ ନେଇ ଗୋଳନ୍ଥରା ଓ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଟଙ୍କା ଆକାଶଙ୍କ ଭାବୀ ଶ୍ୱଶୁର ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ମାର୍ଫତରେ ଆସୁଥିଲା। ଠକେଇ ଟଙ୍କାରେ ସେମାନେ ଚାର୍ଟର ଫ୍ଲାଇଟ୍‌ରେ ରାଜ୍ୟ ବାହାରକୁ ଯିବା ସହ ବିଳାସପୂର୍ଣ୍ଣ ଜୀବନ ବିତାଇବା ନେଇ କ୍ରାଇମବ୍ରାଞ୍ଚ ନଜରକୁ ଆସିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଗତ ନଭେମ୍ବର ୨୭ରେ ଅଭୟକାନ୍ତ ଓ ଆକାଶଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ସେହିପରି ଡିସେମ୍ବର ୩ରେ ପ୍ରଦୀପଙ୍କୁ ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

**ଏୟାରପୋର୍ଟ ରେ ଚାକିରୀ**
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ପାଠ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9871674522, 9818599325

**WANTED**
Experienced / Fresher Technician for CCTV, Networking and IT Work.
Salary Negotiable.
Contact with CV on
WhatsApp: 9437062626 or
Mail: bcjob21@gmail.com

**ADMISSION NOTICE**
**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
(Department of Empowerment of Persons with Disabilities (DIVYANGJAN)
Ministry of Social Justice & Empowerment, Government of India)
Oltapur, P.O.- Bairoi, Dist.- Cuttack - 754010 (Odisha)
Tel.: 0671-2805347, Mob.: 9438568953, 9937755426, 9438081487
Website: www.svnirtar.nic.in
E-mail: svnirtar.pbdon@gmail.com, dasvnirtar@gmail.com
Ref. No. AD-5/Nursing/Advt./21-22 Date: 30.06.2021
Applications are invited from the eligible candidates in the prescribed form for admission into;
**Post Basic Diploma in Orthopaedic Nursing (PBDON) - 2021 Course**
**ELIGIBILITY**
Pass in GNM/B.Sc./P.B.B.Sc. Nursing with one year Clinical Experience as a Staff Nurse.
**DURATION OF THE COURSE: 01 Year**
Date of availability of Information Brochure and application form in website: **01.07.2021**.
Closing date of receipt of Application Form: **13.08.2021**
**For more details log on to www.svnirtar.nic.in**
Sd./- Director cum Chairman
PBDON - 2021

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
REGD. OFFICE : C/2, NAYAPALLI, BHUBANESWAR - 751012
CIN : U51211OR1980SGC000894
Tel. No : 0674-2395391, Fax No : 0674-2395291, Website : www.oscsc.in
Tender No. 8703/P-II/76/2021/PDS Dt. 25.06.2021
Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2. | Availability of bid Document in the portal | From 26.06.2021 |
| 3. | Last Date/Time for receipt of bids in the portal | Dt. 12.07.2021 up to 5.00 PM |
| 4. | Date/Time of Opening of Technical Bid | Dt. 13.07.2021 at 3.30 PM |
| 5. | Name and address of the Officer inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal **www.tendersodisha.gov.in**, **www.oscsc.in** & **www.foododisha.in.** Amendments/ corrigendum/cancellation/retenders etc. if any shall be published only in above websites.
Sd/-
Managing Director

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC00084
Tel. No. : 0674-2395391, Fax : 0674-2395291, Website : www.oscsc.in
Tender No. 8702/P-II/77/2021/PDS Dt. 25.06.2021
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the Work | Selection and appointment of handling & transport contractors for handling & transportation of Custom Milled Rice (CMR) from source districts to recipient districts through Rake in the State of Odisha |
| 2 | Availability of bid document in the portal | From 26.06.2021 |
| 3 | Last Date / Time for receipt of bids in the portal | Dt.12.07.2021 upto 5.00 PM |
| 4 | Date/Time of Opening of Technical bid | Dt.14.07.2021 at 3.30 PM |
| 5 | Name and address of the Officer Inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender documents and other details can be seen from the e-procurement portal **www.tendersodisha.gov.in**, **www.oscsc.in** & **www.foododisha.in**. Amendments / corrigendum / cancellation/retenders etc. if any shall be published only in above websites.
Sd/-
Managing Director

ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା



# ଘୋର ଅବ୍ୟବସ୍ଥା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦେଶର ଅର୍ଥବ୍ୟବସ୍ଥା ତଳକୁ ଖସୁଥିବାବେଳେ ଟିକସ ସଂଗ୍ରହ କରିବା ସରକାରଙ୍କ ଏକମାତ୍ର ଲକ୍ଷ୍ୟ ହୋଇଛି। ଏତିକିବେଳେ ଅଧିକ ଟିକସ ପାଇବାର ଆଶା କରି ସରକାର ନିଜେ କରିଥିବା ତ୍ରୁଟି ନର୍ଥ ବ୍ଲକରେ ଭିନ୍ନ ମୋଡ଼ ନେଇଛି। ଏହାକୁ ନେଇ ବହୁ ଅସନ୍ତୋଷ ପ୍ରକାଶ ପାଇଛି। ଆର୍ଥିକ ଦୃଷ୍ଟିରୁ ଯାହା କ୍ଷତିକାରକ ନୁହେଁ ତାହା କାହିଁକି ସ୍ଥିର କରାଯାଉନାହିଁ, ଏଭଳି ପ୍ରଶ୍ନ ରାଇସିନା ହିଲ୍‌ରେ ଘୂରି ବୁଲୁଛି। ଇନ୍‌କମ୍ ଟ୍ୟାକ୍ସ(ଆଇଟି)ଡିପାର୍ଟମେଣ୍ଟ ବା ଆୟକର ବିଭାଗର ବହୁଚର୍ଚ୍ଚିତ ଇ-ଫାଇଲିଂ ୱେବ୍‌ସାଇଟ୍ ଅସଫଳ ହେବା ପରେ ସମସ୍ତେ ଏମିତିକା ପ୍ରଶ୍ନ ଉତ୍‌ଥାପନ କରୁଥିବା ଜଣାପଡ଼ିଛି। ଆଇଟି ଅଧିକାରୀମାନେ ଘୋଷଣା କରିଥିଲେ ଯେ, ନୂଆ ପୋର୍ଟାଲ ଟିକସଦାତାଙ୍କୁ ବହୁ ସାହାଯ୍ୟ କରିବ। ଏହା ମଧ୍ୟ ଟକସ ଭରିବାର ମାଧ୍ୟମକୁ ସହଜ କରିଦେବ ଏବଂ ଏହାଦ୍ୱାରା ଟ୍ୟାକ୍ସ ପରାମର୍ଶଦାତାଙ୍କ ଉପରେ କମ୍ ନିର୍ଭର କରିବାକୁ ପଡ଼ିବ। କିନ୍ତୁ ଏବେ ସଫ୍ଟୱେର୍‌ରେ ବହୁ ତ୍ରୁଟି ଯୋଗୁ ଟିକସଦାତାଙ୍କ ମନରେ କ୍ରୋଧ ପ୍ରକାଶ ପାଇଛି , ସେମାନେ ବି ଅସହାୟ ମନେକରୁଛନ୍ତି। ଟିକସଦାତାମାନେ ଲଗ୍ ଇନ୍ ସମସ୍ୟା ଓ ଗୁରୁତ୍ୱପୂର୍ଣ୍ଣ ପୁରୁଣା ଟ୍ୟାକ୍ସ ଫାଇଲିଂ ୱେବ୍‌ସାଇଟ୍ ମଧ୍ୟ ନୂଆ ପୋର୍ଟାଲରେ ଦୃଶ୍ୟମାନ ହେଉନାହିଁ ବୋଲି ଜଣାଇଛନ୍ତି। ଦୁର୍ଭାଗ୍ୟବଶତଃ ଏହି ସମୟରେ ପୁରୁଣା ତଥା ଭରସାଯୋଗ୍ୟ ୱେବ୍‌ସାଇଟ୍ ବନ୍ଦ ହୋଇଯାଇଛି ଓ ନୂଆ ୱେବ୍‌ସାଇଟ୍ କାମ କରୁନାହିଁ। ବାସ୍ତବରେ ଏଭଳି ଅସୁବିଧାଜନକ ପରିସ୍ଥିତିରେ ପୂର୍ଣ୍ଣ ବିକଶିତ କୁହାଯାଉଥିବା ପୁରୁଣା ୱେବ୍‌ସାଇଟ୍‌ରେ ଅବ୍ୟବସ୍ଥା ଦେଖାଦେବା ବି ଚିନ୍ତା ବଢ଼ାଇ ଦେଇଛି। ଏପରି କି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉକ୍ତ ଅବ୍ୟବସ୍ଥା ସମ୍ପର୍କରେ ଟୁଇଟ୍ କରିବା ପରଠାରୁ ଆଇଟି ଓ ଅଧିକାରୀମାନେ ଇନ୍‌ଫୋସିସ୍ ଏବଂ ଅନ୍ୟ କର୍ପୋରେଟ ସପ୍ଲାୟର ଆଉଟ୍‌ସୋର୍ସ ସହ ଆଲୋଚନା କରି ସଙ୍କଟଜନକ ସ୍ଥିତି ଦୂର କରିବା ଲାଗି ଚେଷ୍ଟା କରୁଛନ୍ତି। ତେବେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍(ସିବିଡିଟି)ର ଆକ୍ଟିଂ ଚେୟାରମ୍ୟାନ୍ ବା କାର୍ଯ୍ୟକାରୀ ଅଧ୍ୟକ୍ଷ ଜଗନ୍ନାଥ ମହାପାତ୍ରଙ୍କୁ ନେତୃତ୍ୱର ପରାକାଷ୍ଠା ବା କୌଶଳ ଦେଖାଇବା ପାଇଁ ଏହା ଏକ ପରୀକ୍ଷାର ମୁହୂର୍ତ୍ତ। ପି. ସି. ମୁଡିଙ୍କ ପରେ ସେ ଏହି ଦାୟିତ୍ୱ ନେଇଛନ୍ତି। ଅନେକଦିନ ଧରି ଏବଂ ଅନେକଥର ମୁଡିଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ଦେବା ପରେ ଠିକ୍ ପୁରୁଣା ୱେବ୍‌ସାଇଟ୍ ବନ୍ଦ ଦେବା ଦିନ ତାଙ୍କ କାର୍ଯ୍ୟକାଳ ଶେଷ ହେଲା ବୋଲି କୁହାଯାଉଛି। ଟ୍ୟାକ୍ସ ବାବୁମାନେ ଏବେ ପୂରା ବ୍ୟସ୍ତ ରହିଥିବା ଜଣାପଡିଛି। କମ୍ ସମୟରେ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ସେମାନେ ଚେଷ୍ଟା କରୁଛନ୍ତି। ଏଥିପାଇଁ ବାବୁମାନେ ଇନ୍‌ଫୋସିସ୍ ସହ ଆଲୋଚନା ଚଳାଇଛନ୍ତି। ଏଭଳି ଉଦ୍ୟମରେ ନିଶ୍ଚିତ ଭାବେ ତ୍ରୁଟି ବା ସମସ୍ୟା ଦୂରହେବା ଆଶା ରହିଛି ବୋଲି ଆମକୁ କୁହାଯାଉଛି। ଟିକସଦାତାମାନେ ବି ନିର୍ଦ୍ଦିଷ୍ଟ ଭାବେ ଏହା ଆଶା କରିବା ସ୍ୱାଭାବିକ। ତେବେ ସବୁ କିଛି ଠିକ୍ ହେବା ଯାଏ ଟିକସ ସଂଗ୍ରହ ଅଟକି ରହିବ।

### ବାବୁମାନେ ମୁହାଁମୁହିଁ

ଫୁଟ୍‌ବଲ୍ ଖେଳରେ ଜଣକୁ ଜଣେ ଜଗିବା କୌଶଳ ଆପଣାଯାଇଥାଏ। ଏଥିରେ ଜଣେ ଖେଳାଳି ତାଙ୍କ ପ୍ରତିପକ୍ଷକୁ ରୋକିବା ସହ ତା'ପାଖରେ ଅଧିକ ସମୟ ବଲ୍ ରହିବାକୁ ଦେଇ ନ ଥାଏ। ଠିକ୍ ଏହିଭଳି ଧାରା ଏବେ କେନ୍ଦ୍ର ଗ୍ରହଣ କରିଛି। ସରକାରୀ ବ୍ୟବସ୍ଥାରେ କାର୍ଯ୍ୟ କରିବା ପରେ ଏବେ ବାହାରେ ରହିଥିବା ବାବୁମାନଙ୍କ ପକ୍ଷରୁ ହେଉଥିବା ବିରୋଧକୁ ଅଟକାଇବା ଲାଗି ସରକାର ଚେଷ୍ଟା କରୁଛନ୍ତି। ବାହାରେ ରହି ବାବୁମାନେ ଖୋଲାଖୋଲି ଭାବେ ବିଭିନ୍ନ ସମସ୍ୟା ଉପରେ ମତ ଦେଉଛନ୍ତି। ଯେଉଁ ସମସ୍ୟା ଉପରେ ସେମାନେ ଅଧିକ ଚିନ୍ତା ପ୍ରକଟ କରୁଛନ୍ତି,ତା' ଉପରେ ହିଁ ମତ ରଖୁଛନ୍ତି। ଏକ ସମୟରେ ପ୍ରଶାସନିକ କୌଶଳ ପାଇଁ ବେଶ୍ ଜଣାଶୁଣା ତଥା ସିଭିଲ ସର୍ଭିସ କ୍ୟାରିୟର ମଧ୍ୟରେ ବିଭିନ୍ନ ବିଷୟରେ ଧୁରୀଣ ଥିବା ପୂର୍ବତନ ଅମଲାତନ୍ତ୍ରୀମାନେ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଲେଖୁଛନ୍ତି। ସମ୍ଭବତଃ ଏମାନଙ୍କ ଲେଖା ସରକାରଙ୍କୁ ଅତି କ୍ରୋଧିତ କରୁଛି। ଉକ୍ତ ବାବୁମାନଙ୍କ ମଧ୍ୟରେ ରହିଛନ୍ତି ପଞ୍ଜାବ ସରକାରଙ୍କ ପୂର୍ବତନ ପରାମର୍ଶଦାତା ତଥା ରୋମାନିଆର ପୂର୍ବତନ ଆମ୍ବାସାଡର ଜୁଲିଓ ରିବେରିଓ, ପୂର୍ବତନ କ୍ୟାବିନେଟ୍ ସଚିବ କେ.ଏମ୍. ଚନ୍ଦ୍ରଶେଖର, ପୂର୍ବତନ ସଂସ୍କୃତି ସଚିବ ଜୱର ସିର୍‌କାର, ପୂର୍ବତନ ବୈଦେଶିକ ସଚିବ ଶ୍ୟାମ୍ ସରନ ଏବଂ ଆଉ କେତେଜଣ ଏଭଳି ଜଣାଶୁଣା ଏବଂ ନିରପେକ୍ଷ ପୂର୍ବତନ ସିଭିଲ୍ ସର୍ଭାଣ୍ଟ। ସେମାନଙ୍କ କଥାର ଗୁରୁତ୍ୱ ରହିଛି। ସାମୂହିକ ଏବଂ ବ୍ୟକ୍ତିଗତ ଭାବେ ସେମାନେ ପିଏମ୍ କେୟାର୍ସ ଫଣ୍ଡ, କୃଷକ ଆନ୍ଦୋଳନ, ଅନୁଚ୍ଛେଦ ୩୭୦, କୋଭିଡ୍ ମହାମାରୀ ନିୟନ୍ତ୍ରଣ, ମାନବ ଅଧିକାର ନିର୍ଯାତନ, ବିବାଦୀୟ ସେଣ୍ଟ୍ରାଲ୍ ଭିଷ୍ଟା ଆଦି ବିଷୟ ଉପରେ ମତ ରଖୁଛନ୍ତି। ସେମାନେ ସମ୍ପାଦକୀୟ ପୃଷ୍ଠାରେ ବି ଆର୍ଟିକଲ ଲେଖୁଛନ୍ତି। କେବଳ ଏତିକି ନୁହେଁ , ଏହି ବାବୁମାନେ ମଧ୍ୟ କେନ୍ଦ୍ରକୁ ଖୋଲାଚିଠି ଲେଖିଛନ୍ତି, ଯାହା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଭଳି ଅଯାଚିତ ପରାମର୍ଶ ସରକାରଙ୍କୁ ସ୍ପଷ୍ଟ ଭାବେ ଅପମାନିତ କରିଛି, ଖୁବ୍ ବାଧିଛି ମଧ୍ୟ। ଯେହେତୁ ଏଗୁଡ଼ିକ ଯାହିତାହି ସ୍ୱର ନୁହେଁ,ଏହାକୁ ସହଜରେ ଦବାଇ ଦିଆଯାଇପାରିବ ନାହିଁ। ଏଣୁ କେନ୍ଦ୍ର ଅନ୍ୟ ନିରପେକ୍ଷ ବାବୁମାନଙ୍କ ଦ୍ୱାରା ଏମାନଙ୍କୁ ପ୍ରତିରୋଧ କରିବାକୁ ନିଷ୍ପତ୍ତି ନେଇଛି। ଏବେ ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଜଣେ ପୂର୍ବତନ ବାବୁଙ୍କ ମତ ବା ଲେଖା ଉପରେ ଅନ୍ୟ ଜଣେ ବାବୁ ତତ୍‌କ୍ଷଣାତ୍ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାରଙ୍କୁ ସୁରକ୍ଷା ଦେବା ଲାଗି ସେ ଏହା କରିଛନ୍ତି। ଯଦି ଏଥିରେ କିଛି ନାହିଁ, ତେବେ ଏହା ଗୋଳିଆପାଣିର କିଛି କ୍ଷତି କରିବ ନାହିଁ, ବରଂ ନିଜକୁ ମଇଳା କରିବା ହିଁ ସାର ହେବ। ଗଣମାଧ୍ୟମରେ ବାବୁମାନେ ପରସ୍ପର ମୁହାଁମୁହିଁ ହେଉଥିବାବେଳେ, ସରକାର କିନ୍ତୁ ତାଙ୍କ ଚିରାଚରିତ କାମରେ ଆଗେଇ ଚାଲିଛନ୍ତି।

Email: dilipcherian@gmail.com

# ଜରୁରୀ ସ୍ଥିତି ପାଇଁ ଏକଚ୍ଛତ୍ରବାଦ ଦାୟୀ



ଅମିତ ଶାହା

୪୬ ବର୍ଷ ପୂର୍ବେ ଭାରତର ଇତିହାସରେ ଏକ କଳା ଅଧ୍ୟାୟ ଲେଖା ହୋଇଥିଲା। ସେହି ସମୟରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲା। ଏହା ଥିଲା ଏକଚ୍ଛତ୍ରବାଦ ଅହଂକାରର ଏକ କୁତ୍ସିତ ନିଦର୍ଶନ। ଏହା ମଧ୍ୟ ଦେଶର ଗଣତାନ୍ତ୍ରିକ ପରମ୍ପରା ପ୍ରତି ଥିଲା ଏକ ପରିହାସ । ଏକଚ୍ଛତ୍ରବାଦ ଆଡ଼କୁ କାହିଁକି ଢଳିଥିଲା ତାହାର କାରଣ ଏଯାବତ ପ୍ରଶ୍ନରେ ହିଁ ରହିଯାଇଛି। ଏପରି କି ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଇଥିଲା, ପାର୍ଲାମେଣ୍ଟ, ନ୍ୟାୟପାଳିକା, ଏବଂ ଗଣମାଧ୍ୟମର ଗୁରୁତ୍ୱ ହ୍ରାସ କରାଯାଇଥିଲା। ଏହା କେବଳ ଜଣେ ନେତାଙ୍କ ଏକଚ୍ଛତ୍ରବାଦୀ ମନୋଭାବ ଯୋଗୁ ଘଟିଥିଲା। ଏହା କଂଗ୍ରେସର ପାରିବାରିକ ରାଜନୀତିର ଏକ ବାସ୍ତବ ପ୍ରବୃତ୍ତିର ନିଚ୍ଛକ ଛବି।

ଭାରତର ପୁରାତନ ଇତିହାସ ସମୃଦ୍ଧଶୀଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିପୂର୍ଣ୍ଣ। କାମ୍ବୋଜ, କଳିଙ୍ଗ, ଲିଚ୍ଛାଭି ସାମ୍ରାଜ୍ୟ ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ। ଏପରି କି ପୁରାତନ ଶାସ୍ତ୍ର ଋଗ୍‌ବେଦରେ ବି ଗଣତନ୍ତ୍ର ବ୍ୟବସ୍ଥାର ପ୍ରମାଣ ରହିଛି। ଗଣତାନ୍ତ୍ରିକ ସିଦ୍ଧାନ୍ତ ବା ବିଚାର ଆଡ଼କୁ ଉକ୍ତ ଅଭିଯାନ ରାଜତନ୍ତ୍ରରେ ବି ଚାଲୁ ରହିଥିଲା। ତେବେ ଯେତେବେଳେ ବିଦେଶୀ ଆକ୍ରମଣକାରୀ ଲୁଣ୍ଠନ କଲେ ସେତେବେଳେ ଏଥିରେ ବାଧା ଆସିଲା। ସେମାନେ ସାମ୍ରାଜ୍ୟ ପରେ ସାମ୍ରାଜ୍ୟ ଜୟ କଲେ ଏବଂ ଧୀରେ ଧୀରେ ସେମାନଙ୍କ ଅତ୍ୟାଚାରୀ ଶାସନ ବିରାଟ ଭୂଖଣ୍ଡରେ ପ୍ରତିଷ୍ଠା କଲେ। ସ୍ୱାଧୀନତା ପରେ ଭାରତ ଏକ ଆଧୁନିକ, ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ଦେଶଭାବେ ଉଭା ହେବା ଲାଗି ବଡ଼ ପଦକ୍ଷେପ ନେଲା। ଦେଶର କୃଷକମାନେ ଆଶା କରିଥିଲେ ଯେ, ଭବିଷ୍ୟତରେ ସରକାରଗୁଡ଼ିକ ସେମାନଙ୍କ ସ୍ୱପ୍ନ ପୂରଣ କରିବେ। ସର୍ବୋପରି ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷା ଦେବେ। ତେବେ ସ୍ୱାଧୀନତା ସଂଗ୍ରାମ ଜଠରୁ ଜାତ କଂଗ୍ରେସ ଦେଶ ଶାସନ କରିବାର ପ୍ରଥମେ ସୁଯୋଗ ଲାଭ କଲା। ଜବାହରଲାଲ ନେହେରୁ ନେତୃତ୍ୱ ନେଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ସାପ୍ତାହିକ 'ପଞ୍ଚଜନ୍ୟ'କୁ ନିଷିଦ୍ଧ କରାଯିବା ଲାଗି ଏହା ଉପରେ ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ନେଇ ଭୁଲ୍ ଅଭିଯୋଗ ଅଣାଗଲା। 'ନିଷିଦ୍ଧ'କୁ ଏକ ଅସ୍ତ୍ର ଭାବେ ଉପଯୋଗ କରି ପ୍ରତିପକ୍ଷର ଦୃଷ୍ଟିକୋଣକୁ ଦବାଇଦେବାର ଏହା ଥିଲା ପ୍ରଥମ ଘଟଣା।

ସମ୍ବିଧାନ ପ୍ରଚଳନର ପ୍ରାୟ ଏକ ବର୍ଷ ପରେ ୧୯୫୧-୫୨ରେ ତାଙ୍କ ନୀତି ଯୋଗୁ ସମାଲୋଚିତ ହେଉଥିବା ନେହେରୁ ବାକ୍ ସ୍ୱାଧୀନତା ଉପରେ କଟକଣା ଲଗାଇବା ପାଇଁ ପ୍ରଥମ ସଂଶୋଧନ ଦିଗରେ କାର୍ଯ୍ୟ କଲେ। ସେତେବେଳେ ଏହାକୁ ବିରୋଧ କରିଥିବା ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଅଣଦେଖା କରାଯାଇଥିଲା। ଏହା ଥିଲା ଏକଚ୍ଛତ୍ରବାଦର ଅୟମାରମ୍ଭ। ପିତାଙ୍କ ଏକଚ୍ଛତ୍ରବାଦ ନୀତି ଉପରେ ହିଁ ଇନ୍ଦିରା ଗାନ୍ଧୀଙ୍କ ରାଜନୈତିକ ଜୀବନ ଗତିଶୀଳ ହୋଇଥିଲା। ୨୫ ଜୁନ୍ ୧୯୭୫ ମଧ୍ୟରାତ୍ରିରେ ଜରୁରିକାଳୀନ ସ୍ଥିତି ଜାରି କରି ଇନ୍ଦିରା ସାରା ଦେଶକୁ ଏକ କରାଗାରରେ ପରିଣତ କରିଦେଇଥିଲେ। ଲୋକମାନ୍ୟ ଜୟପ୍ରକାଶ ନାରାୟଣଙ୍କ ସମେତ ମୋରାରଜୀ ଦେଶାଇ, ଅଟଳ ବିହାରୀ ବାଜପେୟୀ, ଏଲ୍.କେ.ଆଡଭାନୀଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ନାନାଜୀ ଦେଶମୁଖ ଏବଂ ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ଭଳି ନେତାମାନେ ଏହି ସଂଗ୍ରାମକୁ ଆଗକୁ ନେବା ପାଇଁ ଅଣ୍ଡରଗ୍ରାଉଣ୍ଡ୍‌ରେ ରହିଥିଲେ। ଆରଏସ୍‌ଏସ୍ ସହ ବହୁ ସାମାଜିକ ତଥା ସାଂସ୍କୃତିକ ସଂଗଠନକୁ ସେତେବେଳେ ନିଷିଦ୍ଧ କରାଯାଇଥିଲା। ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା। ଦୁଃଖର ବିଷୟ, ଅଧିକାଂଶ ଗଣମାଧ୍ୟମ ସଂସ୍ଥାର କଣ୍ଠରୋଧ କରାଯାଇଥିଲା। ଏପରି କି ଅଧିକାଂଶ ଖବରକାଗଜ କଂଗ୍ରେସର ମୁଖପାତ୍ର ପାଲଟିଗଲେ। ଏସବୁ ଦେଖି ଆଡଭାନୀ କହିଲେ ଯେ, ମିଡିଆକୁ ଯେତେବେଳେ ନଇଁଯିବାକୁ କୁହାଗଲା ସେତେବେଳେ ତାହା ଗୁରୁଣ୍ଡିବା ସ୍ତରକୁ ଚାଲିଗଲା ବୋଲି ଆଡଭାନୀ ଏହି ଟିପ୍ପଣୀ ଦେଇଥିଲେ। ଇନ୍ଦିରା ଗାନ୍ଧୀ ଗଣତନ୍ତ୍ର ଉପରେ ଆକ୍ରମଣ କରିବାରେ ସର୍ବାଗ୍ରେ ରହିଥିଲେ ବୋଲି ଆଲୋଚନା ହେଲା। ତାଙ୍କ ନିର୍ବାଚନକୁ ଆଲ୍ଲାହାବାଦ ହାଇକୋର୍ଟ ଯେଉଁ ଅସିଦ୍ଧ ଘୋଷଣା କରିଥିଲେ ତାହାକୁ ଇନ୍ଦିରାଙ୍କ ଏକଚ୍ଛତ୍ରବାଦ ମନୋଭାବ ଗ୍ରହଣ କରି ନ ଥିଲା। କଂଗ୍ରେସର ଏକଚ୍ଛତ୍ରବାଦ ଓ ଅସହିଷ୍ଣୁତା କଂଗ୍ରେସର ରକ୍ତମଜାଗତ ହୋଇଥିଲା। ୧୯୭୭ ମସିହାର ପରାଜୟରୁ ଶିକ୍ଷା ଗ୍ରହଣ କରିବା ପରିବର୍ତ୍ତେ ଏହି ଧାରା ଅଗଣତାନ୍ତ୍ରିକ ଭାବେ ରାଜୀବ ଗାନ୍ଧୀଙ୍କ ଲମ୍ବିଥିଲା।

କଂଗ୍ରେସର ଏଭଳି କାର୍ଯ୍ୟ କେବଳ ପରିବାରବାଦ ଯୋଗୁ ଗଢ଼ିଚାଲିଛି। ପାର୍ଟି ଭିତରେ ଅନ୍ତଃଗଣତାନ୍ତ୍ରିକ ଧାରା ନ ଥିବାରୁ ଗଣତନ୍ତ୍ରକୁ ସୁରକ୍ଷିତ ରଖିବ ବୋଲି ଆଶା କରିବା ବୃଥା। 'ପ୍ରଥମେ ପରିବାର' ମନୋଭାବ ହେଉଛି ଏକଚ୍ଛତ୍ରବାଦୀ ଲଜ୍ଜା, ଯାହା ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱରେ ଭାଜପା ବଂଶବାଦ ରାଜନୀତି କରୁଥିବା ଦଳଗୁଡ଼ିକର କାର୍ଯ୍ୟରେ ରୋକ ଲଗାଇଛି, ଯେଉଁମାନେ କି ନିଜ ବସ୍ ଓ ସେମାନଙ୍କ ପରିବାରର ବ୍ୟକ୍ତିଗତ ସ୍ୱାର୍ଥକୁ ଦେଖିଥାଆନ୍ତି। ସମ୍ପ୍ରତି ଭାରତରେ ଭାଜପା ଏକମାତ୍ର ଦଳ ଯାହା ଔଚିତ୍ୟ, ସାମ୍ୟ ଓ ସମାନ ସୁବିଧା ପ୍ରଦାନର ସିଦ୍ଧାନ୍ତକୁ ପାର୍ଟି ପରିଚାଳନାରେ ଉପଯୋଗ କରୁଛି। ଏହାର ନୀତିଗୁଡ଼ିକ ବଞ୍ଚିତ ବର୍ଗର ଲୋକଙ୍କ ପାଖରେ ସୁବିଧା ସୁଯୋଗ ପହଞ୍ଚାଇବା ପାଇଁ ଗଣତନ୍ତ୍ରର ଚେରକୁ ଆହୁରି ଗଭୀରକୁ ନେଇଛି।

ଗଣତନ୍ତ୍ର କେବଳ ଏକ ନିର୍ବାଚନୀ ତଥା ରାଜନୈତିକ କସରତ ନୁହେଁ। ଏହା ଅଧିକ ବିସ୍ତୃତ ସାଂସ୍କୃତିକ ଅବସ୍ଥାରେ ରହିଛି, ଯେଉଁଥିରେ ଅନ୍ତର୍ଭୁକ୍ତୀକରଣ ବିକାଶ, ସମସ୍ତଙ୍କ ପାଇଁ ନିରାପତ୍ତା, ସମାନ ସୁଯୋଗ ଏବଂ ସମାନ ଅଧିକାର ଆଣିବାରେ ସହାୟକ ହୋଇଥାଏ। ଗତ ୭ ବର୍ଷ ଧରି ଏନ୍‌ଡିଏ ସରକାର ଅକ୍ଳାନ୍ତ ପରିଶ୍ରମ କରି ଏଭଳି ଚିନ୍ତାଧାରାକୁ ସୁଦୃଢ଼ କରିବା ଲାଗି ଏକ ନୀତି ମାଧ୍ୟମରେ ଆଗେଇ ଚାଲିଛି। ଆଜି ଗଣତନ୍ତ୍ର ରୂପୀ ବୃକ୍ଷର ସମସ୍ତ ଶାଖା ସହଯୋଗ, ସମନ୍ୱୟ ଓ ସନ୍ତୁଳିତ ଭାବେ କାର୍ଯ୍ୟ କରିବାରେ ଲାଗିଛି। କଂଗ୍ରେସ ଅମଳରେ ନ୍ୟାୟପାଳିକାକୁ ବ୍ୟବସ୍ଥାପିକାରେ ଥିବା ବ୍ୟକ୍ତିବିଶେଷ ଯେଉଁଭଳି ଭାବେ ବଶତା ସ୍ୱୀକାର କରିବା ଦିଗରେ କାର୍ଯ୍ୟ କରିଥିଲେ, ଆଜି ତାହା ନାହିଁ। ଏହା ଏବେ ପୂର୍ଣ୍ଣ ସ୍ୱାଧୀନତା ଦେଇ ଗତି କରୁଛି। ଏପରି କି ଗଣମାଧ୍ୟମ ସ୍ୱାଧୀନ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିଚାଲିଛି। ବିଗତ ୭ ବର୍ଷ ଭିତରେ ଭାରତର ସଂସଦୀୟ ବ୍ୟବସ୍ଥା ଅତ୍ୟନ୍ତ ସୁଦୃଢ଼ ହୋଇଛି।

(ସ୍ୱରାଷ୍ଟ୍ର ମନ୍ତ୍ରୀ)

# ନିଶାର ଦଶା



ଡ. ସତ୍ୟନାରାୟଣ ମିଶ୍ର

ଆଧୁନିକ ସଭ୍ୟତାରେ ନିଶା ସେବନ ହେଉଛି ଏକ ମାରାତ୍ମକ ସାମାଜିକ ବ୍ୟାଧି ଓ ଅପରାଧ। ଏହା କର୍କଟ ରୋଗ ଭଳି ଦିନକୁ ଦିନ କାୟା ବିସ୍ତାରକରି ଅନେକଙ୍କୁ ଆକ୍ରାନ୍ତ କରୁଛି। ନିଶା ହେଉଛି ଅକାଳ ମୃତ୍ୟୁର ନିମନ୍ତ୍ରଣ ପତ୍ର। ଏଥିରେ ଥରେ ନିମଜ୍ଜିତ ହେଲେ ସେଥିରୁ ମୁକୁଳିବା ଅସମ୍ଭବ ହୋଇଥାଏ। ତେଣୁ ନିଶା ସେବନ ଦ୍ୱାରା ବିଶେଷତଃ ସର୍ବାଦୌ ନିଜର ଧ୍ୱଂସ ହୋଇଥାଏ ଓ ତତ୍ପରେ ପରିବାରର। ପୁରାତନ ଯୁଗରେ ନିଶାକୁ ଜୀବନ ବଞ୍ଚାଇବା ପାଇଁ ଔଷଧ ରୂପେ ମାତ୍ରା ଅନୁଯାୟୀ ବ୍ୟବହାର କରାଯାଉଥିଲା। ରୋଗୀର ବ୍ୟଥାକୁ ଉପଶମ କରିବା ନିମନ୍ତେ ନିଶା ବ୍ୟବହାର କରାଯାଉଥିଲା। ସେତେବେଳେ ନିଶାର ଅପବ୍ୟବହାର କରାଯାଉ ନ ଥିଲା। ମାତ୍ର ବର୍ତ୍ତମାନ ନିଶା ଦ୍ୱାରା ମଣିଷ ଆକ୍ରାନ୍ତ ଓ ଶରୀର ରକ୍ଷା ପରିବର୍ତ୍ତେ ଶରୀରକୁ ବିସର୍ଜନ ପାଇଁ ନିଶା ଏକ ମାଧ୍ୟମ।

ଆଧୁନିକ ସହର ଜୀବନଶୈଳୀରେ ନିଜକୁ ଅତ୍ୟଧିକ ଆଧୁନିକତାର ସ୍ପର୍ଶରେ ମଣିଷ ନିଶା ସେବନକୁ ଜୀବନର ଏକ ବିଶେଷ ଅଙ୍ଗ ବୋଲି ମଣୁଥିବା ବେଳେ ଗ୍ରାମ୍ୟ ଜୀବନରେ ମଧ୍ୟ ଏହାର ପ୍ରଭାବ କିଛି କିଛି ମାତ୍ରାରେ ପରିଲକ୍ଷିତ ହେଲାଣି। ନିଶାସକ୍ତର ନମୁନା ଭାବରେ ଭାରତର ୮୮% ହେରୋଇନ ବ୍ୟବହାର କରୁଥିବା ନିଶାସକ୍ତ ବ୍ୟକ୍ତିମାନେ ହେଉଛନ୍ତି ୧୪ରୁ ୨୫ ବର୍ଷ ବୟସର ବ୍ୟକ୍ତିମାନେ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯେଉଁ ସମୟରେ ଜ୍ଞାନ ଆହରଣ କରି ଭବିଷ୍ୟତ ନିର୍ମାଣ କରିବା ସମୟ ଉକ୍ତ ସମୟରେ ଉକ୍ତ ବର୍ଗର ଛାତ୍ର ଛାତ୍ରୀମାନେ ନିଶାର କରାଳ କାୟା ଦ୍ୱାରା କବଳିତ। ପୂର୍ବେ ଯୌଥ ପରିବାରରେ ମଣିଷ ପରିବାର ମଧ୍ୟରେ ଶାସନ ଓ ଅନୁଶାସନର ଶୃଙ୍ଖଳା ମଧ୍ୟରେ ଜୀବନ ନିର୍ବାହ କରୁଥିଲା ଓ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଯଥାମାନ୍ୟକରି ଶୃଙ୍ଖଳାର ଆଜ୍ଞା ପାଳନ କରୁଥିଲା, ମାତ୍ର ଯେତେବେଳେ ଯୌଥ ପରିବାରରୁ ଏକାଙ୍ଗୀ ପରିବାରରେ ମଣିଷ ଜୀବନ ନିର୍ବାହ କଲା, ସେତେବେଳେ ସେ ନିଜକୁ ନିଜେ ସ୍ୱେଚ୍ଛାଚାରିତା ମଧ୍ୟରେ ପ୍ରବେଶ କରି ନିଜର ରୋଜଗାରରେ ନିଜେ ସର୍ବମୟ କର୍ତ୍ତା ହୋଇ ନିଶାରେ ନିମଜ୍ଜିତ ରହିଲା।

ମିଳିତ ଜାତିସଂଘର ପୃଷ୍ଠଭୂମିରେ ଆନ୍ତର୍ଜାତିକ ନିଶା ନିୟନ୍ତ୍ରଣ ବୋର୍ଡ ୨୦୧୮ରେ ଏକ ରିପୋର୍ଟ ପ୍ରଦାନ କରିଥିଲେ, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ, ଭାରତ ହେଉଛି ଅବୈଧ ନିଶା ସେବନ ଓ ବ୍ୟବସାୟର କ୍ଷେତ୍ର। ସମଗ୍ର ପୃଥିବୀର ୬% ବ୍ୟକ୍ତି ଭାରତରେ ଗଞ୍ଜା ବ୍ୟବହାର କରିଥାନ୍ତି, ଯାହା ୨୦୧୬ରେ ୩୦୦ ଟନ ଜବତ ହୋଇଥିଲା ବେଳେ ୨୦୧୭ରେ ୩୫୩ ଟନ ଗଞ୍ଜା ଭାରତରେ ଜବତ କରାଯାଇଥିଲା। ଭାରତରେ ଚରସର ବ୍ୟବହାର ମଧ୍ୟ କମ୍ ନୁହେଁ, ଯାହା ୨୦୧୭ରେ ୩.୨ଟନ ଜବତ କରାଯାଇଥିଲା। ବର୍ତ୍ତମାନ ଭାରତରେ ଅଧିକାଂଶ ବ୍ୟକ୍ତି ଇଣ୍ଟରନେଟ ପୃଷ୍ଠଭୂମିର ବ୍ୟବହାର କରି ଅନ୍‌ଲାଇନ ଦ୍ୱାରା 'ଡାର୍କନେଟ' ମାଧ୍ୟମରେ ନିଶା ଦ୍ରବ୍ୟର ଉପଲବ୍ଧି ହୋଇପାରୁଛି ଓ ତାହା ଅନାୟାସରେ ନିଶା ସେବନକାରୀ ନିକଟରେ ପହଞ୍ଚି ପାରୁଛି। ପୃଥିବୀରେ ଆଫଗାନିସ୍ତାନ ଓ ମ୍ୟାନ୍‌ମାରରେ ଅଧିକ ପରିମାଣର ନିଶାଦ୍ରବ୍ୟ ଉତ୍ପନ୍ନ ହୋଇଥାଏ। ଭାରତବର୍ଷରେ ଆନୁମାନିକ ୨.୬ କୋଟି ଲୋକ ନିଶା ବ୍ୟବହାର କରିଥାନ୍ତି ଓ ୬୦ ଲକ୍ଷ ବ୍ୟକ୍ତି ନିଶା ସେବନଜନିତ ମାନସିକ ଓ ଶାରୀରିକ ବିକାରଗ୍ରସ୍ତ ହୋଇଥାନ୍ତି। ବିଭିନ୍ନ ନିଶାଗୁଡ଼ିକ ମଧ୍ୟରୁ ମୁଖ୍ୟ ନିଶାଗୁଡ଼ିକ ହେଲା ଚରସ, ହେରୋଇନ, ଅଫିମ, ଗଞ୍ଜା, ଭାଙ୍ଗ। ଭାରତରେ ୬୩ ଲକ୍ଷ ବ୍ୟକ୍ତି ନିଜ ଶରୀରରେ ନିଜକୁ ନିଜେ ଇଞ୍ଜେକ୍ସନ ଦ୍ୱାରା ହେରୋଇନ ଆଦି ନିଶାକୁ ପ୍ରେରଣ କରିଥାନ୍ତି ଓ ଉକ୍ତ ଇଞ୍ଜେକ୍ସନ ଛୁଞ୍ଚିକୁ ଅନ୍ୟମାନଙ୍କୁ ବ୍ୟବହାର କରି ଆନନ୍ଦିତ ହୋଇଥାନ୍ତି ; ଯଦ୍ଦ୍ୱାରା ଏଡ୍‌ସ, ଏଚ୍‌ଆଇଭି ଭଳି ମାରାତ୍ମକ ରୋଗ ଯଥେଷ୍ଟ ମାତ୍ରାରେ ସଂକ୍ରମିତ ହୋଇଥାଏ। ସେହିପରି ୨୫ ଲକ୍ଷ ବ୍ୟକ୍ତି ଅଫିମ, ୫୦ ଲକ୍ଷ ବ୍ୟକ୍ତି ଗଞ୍ଜା ଓ ୪୦ ଲକ୍ଷ ବ୍ୟକ୍ତି ଭାଙ୍ଗ ଦ୍ୱାରା ଆସକ୍ତ। ଭାରତରେ ୧୬ କୋଟିରୁ ଉର୍ଦ୍ଧ୍ୱ ଲୋକ ମଦ ବ୍ୟବହାର କରିଥାନ୍ତି, ଯାହା ସମାଜରେ ଆଇନ ଶୃଙ୍ଖଳା ରକ୍ଷା କରିବାରେ ବାଧକ ସୃଷ୍ଟି କରିଥାଏ।

ଭାରତକୁ ନିଶା କ୍ଷେତ୍ରରେ ଭୌଗୋଳିକ ଦୃଷ୍ଟିକୋଣରୁ ସୁବର୍ଣ୍ଣ ତ୍ରିକୋଣ ବୋଲି ବିବେଚନା କରାଯାଇଥାଏ କାରଣ ଥାଇଲାଣ୍ଡ, ମ୍ୟାନ୍‌ମାର ଓ ଲାଓସେ ଭଳି ଦେଶରୁ ପ୍ରଚୁର ପରିମାଣରେ ନିଶା ଚୋରା କାରବାର ହୋଇଥାଏ। ପୁନଶ୍ଚ ଭାରତକୁ ନିଶା କ୍ଷେତ୍ରରେ ଗୋଲ୍ଡେନ କ୍ରିସେଣ୍ଟ ବୋଲି କୁହାଯାଏ ; କାରଣ ଭାରତ, ପାକିସ୍ତାନ, ଆଫଗାନିସ୍ତାନ ଓ ଇରାନ ଭଳି ଦେଶଗୁଡ଼ିକଙ୍କ ଦ୍ୱାରା ନିଶା ବ୍ୟବହାରକାରୀମାନେ ଅନାୟାସରେ ବାହାରକୁ ଯାଇପାରନ୍ତି ଓ ନିଶାର ଚୋରା କାରବାର ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ତେଣୁ ନିଶାରୁ ପ୍ରଚୁର ଅର୍ଥ ସମ୍ବଳ ସଂଗ୍ରହ କରି ଦେଶଗୁଡ଼ିକରେ ଆତଙ୍କବାଦ, ସନ୍ତ୍ରାସବାଦ ଭଳି ମାରାତ୍ମକ ଦେଶଦ୍ରୋହୀ ଗୋଷ୍ଠୀ ସୃଷ୍ଟି ହେଉଛନ୍ତି ଓ ସେମାନଙ୍କର କାୟା ବିସ୍ତାର ହୋଇଚାଲିଛି।

ସମ୍ବିଧାନର ଧାରା ୪୭ ଅନୁଯାୟୀ ରାଜ୍ୟ ସରକାର ଜନସାଧାରଣଙ୍କ ହିତ ନିମନ୍ତେ ମାଦକ ଦ୍ରବ୍ୟ ଓ ନିଶା ସେବନକୁ ଔଷଧ ବ୍ୟବହାର ବ୍ୟତୀତ ଅନ୍ୟ ସମସ୍ତ ବ୍ୟବହାରରେ ସମ୍ପୂର୍ଣ୍ଣ ନିଷେଧ କରି ଦେଇପାରନ୍ତି ; ଯାହା ଶରୀର ପ୍ରତି କ୍ଷତିକାରକ ତାହା ବର୍ଜନୀୟ ବୋଲି ଶାସ୍ତ୍ରରେ ନିର୍ଦ୍ଦେଶ ହୋଇଅଛି। ମାତ୍ର ନୀତି ନିୟମର ଧାରା ଏକ ସୁଚିନ୍ତିତ ମାର୍ଗରେ ଅନୁଧାବନ କରୁଥିବା ବେଳେ ତାହାର କାର୍ଯ୍ୟକାରିତା ଓ ପ୍ରୟୋଗ ଭିନ୍ନ ଦିଗରେ ହୋଇଥାଏ। ତେବେ ନିଶାସେବନ ପାଇଁ ସରକାରଙ୍କ କେତେକ ନିୟମାବଳୀ ନିର୍ଦ୍ଧାରିତ ହୋଇଥାଏ, ଯାହା ଦେଶର ଜନସାଧାରଣଙ୍କ ହିତ ନିମନ୍ତେ ପ୍ରଯୁଜ୍ୟ ହୋଇଥାଏ। ୧୯୮୫ରେ ଭାରତ ସରକାର ନିଶା ନିରୋଧ ଆଇନ ପ୍ରଣୟନ କରିଥିଲେ ଓ ଏଥିରେ କଠୋର ନିୟମ ମଧ୍ୟ ଅନ୍ତର୍ଭୁକ୍ତ ହେଲା, ଯାହା ଉକ୍ତ ନିୟମକୁ ଉଲ୍ଲଂଘନ କଲେ ଜାମିନ ବିହୀନ କାରାବରଣ ଓ ମୃତ୍ୟୁଦଣ୍ଡ ମଧ୍ୟ ହୋଇପାରେ ବୋଲି ନିୟମରେ ଲିପିବଦ୍ଧ ହେଲା। ଉକ୍ତ ନିୟମକୁ ଅଧିକ ଫଳପ୍ରଦ କରିବାକୁ ଯାଇ ଜୁଲାଇ ୪ ତାରିଖ ୧୯୮୮ରେ ୧୯୮୫ର ନିୟମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧିକ ଦଣ୍ଡ ବିଧାନର ବ୍ୟବସ୍ଥା ମଧ୍ୟ କରାଗଲା।

ନିଶା ସେବନ ବ୍ୟକ୍ତିଗତ ହୋଇପାରେ, ମାତ୍ର ଏହା ଏକ ସାମାଜିକ ସମସ୍ୟା। ଭାରତରେ ପ୍ରତି ବର୍ଷ ୧୫% ନିଶାସକ୍ତ ବ୍ୟକ୍ତି ବୃଦ୍ଧି ହେଉଛନ୍ତି। ନିଶାସକ୍ତ ବ୍ୟକ୍ତିମାନେ ସ୍ୱାମୀ ବା ସ୍ତ୍ରୀଙ୍କୁ, ପିତା ମାତାଙ୍କୁ, ପିଲାମାନଙ୍କୁ, ସାଙ୍ଗ ସାଥୀଙ୍କୁ, ସହକର୍ମୀଙ୍କୁ ଓ ଆତ୍ମୀୟ ସ୍ୱଜନଙ୍କୁ ବିଭିନ୍ନ ଦୃଷ୍ଟିକୋଣରୁ ଆଘାତ ଦେଇଥାନ୍ତି। ସାଂପ୍ରତିକ ଭୟାବହ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶ୍ୱସ୍ତରରେ ମାଦକ ଦ୍ରବ୍ୟ ସେବନ ବିରୋଧରେ ଆନ୍ତର୍ଜାତିକ ଦିବସ ୧୯୯୧ ଜୁନ୍ ୨୬ରୁ ପାଳନ କରି ଉକ୍ତ ମାରାତ୍ମକ ପରିସ୍ଥିତିରୁ ନିବୃତ୍ତ ହେବା ପାଇଁ ଏକ କର୍ମ ପନ୍ଥା କରାଯାଇ ଆସୁଅଛି। ମାତ୍ର ବ୍ୟକ୍ତିର ମନୋବୃତ୍ତିର ପରିବର୍ତ୍ତନ ନ ହେଲେ ଯେତେ ଆନ୍ତର୍ଜାତିକ ସଂଗଠନ ଓ ନିୟମ କଲେ ମଧ୍ୟ ତାହା ଫଳପ୍ରସୂ ହେବା ଅସମ୍ଭବ। ତେଣୁ ନିଶାର ଅନ୍ଧାର ଭବିଷ୍ୟତରୁ ଥରେ ନିର୍ଗମନ ହୋଇ ପ୍ରକୃତିର ସୁନେଲି ସୂର୍ଯ୍ୟ କିରଣକୁ ଉପଲବ୍ଧି କଲେ ମଣିଷ ଜୀବନର ସାର୍ଥକ ଉପଲବ୍ଧି ହୋଇପାରନ୍ତା। ନିଶାର ଦଶାରେ ଥାଏ କେବଳ ସର୍ବନାଶ। ସମୟ ଆସିଛି ନିଶାକୁ ପ୍ରତ୍ୟାଖ୍ୟାନ କରି ଜୀବନର ମୂଲ୍ୟବୋଧକୁ ଉପଲବ୍ଧି କରିବା ଓ ଜୀବନର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା।

ମୋ -୯୯୩୭୩୪୫୯୦୦
satyanarayan_mishra2003@yahoo.co.in

## ଏଇ ଭାରତରେ

ନିଜ ଜୀବନରେ ଯାହା ଘଟିଥିଲା ତାହା ଅନ୍ୟମାନଙ୍କ ଜୀବନରେ ନ ଆସୁ- ଏମିତି ଭାବନା ନେଇ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି ମହାରାଷ୍ଟ୍ରର ଅନୁରାଧା ଭୋଁସଲେ। ମାତ୍ର ୬ ବର୍ଷ ବୟସରେ ଅନୁରାଧା ଶିଶୁ ଶ୍ରମିକ ଭାବେ କାମ କରି ପେଟପୋଷିବା ଆରମ୍ଭ କରି ବହୁ ଘାତପ୍ରତିଘାତ ମଧ୍ୟରେ ଜିଇ ଏବେ ସେ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରୁଛନ୍ତି। ଅନୁରାଧାଙ୍କ ବୟସ ୫୨। ୨୪ ବର୍ଷ ହେବ ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ଏବେ ସୁଦ୍ଧା ଅନୁରାଧା ୯,୦୦୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସାରିଲେଣି। 'ଅବନି' ଏନ୍‌ଜିଓ ପ୍ରତିଷ୍ଠା କରି ସେ ଏହି ଅଭିଯାନ ଚଳାଉଛନ୍ତି। ସେ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏବେ ସୁଦ୍ଧା ଏମାନଙ୍କ ମଧ୍ୟରୁ ୧,୦୦୦ ପିଲା ସ୍କୁଲ ଯାଉଛନ୍ତି । ପ୍ରଥମେ ୧୯୯୫ରେ ସେ ଏକ ଇଟାଭାଟିରୁ ୭ରୁ ୧୫ ବର୍ଷ ବୟସର ୧୧ ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ ଓ ତା' ପରଠାରୁ ସେ ଆଉ କେବେ ବି ଅଟକି ନାହାନ୍ତି। ଶ୍ରମିକ ଭାବେ ଶିଶୁଙ୍କୁ ଖଟାଉଥିବା ଲୋକମାନଙ୍କ ବିରୋଧରେ ବି ଅଭିଯାନ ଚଳାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୯୬

- ଚେଚେନ୍ୟାରେ ମୁତୟନ ହୋଇଥିବା ରୁଷୀୟ ସୈନ୍ୟଙ୍କ ମଧ୍ୟରୁ କେତେକଙ୍କୁ ସେଠାରୁ ଅପସାରିତ କରିବା ପାଇଁ ରାଷ୍ଟ୍ରପତି ବୋରିସ୍ ୟେଲଟସିନ୍ ଏକ ଡିକ୍ରୀରେ ସ୍ୱାକ୍ଷର କରିଛନ୍ତି।
- ବିଶିଷ୍ଟ ପରିବେଶବିତ୍ ସୁନ୍ଦରଲାଲ୍ ବହୁଗୁଣା ତେହେରୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ପୁନଃ ସମୀକ୍ଷା ଦାବି ନେଇ ଚଳାଇଥିବା ଦୀର୍ଘଦିନର ଅନଶନକୁ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପ୍ରତିଶ୍ରୁତି କ୍ରମେ ଭଙ୍ଗ କରିଛନ୍ତି।

## ଚିରନ୍ତନୀ

ବିହଙ୍ଗର ଗତି ପୁଣି କ୍ଷୀଣତମ ସ୍ୱରର ଚାଳନ
ସକଳ ଆକାଶଦେଶେ ଜଗାଏ କି ବ୍ୟଥିତ ସ୍ପନ୍ଦନ
ଏକ ଅଙ୍ଗେ ଲାଗେ ଯେବେ ଆଘାତ ବେଦନା
ଛୁଟେ ତା'ର ବ୍ୟଥିତ ଦ୍ୟୋତନା।

-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 5 | | | 7 | | | 3 | |
| 3 | 6 | | 8 | | | | | |
| | | | 6 | 4 | | | | |
| | 2 | 8 | | | | | 1 | |
| | | | | | | | 2 | |
| 7 | | 9 | | 3 | | | | |
| | 4 | | 9 | | | | | |
| 6 | | 7 | | | 1 | | | 9 |
| 2 | | | | | 6 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 3 | 2 | 4 | 8 | 7 | 9 |
| 8 | 7 | 2 | 1 | 9 | 5 | 6 | 4 | 3 |
| 9 | 4 | 3 | 6 | 7 | 8 | 5 | 1 | 2 |
| 5 | 6 | 4 | 8 | 3 | 2 | 7 | 9 | 1 |
| 3 | 2 | 9 | 7 | 5 | 1 | 4 | 6 | 8 |
| 7 | 8 | 1 | 9 | 4 | 6 | 2 | 3 | 5 |
| 2 | 9 | 8 | 4 | 1 | 7 | 3 | 5 | 6 |
| 4 | 1 | 5 | 2 | 6 | 3 | 9 | 8 | 7 |
| 6 | 3 | 7 | 5 | 8 | 9 | 1 | 2 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଯୋଜନାରୁ ବଞ୍ଚିତ

ମହାଶୟ,

ସରକାର ଜନସାଧାରଣଙ୍କ ଉନ୍ନତି ନିମନ୍ତେ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ବ୍ୟୟ ହେଉଛି। ପୁରୀ ଜିଲା ପାଇଁ ବଡ଼ ବଡ଼ ଯୋଜନା ହେଉଛି, କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ସରକାରୀ ଯୋଜନାକୁ ଗ୍ରାମାଞ୍ଚଳର ତୃଣମୂଳ ସ୍ତରରେ ପହଞ୍ଚାଇବା ଦାୟିତ୍ୱ ମଣ୍ଡଳ ଅଧିକାରୀଙ୍କର। କିନ୍ତୁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ର ପାଟଳଦା ପଞ୍ଚାୟତ ଅନ୍ତର୍ଗତ ବରଡ଼ିହୀ ଗ୍ରାମର ଜନସାଧାରଣ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପଞ୍ଚାୟତକୁ ଆସୁଥିବା ଅନୁଦାନରେ ବିକାଶମୂଳକ ଯୋଜନା ଅନୁଯାୟୀ ଗ୍ରାମ ଶ୍ମଶାନରେ ଶବଦାହ ସମୟରେ ଲୋକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି କୋଠାଘରଟିଏ ନିର୍ମାଣ କରାଯାଉଛି କିନ୍ତୁ ସେହି ଯୋଜନାରୁ ଏହି ଗ୍ରାମଟି ବାଦ୍ ପଡ଼ିଛି। ୪ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ଲୋକମାନଙ୍କ ସ୍ନାନ ଦୃଷ୍ଟିରୁ ସରକାରୀ ଯୋଜନାରେ ପୋଖରୀଟିଏ ଖନନ କରାଯାଉ ନାହିଁ। ପଞ୍ଚାୟତ ପକ୍ଷରୁ ଗୋଟିଏ ପୋଖରୀ ଥିଲେ ମଧ୍ୟ ପୁନରୁଦ୍ଧାର ଅଭାବରୁ ତାହା ଗ୍ରୀଷ୍ମଋତୁରେ ଶୁଖିଯାଉଛି। ସେହି ପୋଖରୀରେ ପାହାଚଟିଏ ନ ଥିବାରୁ ଅସରାଏ ବର୍ଷାରେ କୂଳରେ ଖସିପଡ଼ି ଖଣ୍ଡିଆଖାବରା ହେବା ସହ ଲୋକମାନଙ୍କର ଗୋଡ଼ହାତ ମଧ୍ୟ ଭାଙ୍ଗୁଛି । ପୋଖରୀର ଚାରିପଟ ହୁଡ଼ା ମରାମତି ଅଭାବରୁ ବର୍ଷା ସମୟରେ ବାହାର ଜଳ ପ୍ରବେଶ କରିବାରୁ ସେହି ଜଳ ସ୍ନାନ ଅନୁପଯୋଗୀ ହୋଇପଡୁଛି। ଯଥାଶୀଘ୍ର ମଣ୍ଡଳ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

-କୈଳାସ ଚନ୍ଦ୍ର ପଲାଇ, ବରଡିହୀ, ଅସ୍ତରଙ୍ଗ, ପୁରୀ

### ଓଡ଼ିଆ ଭାଷାର ମୌଳିକତା ରହୁ

ଓଡ଼ିଆ ଭାଷା କାହିଁ କେତେ କାଳରୁ ହଜାର ହଜାର ବର୍ଷର ଐତିହ୍ୟ, ସଂସ୍କୃତି, ପ୍ରଥା- ପରମ୍ପରାକୁ ସମୃଦ୍ଧ କରିଆସିଛି, ଏଥିରେ ସନ୍ଦେହ ନାହିଁ। ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ ସିଦ୍ଧତା ଲାଭ କରିନାହିଁ ବରଂ ଏହା ଜଟିଳରୁ ଜଟିଳତର ହୋଇ ବଢ଼ିଚାଲିଛି ଆମେ ପ୍ରତ୍ୟେକେ ଜଣେ ଜଣେ ଓଡ଼ିଆ ଏବଂ ଓଡ଼ିଆ ଭାଷା ପାଇଁ ଗର୍ବ ଅନୁଭବ କରିବା କଥା। ତା' ପରିବର୍ତ୍ତେ ଆମେ ଓଡ଼ିଆକୁ ଭୁଲି ଆମ ବୃତ୍ତି ବା ଚାକିରି ଓ ସମ୍ମିଳନୀମାନଙ୍କରେ ବାକ୍‌ଚାତୁରୀ ମାଧ୍ୟମରେ ଇଂଲିଶ୍‌ରେ କଥା କହିଥାଉ, ଭାଷଣ ଦେଇଥାଉ ଏବଂ ଦୀର୍ଘ ସମୟ ବାକ୍ୟାଳାପ କରିବାକୁ କେବେବି ଭୁଲୁନାହୁଁ। ଆମ ମାତୃଭାଷାର ସମ୍ଭାବ୍ୟ ବିଲୁପ୍ତୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି, ଏଥିରେ ସନ୍ଦେହର ଅବକାଶ ନାହିଁ।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶିକାରୀ ଗିରଫ, ବନ୍ଧୁକ ଜବତ**

କପ୍ତିପଦା,(ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ନଟୋ ସଂରକ୍ଷିତ ଜଙ୍ଗଲରେ ରେଞ୍ଜର ମହେଶ୍ୱର ସିଂଙ୍କ ନିର୍ଦ୍ଦେଶରେ ପାଟ୍ରୋଲିଂ ବେଳେ ବନ ବିଭାଗ କର୍ମଚାରୀମାନେ ଜଣେ ଶିକାରୀକୁ ଗିରଫ୍ କରିବା ସହିତ ତା ଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛନ୍ତି। ଶିକାରୀ ଜଣକ ହେଲେ ଖଟୁଆପଦା ଗ୍ରାମର ପାରସୁ ଟୁଡୁ। ଏନେଇ ବନବିଭାଗ ଏକ ମାମଲା (ନଂ.୨୩/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ପାଇକ ବିଦ୍ରୋହ ହିଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ

## ୱେବିନାରରେ ବକ୍ତାଙ୍କ ମତ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

୧୮୧୭ ମସିହା ପାଇକ ବିଦ୍ରୋହ ହିଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଭୁବନେଶ୍ୱରସ୍ଥିତ ପତ୍ରସୂଚନା କାର୍ଯ୍ୟାଳୟ ଓ ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋ ପକ୍ଷରୁ ମିଳିତ ଭାବେ ଆୟୋଜିତ ୱେବିନାରରେ ଯୋଗଦେଇ ବକ୍ତାମାନେ ଏହି ମତ ଦେଇଛନ୍ତି।

ୱେବିନାରରେ ଅଂଶଗ୍ରହଣ କରି ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ୧୮୧୭ ମାର୍ଚ୍ଚ ୨୯ ତାରିଖରେ ଘୁମୁସରରୁ ଶତାଧିକ ବ୍ୟକ୍ତିଙ୍କ ବାଣପୁର ଅଭିମୁଖେ ଯାତ୍ରା ତଥା ଟ୍ରେଜେରି ଲୁଟ୍ ଇତ୍ୟାଦିରୁ ହିଁ ପାଇକ ବିଦ୍ରୋହ ସୂତ୍ରପାତ ହୋଇଥିଲା। ପାଇକ ବିଦ୍ରୋହ ଥିଲା ବାସ୍ତବରେ ଇଂରେଜ ଶାସନ ବିରୋଧରେ ଏକ ଜନଆନ୍ଦୋଳନ। ଏଥିରେ ପାଇକ, ରୟତ, ଜମିଦାର, ଦଳବେହେରା ସମସ୍ତେ ଇଂରେଜ ସରକାରଙ୍କ ଆର୍ଥିକ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସିପାହି ବିଦ୍ରୋହର ଠିକ୍ ୪୦ ବର୍ଷ ପୂର୍ବରୁ ଇଂରେଜ ଶାସନ ଉତ୍ପୀଡ଼ନ ବିରୋଧରେ ଏପରି ସଂଗ୍ରାମ ଯଥାର୍ଥରେ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ସେ କହିଥିଲେ ।

ଏଥିରେ ଅଂଶଗ୍ରହଣ କରି ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଓଡ଼ିଶାର ଅନେକ ସଂଗ୍ରାମୀମାନଙ୍କ ଜୀବନାଦର୍ଶ ଇତିହାସରେ ସ୍ଥାନିତ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଯୁବପିଢ଼ି ଏ ଦିଗରେ ସ୍ୱେଚ୍ଛାକୃତ ଗବେଷଣା କରି ଅନାଲୋଚିତ ପ୍ରସଙ୍ଗଗୁଡ଼ିକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ତଥା ଏକ ବୀର ଜାତିର ଗୌରବ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଯୋଗଦେଇ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ପାଇକ ବିଦ୍ରୋହକୁ ଜାତୀୟ ଜାଗରଣର ପ୍ରଥମ ପାହଚ ବୋଲି ଅଭିହିତ କରିଥିଲେ । ଏଥିପାଇଁ ସାହିତ୍ୟ ଏକାଡେମୀ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯିବ ବୋଲି ସେ କହିଥିଲେ ।

ୱେବିନାରରେ ଅଧକ୍ଷତା କରି ପତ୍ରସୂଚନା କାର୍ଯ୍ୟାଳୟ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହ ଦେଶର ମୁକ୍ତି ସଂଗ୍ରାମର ଅୟମାରମ୍ଭ ବୋଲି କହିଥିଲେ । ଚୌଧୁରୀ ଶୁକ୍ରବାର ଖୋର୍ଦ୍ଧାଠାରେ ପାଇକ ବିଦ୍ରୋହର ବୀରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହାର ସୁପୁତ୍ରମାନଙ୍କ ଅମୂଲ୍ୟ ବଳିଦାନର ସ୍ତୁତିଚାରଣ କରିଥିଲେ।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋର ନିର୍ଦ୍ଦେଶକ ଅଖିଳ ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିଥିବା ବେଳେ ପତ୍ରସୂଚନା କାର୍ଯ୍ୟାଳୟ ଗଣମାଧ୍ୟମ ଓ ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ ୱେବିନାର ପରିଚାଳନା କରିଥିଲେ । କ୍ଷେତ୍ର ପ୍ରଦର୍ଶନୀ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଜରୁରିକାଳୀନ ପରିସ୍ଥିତିକୁ କ୍ଷମା ଦିଆଯାଇପାରିବନି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୫।୬(ବ୍ୟୁରୋ)

୧୯୭୫ ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଦ୍ୱାରା ଦେଶରେ ଜାରି ଜରୁରିକାଳୀନ ପରିସ୍ଥିତିକୁ କେବେ କ୍ଷମା ଦିଆଯାଇପାରିବନି। ରାଜ୍ୟ ଭାଜପା ଭୁବନେଶ୍ୱର ସାଂଗଠନିକ ଜିଲା ପକ୍ଷରୁ 'ଜରୁରିକାଳୀନ ପରିସ୍ଥିତି'କୁ ନେଇ ଭିଡିଓ କନଫରେନ୍ସି ଜରିଆରେ ଶୁକ୍ରବାର ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ମାତୃଭୂମିର ସ୍ୱାଧୀନତା ପାଇଁ ଅପ୍ରତ୍ୟାଶିତ ସଂଗ୍ରାମୀ, ବୀର ସୈନିକ ବ୍ରିଟିଶ ବିରୋଧରେ ଲଢ଼ି ନିଜର ବଳିଦାନ ଦେଇ ଦେଶକୁ ସ୍ୱାଧୀନତା ଦେଇଥିଲେ। ୪୬ ବର୍ଷ ପୂର୍ବେ ଆଜିର ଦିନରେ ସେତେବେଳର ପ୍ରଧାନମନ୍ତ୍ରୀ ଜରୁରିକାଳୀନ ପରିସ୍ଥିତି ଲାଗୁ କରି ଗଣତନ୍ତ୍ରର ହତ୍ୟା କରିଥିଲେ। ସେହି ସମୟରେ ଦେଶର ନେତା, ଛାତ୍ରୀଛାତ୍ର, ଗଣମାଧ୍ୟମ ଏବଂ ସାଧାରଣ ଜନତାଙ୍କ ଦ୍ୱାରା ଦିଆଯାଇଥିବା ବଳିଦାନକୁ ଆମକୁ ସର୍ବଦା ସ୍ମରଣୀୟ ରଖିବା ପାଇଁ ହେବ। ଆମେ ପାଳୁଥିବା ଏହି କଳା ଦିବସକୁ ନା କେବେ ଭୁଲିହେବ ନା କ୍ଷମା ଦିଆଯାଇପାରିବ। ଏଥିସହ ଆଗାମୀ ଦିନରେ ଗଣତନ୍ତ୍ର ନିଷ୍ପତ୍ତିକୁ ମୁଣ୍ଡପାତି ସ୍ୱୀକାର କରିବାକୁ ପଡ଼ିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପହଞ୍ଚିଲାନି ନବମ, ଦଶମ ଭୂଗୋଳ ବହି

ସମ୍ବଲପୁର,୨୫।୬ (ବ୍ୟୁରୋ)

ମହାମାରୀ କୋଭିଡ୍ ପୁରା ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିଛି। ପିଲାମାନଙ୍କ ପାଠପଢ଼ାକୁ ନେଇ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଏପରିସ୍ଥଳେ ଅନ୍‌ଲାଇନ ପାଠପଢ଼ା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ହେଲେ ଚଳିତ ଶିକ୍ଷାବର୍ଷରେ ନବମ ଓ ଦଶମ ଶ୍ରେଣୀ ବହି ବଜାରରେ ମିଳିବାରେ ବିଳମ୍ବ ହୋଇଥିବା ଅଭିଯୋଗ ହେଉଛି। ଏହି ଦୁଇ ଶ୍ରେଣୀର ଓଡିଆ ଓ ଭୂଗୋଳ ବିଷୟରେ ସମାନ୍ୟ ପରିବର୍ତ୍ତନ ଏହାର କାରଣ ବୋଲି କୁହାଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁର ଶାଖାରେ ୩ଦିନ ହେଲା ବିଭିନ୍ନ ବିଷୟର ୬୦ ହଜାର ବହି ପହଞ୍ଚିଛି। ସାହିତ୍ୟ ବିଷୟରେ ପରିବର୍ତ୍ତନ ସତ୍ତ୍ୱେ ୬ ହଜାର ବହି ପହଞ୍ଚିଛି। ହେଲେ ଭୂଗୋଳ ବହି ଆଦୌ ଆସି ନ ଥିବା ଭାରପ୍ରାପ୍ତ ଉପ ସମ୍ପାଦକ କୈଳାସ ଚନ୍ଦ୍ର ବେହେରା କହିଛନ୍ତି।

ସେ ଆହୁରି କହିଛନ୍ତି, ପୂର୍ବରୁ ସମ୍ବଲପୁର ଜୋନରେ କୋଟିଏ ଟଙ୍କାରୁ ଅଧିକ ବହି ଡିଲରମାନଙ୍କୁ ବିକ୍ରି କରାଯାଉଥିଲା। ହେଲେ ଗତ ଆର୍ଥିକ ବର୍ଷରେ ପ୍ରାୟ ୪୦ରୁ ୪୨ ଲକ୍ଷ ଟଙ୍କାର ବହି ବିକ୍ରି କରାଯାଇଛି। ବହିର ଚାହିଦା ଥିଲେ ମଧ ବିଭିନ୍ନ କାରଣରୁ ବିକ୍ରି ହୋଇପାରିଲା ନାହିଁ। କିଛିଦିନ ହେଲା ବହି ଆସିବାରୁ ଡିଲରମାନଙ୍କୁ ଯୋଗାଇ ଦିଆଯାଉଛି। ସମ୍ବଲପୁର ଜୋନରେ ୯ ଜିଲା ରହିଥିବାବେଳେ ମୋଟ ୧୨୧ ଜଣ ଡିଲର ରହିଛନ୍ତି। ସମ୍ବଲପୁର ଜିଲାରେ ୨୩, ବରଗଡରେ ୩୧, ଦେବଗଡ଼ରେ ୧, ଝାରସୁଗୁଡ଼ାରେ ୮, ସୁନ୍ଦରଗଡ଼ରେ ୨୩, ବଲାଙ୍ଗୀରରେ ୨୦, ସୋନପୁରରେ ୪, କଳାହାଣ୍ଡିରେ ୪, ନୂଆପଡ଼ାରେ ୭ଜଣ ଡିଲର ରହିଛନ୍ତି। ସେମାନଙ୍କ ଆବଶ୍ୟକତା ଅନୁସାରେ ବହି ଯୋଗାଇ ଦିଆଯାଇଥାଏ। ଏବେ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ବହି ପହଞ୍ଚିଛି। ସମସ୍ତ ଜିଲାକୁ ଏହି ବହି ଯୋଗାଇ ଦିଆଯାଉଛି। ଭୂଗୋଳ ବହି ମଧ୍ୟ ଖୁବ୍‌ଶୀଘ୍ର ଆସିଯିବ ବୋଲି ଭାରପ୍ରାପ୍ତ ଉପ ସମ୍ପାଦକ ବେହେରା କହିଥିଲେ।



ସମ୍ବଲପୁର ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ।

## ପାଠ୍ୟକ୍ରମରେ ପରିବର୍ତ୍ତନ

# ଟିକା ନେବା ସତ୍ତ୍ୱେ ୨୭୪ ଆକ୍ରାନ୍ତ

## ଆଉ ୨,୯୧୨ ପଜିଟିଭ୍ ଚିହ୍ନଟ, ୪୦ ମୃତ

ଭୁବନେଶ୍ୱର, ୨୫।୬(ବ୍ୟୁରୋ)

ଟିକା ନେବା ପରେ କରୋନାରେ ଆକ୍ରାନ୍ତଙ୍କ ସମ୍ପର୍କରେ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଏକ ଗବେଷଣା କରିଥିଲା। ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩୬୧ ଜଣଙ୍କ ନମୁନା ପରୀକ୍ଷଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ କରୋନା ଟିକାର ୨ଟି ଡୋଜ୍ ନେବା ପରେ ମଧ ୨୭୪ଜଣ କରୋନା ସଂକ୍ରମିତ ହୋଇଥିଲେ। ଏପରିକି ଦ୍ୱିତୀୟ ଡୋଜ୍ ନେବାର ୧୪ଦିନ ପରେ ଯେଉଁ ସମୟରେ କରୋନା ବିରୋଧରେ ଶରୀରରେ ପ୍ରତିରୋଧକ ଶକ୍ତି ତିଆରି ହେବା କଥା, ସେତେବେଳେ ଏମାନେ ଆକ୍ରାନ୍ତ ହୋଇଥିଲେ। ମାର୍ଚ୍ଚ ୧ରୁ ଜୁନ୍ ୧୦ ମଧ୍ୟରେ ନମୁନା ସଂଗ୍ରହ ସହ ପରୀକ୍ଷଣ କରାଯାଇଥିଲା। ପଜିଟିଭ୍ ଚିହ୍ନଟ ୨୭୪ଙ୍କ ମଧ୍ୟରୁ ୨୭ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲା। ଅର୍ଥାତ୍ କରୋନା ଟିକାର ଦୁଇଟି ଡୋଜ୍ ନେଲେ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ହେବାର ଆଶଙ୍କା କମ୍ ରହିଥିବା ଆର୍‌ଏମ୍‌ଆର୍‌ସି ପକ୍ଷରୁ ଉକ୍ତ ରିପୋର୍ଟରେ କୁହାଯାଇଛି। ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଛନ୍ତି ଆଉ ୨,୯୧୨ ଆକ୍ରାନ୍ତ। ଏଥିସହ ରାଜ୍ୟରେ ଆଉ ୪୦ଜଣ ଆକ୍ରାନ୍ତଙ୍କର କରୋନାରେ ମୃତ୍ୟୁ ଘଟିଛି।

# ୧୫୫ ଓଏଏସ୍ ଅଫିସରଙ୍କୁ ସିନିୟର ଗ୍ରେଡ୍‌କୁ ପଦୋନ୍ନତି

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**–ଓଡିଶା ପ୍ରଶାସନିକ ସେବା (ଓଏଏସ) କ୍ୟାଡର ପୁନର୍ଗଠନ ପରେ ସରକାର ୧୫୫ ଓଏଏସ୍ ଅଫିସରଙ୍କୁ ସିନିୟର ଗ୍ରେଡ୍‌କୁ ପଦୋନ୍ନତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ ସୁପରିଅର ଆଡମିନିଷ୍ଟ୍ରେଟିଭ ଗ୍ରେଡ୍(ଏସ୍‌ଏଜି) ଅଫିସରଙ୍କୁ ସ୍ୱତନ୍ତ୍ର ସଚିବ ଗ୍ରେଡ୍ ସହିତ ପେ ମାଟ୍ରିକ୍ସର ଲେଭଲ–୧୭କୁ ପଦୋନ୍ନତି ଦିଆଯାଇଥିବା ବେଳେ ୧୨୧ ଜଣ ସୁପର ଟାଇମ୍ ସ୍କେଲ ଅଫିସରଙ୍କୁ ଏସ୍‌ଏଜି ପେ ମାଟ୍ରିକ୍ସ ଲେଭଲ–୧୬କୁ ପଦୋନ୍ନତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦୁଇଟି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଜ୍ଞାନ ଓ କାରିଗରି ବିଭାଗର ଅତିରିକ୍ତ ସଚିବ ଲକ୍ଷ୍ମୀଧର ଦାସ, ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ବେହେରା, ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ରମିଶ କେରକେଟା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଜ୍ୟୋତି ଲାକ୍ରା, ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଆଲୋକ କରଙ୍କୁ ସ୍ୱତନ୍ତ୍ର ସଚିବ ପଦବୀକୁ ପଦୋନ୍ନତି ଦିଆଯାଇଛି।

---

No. B-177:-

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com,
Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-Home-Puri-71/2015 Lr. No.23602 Dt. 23rd June, 2021

**Invitation for Bids**
**Bid Identification No. OSD (B) – 04 / 2021-22**

| | | | |
|---|---|---|---|
| 1. | The OSD (Buildings) Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work "Construction of Court Guest House at Puri" amounting to Rs.16,90,00,000/- (Approximate) as detailed below. | | |
| 2. | Nature of Work | :- | Building Work |
| 3. | No. of work | :- | 01 No. |
| 4. | Bid Cost | :- | ₹ 10,000/- |
| 5. | Class of Contractor | :- | Super Class |
| 6. | Availability of Bid Documents in the website | :- | From dt. 02.07.2021 to 17.00 Hours of dt.22.07.2021. |
| 7. | Date of opening of Bid | :- | Dt. 23.07.2021 at 11:30 AM. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

Sd./- OSD (Buildings), Odisha, Bhubaneswar
OIPR-34117/11/0019/2122

---

GOVERNMENT OF ODISHA No. A-234
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MAIN DAM DIVISION, BURLA**
Government of Orissa
"e" Procurement Notice No. MDD-e-05/2021-22 (Online)
Email: ee_mddburla@rediffmail.com

Letter No. 6096 Date: 24.06.2021

1. No. of Work : 1 No.
2. Estimated Cost : Rs.94.54 lakhs
3. Period of Completion : 8 Months
4. Date & time of available of bid document in the portal : 01.07.2021 at 10 A.M.
5. Last date/time for receipt of bids in the portal : 15.07.2021 upto 05.00 P.M.
6. Date of opening of Technical Bid : 16.07.2021 at 11.00 A.M.
7. Date of opening of Financial Bid : 20.07.2021 at 11.00 A.M.
8. Name & address of the Officer Inviting Bid : Executive Engineer, Main Dam Division, Burla, At/P.O.- Burla, Dist.- Sambalpur, Odisha, E-mail: ee_mddburla@rediffmail.com

Further details, any corrigendum or addendum can be seen from the e-procurment portal http://tendersorissa.gov.in.

Sd./- Executive Engineer
Main Dam Division, Burla
OIPR-32017/11/0006/2122

---

GOVERNMENT OF ODISHA
**e-Procurement Notice**
**ANGUL MUNICIPALITY, ANGUL**
No. C-460 Tender Ref. No. 05 of 2020-21
e-mail ID: angulmunicipality@gmail.com

No. 2722 Date: 25.06.2021

1. Number of Works : 01 (One) Number of Work (Crematorium Civil + PH + E.I.)
2. Approximate Estimated Cost : Rs.131.55 lakhs
3. Period of Completion : 06 (Six) Calendar Months
4. Date & Time of availability of bid document in the portal : Dt.27.06.2021 at 10.00 A.M.
5. Last date/time for receipt of bid in the portal : Dt.13.07.2021 upto 5.00 P.M.
6. Date of opening Bid : Dt.14.07.2021 at 11.00 A.M.
7. Name and address of the Office Inviting Bid : Executive Officer, Angul Municipality, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in**.

Sd./- G.S. Mallick
Executive Officer, Angul Municipality
OIPR-13085/11/0014/2122

---

**ODISHA TOURISM DEVELOPMENT CORPORATION LTD.**
LEWIS ROAD, BHUBANESWAR -751014.

**Invitation of application for Operation of Beach Shacks in 6 major Beaches of the State**

No. CAD-499:- Department of Tourism, Government of Odisha, as one of its initiatives to promote Beach Tourism is proposing to operate Beach Shacks in 6 major Beaches of the State i.e. **(i. Talsari-Udaypur, ii. Paradeep, iii. Puri-Konark Marine Drive, iv. Chandipur, v. Pati Sonapurvi, Gopalpur)**. Applications are invited from agencies having experience in operation of Bar / Off Shop / Multi Cuisine Restaurant / Beer Parlour / Star Category Hotel / Resort may apply for operation of Beach Shacks. Detail terms of reference for Beach Shack operation can be downloaded from website www.odishatourism.gov.in / www.panthanivas.com. Application shall be received in the office of Divisional Manager (Hospitality Services), Odisha Tourism Development Corporation Limited, Lewis Road, Bhubaneswar – 751014 on or before 3.00 P.M. dt.19.07.2021.

OIPR-37002/11/0002/2122 **Sd./- MANAGING DIRECTOR**

---

GOVT. OF ODISHA
**OFFICE OF THE EXECUTIVE ENGINEER, MINOR IRRIGATION DIVISION, GAJAPATI**
AT/PO: PARALAKHEMUNDI, DIST: GAJAPATI.
PHONE NO: 06815-222365, e-mail- eemi_gajapati@yahoo.co.in
**e-Procurement Notice No. 865 Date. 16.06.2021**
**BID IDENTIFICATION NO. MIDGJP-03/2021-22**

No. A-220: The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Double Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work: Improvement to MIPs. Under Critical grant- 2021/22
2. No. of works: **02 Nos. (Two)**
3. Estimated cost: **Rs. 67.00 to 72.00 Lakhs**.
4. Period of completion: 08 (Eight) calendar months
5. Date and time of availability of bid documents in the portal: From **10.00 hours of 01.07.2021 to 17.00 hours of 09.07.2021**.
6. Last date/ time for receipt of bids in the portal: **17.00 hours of 09.07.2021**.
7. Date of opening of Bid: **11.00 hours on 22.07.2021**.
8. Original documents to be submitted in sealed box ID No. **MIDGJP-03/2021-22 From 13.07.2021 at 10.00 AM to 17.07.2021 upto 5.00 P.M.**
9. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist-Gajapati. PIN-761200

Further details can be seen from the e-procurement portal **https://tendersodisha.gov.in**.

Executive Engineer
MI Division, Gajapati, Paralakhemundi
OIPR-32013/11/0003/2122

---

GOVERNMENT OF ODISHA
DEPARTMENT OF WATER RESOURCES
**Office of the Executive Engineer, Drainage Division, Bhadrak.**
"e" PROCUREMENT NOTICE NO.- 02/2021-22
Bid Identification No. DDBDK-02/2020-21

No.A-238:- Bid documents consisting of work, estimated amount put to tender, cost of tender paper, Bid Security Declaration except those who are exempted from paying Bid Security/ EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | : | Improvement to Drainage System under Drainage Improvement Programme (D.I.P.). |
| 2 | No of work | : | 02 nos individual work. |
| 3 | Estimated cost for put to tender | : | Varies from Rs.83,08,309/- to Rs.85,90,629/- (excluding G.S.T.) |
| 4 | Period of completion | : | 11 (Eleven) calendar months each. |
| 5 | Date & time of availability of bid documents in the portal | : | From Dt.29.06.2021 at 10.00 hours to Dt.14.07.2021 at 17.00 hours |
| 6 | Date of for receipt of bids in the portal | : | From Dt.29.06.2021 at 10.00 hours to Dt.14.07.2021 at 17.00 hours |
| 7 | Date of opening of Technical Bids | : | Dt.15.07.2021 at 11.30 Hours in the O/O Executive Engineer, Drainage Division, Bhadrak |
| 8 | Procurement Officer/ Name & address of the Officer Inviting Bids | : | Executive Engineer, Drainage Division, Bhadrak. |

Further details can be seen from the e-procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

Sd./- Executive Engineer, Drainage Division, Bhadrak
OIPR-32057/11/0002/2122

---

GOVERNMENT OF ODISHA
**DEPARTMENT OF WATER RESOURCES**
**INVITATION FOR BIDS (IFB)**
**"e" Procurement Notice-1/2021-22**
**BID IDENTIFICATION NO. SAL-BDK-1-P1 OF 2021-22**

No.A-223:- 1. Name of work: Maintenance of Canal and Embankment (River & Saline) works. 2. Class of contractor: Varies from 'D' Class to 'A' Class. 3. No. of works: 27 Nos. (Details as per NIT available in website). 4. Value of work: Rs.10.16 lakhs to 66.37 lakhs. 5. Time of completion: 1 to 3 calendar months. 6. Type of bid: Percentage bid. 7. Summary for key dates is provided below.

| Procurement Officer | Bid Identification No. | Availability of tender for online bidding | | Date and time of opening bid |
|---|---|---|---|---|
| | | From | To | |
| Executive Engineer, Salandi Canal Division, Bhadrak | SAL-BDK-1 P1 OF 2021-22 | 28.06.2021 at 11.00 A.M. | 12.07.2021 upto 5.00 P.M. | 13.07.2021 at 11.00 A.M. |

Further details can be seen from the website http://www.tendersorissa.gov.in / www.dowrodisha.gov.in. Any addendum / corrigendum / cancellation to the above notice will be published in this website only.

Sd./- Executive Engineer, Salandi Canal Division, Bhadrak
OIPR-32005/11/0001/2122

---

See Career Appointment on every Wednesday & Saturday

---

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
EASTERN CIRCLE-I, CUTTACK
Email id :- seeccuttack@gmail.com
No.A-229:-
"e" Procurement Notice No. ACE,EC-I/04 of 2021-22 (On-line)

| | | | |
|---|---|---|---|
| 1 | Name of Works | : | As per detailed Tender call notice |
| 2 | Total No. of Works | : | 6 (Six) Nos. Individual Packages |
| 3 | Tender paper Cost | : | Rs.10,000/- (On-line payment) (Non-refundable) for each Package |
| 4 | Bid Security | : | "Bid Security Declaration" as per F.D O.M No. FIN-CODMISC.- 0007-2019/8943/F dated 18.03.2021. The bids without "Bid Security Declaration" will be summarily rejected) |

5. Other details are as follows:

| Procurement Officer | Sl. No. | Bid Identification No. | Tender cost (Rs. in Lakh) (Approx.) | Class of contractor | Period of completion | Availability of tender online for bidding | | Date of opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | 1 | ACE, EC-I MND-I/ 04 of 2021-22 | 355.00 lakh | A & Special | 6 (Six) calendar months | 07.07.2021 at 10.00 hrs. | 22.07.2021 upto 17.30 hrs. | 23.07.2021 at 11.30 hrs. |
| | 2 | ACE, EC-I MND-I/ 05 of 2021-22 | 879.00 lakh | Special & Super | 9 (Nine) calendar months | | | |
| | 3 | ACEC-I MND-I/ 06 of 2021-22 | 264.00 lakh | B & A | 5 (Five) calendar months | | | |
| | 4 | ACE, EC-I MND-I/ 07 of 2021-22 | 379.00 lakh | A & Special | 6 (Six) calendar months | | | |
| | 5 | ACE, EC-I MND-I/ 08 of 2021-22 | 113.00 lakh | B & A | 9 (Nine) calendar months | | | |
| | 6 | ACE, EC-I MND-I/ 09 of 2021-22 | 675.00 lakh | Special & Super | 8 (Eight) calendar months | | | |

6. e-mail id : seeccuttack@gmail.com
Further details can be seen from the Govt. web site "https://tendersodisha.gov.in"

OIPR-32370/11/0004/2122 Sd./- Additional Chief Engineer, Eastern Circle-I, Cuttack

---

**ପଞ୍ଚାୟତ ସମିତି ଅଫିସ୍, ବେତନଟୀ, ମୟୂରଭଞ୍ଜ**
ବେତନଟୀ, ମୟୂରଭଞ୍ଜ – ୭୫୭୦୨୫, ଫୋନ୍ ନଂ.: ୦୬୭୯୩–୨୨୦୨୧୦
**OFFICE OF THE PANCHAYAT SAMITI, BETNOTI, MAYURBHANJ**
Betnoti, Mayurbhanj, PIN - 757025, Phone No.: 06793-220210, E-mail: ori-betanati@gramsat.nic.in

No. 2222 **Tender Call Notice No. 03/2021-2022** Date: 24.06.2021

No. i-80: The Block Development Officer, Betnoti, Mayurbhanj invites percentage rate basis for the following works in sealed tenders on behalf of Government of Odisha from registered and eligible Civil contractors of PWD/WR/RWD/NH/MI/CPWD for execution of civil works on production of definite proof from appropriate authority to be eventually drawn up in conformity with the detail call notice as per OPWD Act as mentioned below.

| Sl. No. | Name of the Work | Estimated Cost | Amount put to tender (in Rs.) | EMD to be Deposited (in Rs.) | Cost of Tender paper (in Rs.) | Class of Contractors | Period of Completion |
|---|---|---|---|---|---|---|---|
| 1 | Construction of New Model AWC Building at Brahmapura, Agria G.P. | Rs.15,00,000/- | 12,03,077/- | 12,030/- | 6000/- | "D" and "C" | Six Months |
| 2 | Construction of New Model AWC Building at Kothabadi, Agria G.P. | Rs.15,00,000/- | 12,03,077/- | 12,030/- | 6000/- | "D" and "C" | Six Months |
| 3 | Construction of New Model AWC Building at Patpur, Agria G.P. | Rs.15,00,000/- | 12,03,077/- | 12,030/- | 6000/- | "D" and "C" | Six Months |
| 4 | Construction of New Model AWC Building at Khandadeula, Patalipura G.P. | Rs.15,00,000/- | 12,03,077/- | 12,030/- | 6000/- | "D" and "C" | Six Months |
| 5 | Construction of New Model AWC Building at Nuasahi-C, Muktapur G.P. | Rs.15,00,000/- | 12,03,077/- | 12,030/- | 6000/- | "D" and "C" | Six Months |
| 6 | Construction of New Model AWC Building at Tikaragadia, Nadpur G.P. | Rs.15,00,000/- | 12,03,077/- | 12,030/- | 6000/- | "D" and "C" | Six Months |

**Terms and Conditions:**
1. The tender paper can be obtained from the Block Development Officer, Betnoti on payment of cost of the tender paper (Non-refundable) in shape of Cash from 30.06.2021 to 15.07.2021 during working hour of Office of the Panchayat Samiti, Betnoti.
2. The sealed tender paper will be recieved on working days till 5.00 P.M. of 15.07.2021. The same should be submitted either through Registered/Speed Post addressed to the BDO, Betnoti or same may be dropped in the tender box kept in the Block Office, Betnoti during office working hour. The sealed envelope shall be superscribed as "Tender Paper". The undersigned will not be held responsible for any delay in the postal service.
3. The tender paper will be opened on 16.07.2021 at 11.30 A.M. in presnece of the tenderers or their authorized representatives and Block Tender Committee.

For details please log in to District website **www.mayurbhanj.nic.in**.

OIPR-19125/11/0003/2122 Sd./- Block Development Officer, Betnoti, Mayurbhan

---

GOVERNMENT OF ODISHA No. RR-04
**NETAJI BIRTH PLACE MUSEUM TRUST**
JANAKINATH BHAWAN, ODIA BAZAR,
CUTTACK, PIN - 753001, ODISHA
Regd. No. 16820/324 of 2002-2003
Office Phone No. 0674-2432147
Email Id: suptosabbsr@gmail.com

**NOTICE INVITATION FOR BIDS THROUGH E-PROCUREMENT**

**No. 85/Arch.** **Dated: 25.06.2021**

Tender Call Notice No. : No. 01 - Date: 25.06.2021
Bid Identification No. : No. 01 - Date: 25.06.2021
Nature of Work : Compund Wall of (Interpretation Centre), Netaji Museum
Number of Works : 01 (One)
Estimated Cost : 29,81,158/- lakhs
Period of Completion : 4 Calendar Months
Category of Contractor : C & B

Available Period : Dt.29.06.2021 from 10.00 A.M. hours to Dt.13.07.2021 by 17.00 P.M. hours
Tender Opening Date : Dt.14.07.2021 at 11.30 A.M. hours

Bid documents such as NIT/DTCN/BoQ etc. can be seen/downloaded from **www.tendersodisha.gov.in** during the period from **10.00 A.M. hours of 29.07.2021 to 17.00 P.M. hours of 14.07.2021**.

Sd./- Superintendent, OSA-cum-Secretary
Netaji Birth Place Museum Trust, Cuttack
OIPR-03018/11/0001/2122

## ୬୧୩ ଜଣଙ୍କୁ ଟିକା

ବଇଣ୍ଡା,(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣୀ ମଣ୍ଡପଠାରେ ଶୁକ୍ରବାର ୨୨୬ ଜଣଙ୍କୁ ଟିକା ଦିଆଯାଇଛି। ସେହିପରି ଅଙ୍ଗପଡା ହାଇସ୍କୁଲରେ ୧୮୭ ଓ କିଶୋରନଗରରେ ୨୦୦ ଜଣଙ୍କ ଟିକାକରଣ କରାଯାଇଛି। ତେବେ ଟିକାଦାନ କେନ୍ଦ୍ର ଗୁଡିକ ବାହାରେ ଆଧାର କାର୍ଡଗୁଡିକ ଲମ୍ବା ଲାଇନରେ ରଖାଯାଇଥିବା ଦେଖାଯାଇଥିଲା।

## ସଂକ୍ଷେପରେ

### ୧୧୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୫।୬:** ଅନୁଗୋଳ ଜିଲାରୁ ଶୁକ୍ରବାର ୧୧୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୦ ହଜାର ୨୬୦ରେ ପହଞ୍ଚିଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଛେଣ୍ଡିପଦା ବ୍ଲକରୁ ୧୬ ଜଣ, ତାଳଚେର ବ୍ଲକରୁ ୧୫, ଅନୁଗୋଳ ପୌରାଞ୍ଚଳରୁ ୧୪, ବଣ୍ଟରପାଲରୁ ୧୩, ଆଠମଲ୍ଲିକରୁ ୧୫, କଣିହାଁରୁ ୧୨, ଅନୁଗୋଳ ବ୍ଲକରୁ ୧୨, କିଶୋରନଗର ବ୍ଲକରୁ ୧୦, ତାଳଚେର ପୌରାଞ୍ଚଳରୁ ୬, ପାଲଲହଡ଼ା ବ୍ଲକରୁ ୬ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୬୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ପୁଣି କରୋନାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାରୁ ମୋଟ୍ ମୃତ୍ୟୁ ସଂଖ୍ୟା ୧୬୮ରେ ପହଞ୍ଚିଛି।

### ୪୨ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ,୨୫।୬:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୪୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫୩ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ସଦର ବ୍ଲକର ୧୦, ଗଁଦିଆ ବ୍ଲକର ୧୦, ଢେଙ୍କାନାଳ ପୌରାଞ୍ଚଳର ୫, ହିନ୍ଦୋଳ ବ୍ଲକର ୪ ଓ ଏନ୍ଏସିର ୧, କାମାକ୍ଷାନଗର ବ୍ଲକର ୨ ଓ ଏନ୍ଏସିର ୨, ଭୁବନ ବ୍ଲକର ୨, କଙ୍କଡାହାଡ଼ ବ୍ଲକରେ ୧, ପରଜଙ୍ଗ ବ୍ଲକର ୨ ଜଣ ଅଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୭୪୫ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସାପ କାମୁଡ଼ାରେ ନାବାଳିକା ମୃତ

**ପାଲଲହଡ଼ା,୨୫।୬(ଡି.ଏନ.ଏ.):** ପାଲଲହଡ଼ା ଥାନା ଇଲିସୁଁଆ ଗ୍ରାମର ଶୁକ୍ରୁ ଶୁଣ୍ଡିଙ୍କ ଝିଅ ନନ୍ଦୀ ଶୁଣ୍ଡି(୧୧)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗୁରୁବାର ରାତିରେ ପରିବାର ଲୋକଙ୍କ ସହ ନନ୍ଦୀ ଘରେ ଶୋଇଥିଲେ। ସାପ କାମୁଡି ଥିବା ଜାଣି ସକାଳୁ ପରିବାର ଲୋକ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସାଇକେଲରେ ବୁଲି ସମସ୍ୟା ବୁଝିଲେ ବିଧାୟକ



**ପାଲଲହଡ଼ା,୨୫।୬(ଡି.ଏନ.ଏ.):** ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଶୁକ୍ରବାର ସାଇକେଲ ଯୋଗେ ସହରର ବିଭିନ୍ନ ତଳିଆ ଅଞ୍ଚଳ ଏବଂ ସାହି ଗସ୍ତ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ବିଧାୟକ ପ୍ରଥମେ ଶାସନ ସାହିରେ ପହଞ୍ଚିଥିଲେ। ସେଠାକାର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ରାଣୀ ପାର୍କଠାରେ ହେବାକୁ ଥିବା ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ନିଜିଗଡ଼ ପଞ୍ଚାୟତ ସାମନ୍ତ ସାହି, ପୁରୁଣାଗଡ଼ ସାହି, ବଜାର ସାହି ଆଦି ଅଞ୍ଚଳ ବୁଲି ପିଇବା ପାଣି, ବିଦ୍ୟୁତ୍ ସମସ୍ୟା ଉପରେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ନିଜିଗଡ଼ ପଞ୍ଚାୟତ ବିଜେଡି କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ।

### ୪ ବର୍ଷ ପରେ ଅଭିଯୁକ୍ତ ଗିରଫ

**କଣିହାଁ,୨୫।୬(ଡି.ଏନ.ଏ.):** ସମଲ ଥାନା ପୋଲିସ ଏକ ପୁରୁଣା ମାମଲାରେ ଫେରାର ଥିବା ଏନ୍‌ଟିପିସି ଟାଉନ ଥାନା ବିଜିଗୋଳ ଗ୍ରାମର ବିଭୂତି ନାଏକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ୨୦୧୭ରେ ସମଲ ଥାନା ଗହମଠାରେ ପାଲଲହଡ଼ା ଅଞ୍ଚଳର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କଠାରୁ ଲୁଟ ହୋଇଥିଲା। ଏ ନେଇ ପୋଲିସ ନଂ. ୧୦୩/୨୦୧୭ରେ ମାମଲା ରୁଜୁ ଜାରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ବିଭୂତି ଟ୍ରେନ ଯୋଗେ ବମ୍ବେରୁ ଘରକୁ ଫେରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିବା ଏସ୍ଆଇ ରଞ୍ଜିତା ସାହୁ ପ୍ରକାଶ କରିଛନ୍ତି।

### ଠକେଇ, ହୋମଗାର୍ଡ ଗିରଫ

**ଢେଙ୍କାନାଳ ଅଫିସ,୨୫।୬:** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାର ଜଣେ ହୋମଗାର୍ଡ ଅନ୍ୟ ଜଣେ ହୋମଗାର୍ଡଙ୍କୁ ଚାକିରି କରାଇ ଦେବାକୁ କହି ୨୦ ହଜାର ଟଙ୍କା ଠକେଇ କରିନେଇଥିବା ଶୁକ୍ରବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରିବା ପରେ ଅଭିଯୁକ୍ତ ହୋମଗାର୍ଡ ଜଗବନ୍ଧୁ ପରିଡାଙ୍କୁ ଗିରଫ କରିଛି ବୋଲି ଥାନା ସୂତ୍ରରୁ ଜଣାପଡିଛି। ଏ ନେଇ ଟାଉନ ଥାନାରେ କେସ୍ ନଂ.୨୫୪/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀ ଘଟଣା ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି।

# ଛାତ୍ରୀଙ୍କଠାରୁ ଛାତ୍ର ଆଗରେ

**ଅନୁଗୋଳ ଅଫିସ, ୨୫।୬**

- ଅନୁଗୋଳ ଜିଲାରେ ପାସ୍ ହାର ୯୮.୦୮
- ସୌମ୍ୟ ସୌରଭ, ବିକାଶ ପ୍ରଧାନ ଜିଲା ଟପ୍ପର

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ କରାଯାଇଛି। ଅନୁଗୋଳ ଜିଲାରେ ଚଳିତବର୍ଷ ୯୮.୦୮ ପ୍ରତିଶତ ପିଲା ପାସ୍ କରିଛନ୍ତି। ସୌମ୍ୟ ସୌରଭ ତ୍ରିପାଠୀ ଓ ବିକାଶ ପ୍ରଧାନ ଜିଲାରେ ଟପ୍ପର ହୋଇଛନ୍ତି। ତେବେ ପାସ୍ ହାରରେ ଛାତ୍ରମାନେ ଛାତ୍ରୀମାନଙ୍କୁ ପଛରେ ପକାଇ ଦେଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରକାଶିତ ରେଜଲ୍ଟକୁ ନେଇ ଅନେକ ଛାତ୍ରୀଛାତ୍ର ଓ ଅଭିଭାବକ ମନ ଉଣା କରିଛନ୍ତି। ପିଲାମାନେ ପରୀକ୍ଷା ଦେଇଥିଲେ ଆହୁରି ଭଲ ନମ୍ବର ରଖି ପାରିଥାନ୍ତେ ବୋଲି ସେମାନେ କହିଛନ୍ତି।

ଅନୁଗୋଳ ଜିଲାରେ ୨୬୨ଟି ହାଇସ୍କୁଲ ଥିବାବେଳେ ମୋଟ ୧୭ ହଜାର ୧୬୩ ଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମୂଲ୍ୟାୟନ ହୋଇଛି। ସେମାନଙ୍କ ମଧ୍ୟରୁ ୧୬ ହଜାର ୯୪୬ ଜଣ ପାସ୍ ହୋଇଛନ୍ତି। ଗ୍ରେଡ୍ ଏ-୧ରେ ୧୧୭ ଜଣ ଛାତ୍ରୀଛାତ୍ର ଥିବାବେଳେ ଏ-୨ରେ ୭୭୨ ଜଣ, ବି-୧ରେ ୧୮୯୮, ବି-୨ରେ ୩୦୩୭, ସି-ରେ ୪୦୨୮, ଡି-ରେ ୩୯୯୫, ଇ- ଗ୍ରେଡ୍‌ରେ ୩୦୯୯ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୨୧୭ ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ ହଜାର ୫୩୪ ଜଣ ଛାତ୍ର ଥିବାବେଳେ ୮ ହଜାର ୪୧୨ ଜଣ ଛାତ୍ରୀ ରହିଛନ୍ତି। ସେହିପରି ମଧ୍ୟମାରେ ୧୨୭୦ ଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ହୋଇଛି। ସେଥିମଧ୍ୟରୁ ଗ୍ରେଡ୍ ବି-୨ରେ ଜଣେ ଥିବାବେଳେ ଡି-ରେ ୫ ଜଣ, ଇ-ରେ ୧୨୬୪ ଜଣ ଓ ୨୩୦ ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି।

# ଢେଙ୍କାନାଳରେ ୯୭.୯୪ ପ୍ରତିଶତ

**ଢେଙ୍କାନାଳ ଅଫିସ, ୨୫।୬**

ଢେଙ୍କାନାଳ ଜିଲାରେ ମାଟ୍ରିକ ପରୀକ୍ଷା ପାସହାର ୯୭.୯୪% ରହିଛି। ଛାତ୍ରୀଙ୍କ ତୁଳନାରେ ଛାତ୍ରମାନେ ଆଗରେ ରହିଛନ୍ତି।

ଜିଲାର ୨୬୮ ହାଇସ୍କୁଲର ୧୬ ହଜାର ୧୪୦ଜଣ ପିଲା ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ମୋଟ ୧୫ ହଜାର ୮୦୮ଜଣ ପାସ୍ କରିଛନ୍ତି। ତନ୍ମଧ୍ୟରେ ୭ ହଜାର ୪୭୫ ଛାତ୍ରୀ ଏବଂ ୮ହଜାର ୩୩୩ ଛାତ୍ର ଅଛନ୍ତି। ପାସ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ-୧ରେ ୬୮, ଏ-୨ରେ ୭୬୬, ବି-୧ରେ ୨,୦୬୧, ବି-୨ରେ ୩,୨୯୨, ସି-ରେ ୩,୫୯୨, ଡି-ରେ ୩,୧୩୩, ଇ-ରେ ୨,୮୯୬ଜଣ ରହିଛନ୍ତି। ୨୫୯ ଜଣ ଫେଲ୍ ହୋଇଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୧ହଜାର ୮୭୩ଜଣ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରେ 'ବି'ରେ ୪ଜଣ ଏବଂ 'ଇ'ରେ ୧୫୪୪ ଜଣ ପାସ୍ କରିଛନ୍ତି। ମୋଟ ୧ହଜାର ୫୪୮ଜଣ ପାସ୍ କରିଛନ୍ତି। ତନ୍ମଧ୍ୟରେ ୬୦୬ ଛାତ୍ରୀ ଓ ୯୪୨ ଛାତ୍ର। ୨୩୯ ଜଣ ଫେଲ୍ ହୋଇଛନ୍ତି। ଏକ୍ସ ରେଗୁଲାର ପାସ୍ ହାର ୮୨.୬୫% ହୋଇଛି। ସେହିପରି ଦୂର ନିରନ୍ତର ଶିକ୍ଷା ଏକ୍ସ ରେଗୁଲାରରେ ୪ଜଣ ଫର୍ମ ପୂରଣ କରିଥିଲେ। ୪ଜଣ ଯାକ ପାସ୍ କରିଛନ୍ତି। ତନ୍ମଧ୍ୟରେ ଜଣେ ଛାତ୍ରୀ ଏବଂ ୩ଜଣ ଛାତ୍ର ରହିଥିବା ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

### ସୁନ୍ଦରିଖାଲ ଶିଶୁମନ୍ଦିରର ପାସହାର ୧୦୦%

ଢେଙ୍କାନାଳ ସୁନ୍ଦରିଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାସହାର ୧୦୦% ହୋଇଛି। ମୋଟ ୧୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ରେ ୫, ଏ-୨ରେ ୪୧, ବି-୧ରେ ୪୩, ବି-୨ରେ ୩୭ ଓ ସିରେ ୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ କ୍ୟାଟେଗୋରିରେ ପିନାଲି ପ୍ରିୟଦର୍ଶିନୀ, ସୋମେଶ ପାଣି, ସ୍ୱସ୍ତିଦୀପା ବରାଳ, ତମନ୍ନା ତନୟା କର, ସୌମ୍ୟାସୁରଭିତା ସ୍ୱାଇଁ ରହିଥିବା ସ୍କୁଲ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି।

### ଅଧିକ ମାର୍କ ଆଶା ଥିଲା



ପରୀକ୍ଷା ମୂଲ୍ୟାୟନରେ ଖୁସି ଅଛି। ହେଲେ ଆନୁଷ୍ଠାନିକ ଭାବେ ପରୀକ୍ଷା ହୋଇଥିଲେ ଆହୁରି ଅଧିକ ମାର୍କ ରହିଥାଆନ୍ତା। ଗଣିତ, ବିଜ୍ଞାନ ମୋର ପ୍ରିୟ ବିଷୟ। ଭବିଷ୍ୟତରେ ସିଭିଲ୍ ସର୍ଭିସ ପରୀକ୍ଷା ଲାଗି ପ୍ରସ୍ତୁତ କରିବି। ଏହି ସଫଳତାର ଶ୍ରେୟ ଅଭିଭାବକ ଏବଂ ଶିକ୍ଷକଙ୍କର।

- ବିଷ୍ଣୁପ୍ରିୟା ରଥ, ବ୍ରଜନାଥ ବଡ଼ଜେନା ହାଇସ୍କୁଲ ମାଟ୍ରିକ୍ ଟପ୍ପର

### ପରୀକ୍ଷା ହୋଇଥିଲେ ଭଲ କରିଥାନ୍ତି



ଯେତିକି ନମ୍ବର ମିଳିଛି, ତାହାକୁ ନେଇ ଚିନ୍ତିତ ନୁହେଁ। କାରଣ ପ୍ରତିଭା ଥିଲେ ଆଗକୁ ବଢ଼ିବାରେ ପଥରୋଧ ହେବ ନାହିଁ। ତଥାପି ପରୀକ୍ଷା ହୋଇଥିଲେ ଆଉ ଟିକେ ଭଲ ନମ୍ବର ରହିପାରିଥାନ୍ତା। ବର୍ତ୍ତମାନ ଯେଉଁ ସମୟ ଦେଇ ଗତି କରୁଛେ କିଛି ବି କହିବା ମୁସ୍କିଲ ଥିଲା। ଆଗକୁ ଭଲ ପରିଶ୍ରମ କରି ବିଭିନ୍ନ ସୋପାନ ଅତିକ୍ରମ କରିବାକୁ ହେବ।

- ରିତେଶ ପ୍ରଧାନ, ଛାତ୍ର, ଅନୁଗୋଳ

### ଅଧିକ ନମ୍ବର ରଖିଥାନ୍ତି



୬ ଶହରୁ ୫୫୭ ନମ୍ବର ମିଳିଛି। ଯଦି ପରୀକ୍ଷା ହୋଇଥାନ୍ତା ଅଧିକ ନମ୍ବର ରଖିପାରିଥାନ୍ତି। ଆଗକୁ ଯୁକ୍ତ ୨ ପରେ ଡାକ୍ତରୀ ପଢ଼ିବାକୁ ଲକ୍ଷ୍ୟ ରଖିଛି। ଆଗାମୀ ଦିନରେ ଏହି ସୋପାନରେ କିଭଳି ପହଞ୍ଚିବାକୁ ହେବ, ସେ ନେଇ ଏବେ ଠାରୁ ପରିଶ୍ରମ କରିବି। ସଫଳତାର ଶ୍ରେୟ ମା, ବାପା, ଗୁରୁମା ଓ ଗୁରୁଜୀଙ୍କୁ ଦେଉଛି।

- ଐଶ୍ୱର୍ଯ୍ୟା ଦାସ, ଛାତ୍ରୀ, ଅନୁଗୋଳ

### ପରୀକ୍ଷା ହୋଇଥିଲେ ଭଲହୁଅନ୍ତା



୫୫୪ ମାର୍କ ସହ ଏ-୧ ବର୍ଗରେ ରହି ସ୍କୁଲ ଟପ୍ପର ହେବା ବାସ୍ତବରେ ଖୁସି ଦେଇଛି। ପରୀକ୍ଷା ହୋଇଥିଲେ ଏହାଠାରୁ ନିଶ୍ଚିତ ଭାବେ ଅଧିକ ମାର୍କ ରହିଥାଆନ୍ତା। ଗଣିତ ଓ ସାହିତ୍ୟରେ ଭଲ ଫଳ ମିଳିଛି। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହେବା ଲାଗି ପ୍ରସ୍ତୁତି କରିବି।

- ପିନାଲି ପ୍ରିୟଦର୍ଶିନୀ, ଛାତ୍ରୀ, ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

### ପରିଶ୍ରମର ଫଳ ମିଳିଛି



୫୮୨ ନମ୍ବର ରଖିଥିବାରୁ ପରିଶ୍ରମର ଫଳ ମିଳିଥିବା ଭଳି ଲାଗୁଛି। ମା' ବାପା, ଗୁରୁମା, ଗୁରୁଜୀଙ୍କ ମାର୍ଗଦର୍ଶନ ଫଳରେ ଏହି ସଫଳତା ମିଳିଛି। ଏଥିସହ ଯୁକ୍ତ ୨ ପାଇଁ ପାଠପଢ଼ା ମଧ ଆରମ୍ଭ କରିଛି। ପୂର୍ବରୁ ଯେଉଁଭଳି ଭାବେ ପରିଶ୍ରମ କରୁଥିଲି, ଆଗକୁ ତାହା ଜାରି ରହିବ।

- ସୌମ୍ୟ ସୌରଭ ତ୍ରିପାଠୀ, ଛାତ୍ର, ଅନୁଗୋଳ

### ନମ୍ବରକୁ ନେଇ ଦ୍ୱନ୍ଦ୍ୱ ଥିଲା



କୋଭିଡ୍ କଟକଣାରେ ଅନ୍‌ଲାଇନ୍‌ରେ ପାଠପଢ଼ା ହୋଇଥିଲା। ଅକ୍ଳାନ୍ତ ପରିଶ୍ରମ କରିଥିଲି। କିନ୍ତୁ ସରକାର ପରୀକ୍ଷା ବାତିଲ କରିଦେବା ପରେ ଆଶଙ୍କାରେ ଥିଲି। ୬ଶହରୁ ୫୮୨ ନମ୍ବର ମିଳିଥିବାରୁ ଖୁସି ଲାଗୁଛି। ଆଗକୁ କିଭଳି ପାଠରେ ଭଲ କରିବି ତାହା ଉପରେ ଧ୍ୟାନ ଦେବି।

- ବିକାଶ ପ୍ରଧାନ, ଛାତ୍ର, ଅନୁଗୋଳ

### ଆଶା, ଆଶଙ୍କାର ଅବସାନ



ପରୀକ୍ଷା ବାତିଲ ପରେ କଷ୍ଟ ଲାଗିଥିଲା। କିପରି ଫଳ ପ୍ରକାଶ କରାଯିବ, ତାହାକୁ ନେଇ ମନରେ ଆଶା ଆଶଙ୍କା ଲାଗି ରହିଥିଲା। ତେବେ ୫୬୫ ନମ୍ବର ରଖିଥିବାରୁ ଆଶଙ୍କାର ଅବସାନ ହୋଇଛି। ଫଳକୁ ନେଇ ସନ୍ତୁଷ୍ଟ ଅଛି।

- ଅଭିଷେକ ବେହେରା, ଛାତ୍ର, ଅନୁଗୋଳ

### ପ୍ରସ୍ତୁତି ଅନୁଯାୟୀ ନମ୍ବର ମିଳିନି



୫୬୩ ନମ୍ବର ମିଳିଥିବାରୁ ମାଟ୍ରିକ ପରୀକ୍ଷା ଫଳକୁ ନେଇ ସନ୍ତୁଷ୍ଟ ନୁହେଁ। ଯେତିକି ପରିଶ୍ରମ କରୁଥିଲି ସେହି ଅନୁଯାୟୀ ନମ୍ବର ମିଳିନାହିଁ। ପରୀକ୍ଷା କରାଯାଇଥିଲେ ଏହାଠାରୁ ବହୁ ଭଲ ଫଳ ମିଳିଥାନ୍ତା।

- ସୋନାଲିକା ମୁଦୁଲି, ଛାତ୍ରୀ, ଅନୁଗୋଳ

## ଗୁଳିକାଣ୍ଡ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବି

**କାମାକ୍ଷାନଗର, ୨୫।୬(ଡି.ଏନ୍.ଏ.)**

- ଥାନା ଆଗରେ ଭୀମ୍ ଆର୍ମିର ପ୍ରତିବାଦ
- ସମର୍ଥନରେ ବାହାରିଲେ ସ୍ଥାନୀୟ ବାସିନ୍ଦା

ଢେଙ୍କାନାଳ ଜିଲା କାମାକ୍ଷାନଗର ଗୁଳିକାଣ୍ଡ ଘଟଣାର ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଦଳିତ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଥାନା ଆଗରେ ପ୍ରତିବାଦ କରାଯାଇଛି। ଏଥିରେ ଭୀମ ଆର୍ମି ଭାରତ ଏକତା ମିଶନ କର୍ମକର୍ତ୍ତା ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଦଳିତ ପରିବାରର ମହିଳାପୁରୁଷ ସାମିଲ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ଭୟଭୀତ ସାହିବାସୀଙ୍କୁ ପୋଲିସ ସୁରକ୍ଷା, ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ, ଶାନ୍ତି କମିଟି ଗଠନ, ମୃତକ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାର ଜଣଙ୍କୁ ସରକାରୀ ଚାକିରି, ଜିଲା ପ୍ରଶାସନ ପକ୍ଷରୁ ୨ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ଆଦି ୯ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଥିଲା। ଏସ୍‌ଡିପିଓ ଅନିଲ ବେଉରିଆ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ୭ ଦିନ ସମୟ ମାଗିଥିଲେ। ଅନ୍ୟ ଦାବିଗୁଡ଼ିକ ସମ୍ପର୍କରେ ପ୍ରଶାସନ ସହିତ ଆଲୋଚନା କରିଥିବାକୁ ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏସ୍‌ଡିପିଓ କୁହନ୍ତି, ଘଟଣାରେ ୨୧ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଅଦ୍ୟାବଧି ୮ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଧରିବା ଲାଗି ଚଢ଼ାଉ ଜାରିରହିଛି। ସୂଚନାଯୋଗ୍ୟ, କାମାକ୍ଷାନଗରରେ ଗତ ୧୬ ତାରିଖ ରାତି ପ୍ରାୟ ୧୦ଟାରେ ଦୁଇସାହି ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିମାଡ଼ ହୋଇଥିଲା। ଏଥିରେ ତୋଫାନ ପାତ୍ର ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା।

## ପଞ୍ଚାୟତ ସମିତି ବୈଠକ

**ବଇଣ୍ଡା,୨୫।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଭାଗୃହଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ବିଡିଓ ଶ୍ୟାମଳ କୁମାର ରାଏ, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ଜିପିଓ ସୁଜାତା ତ୍ରିପାଠୀଙ୍କ ସହ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ଅନୁଦାନ ଠିକ ଭାବେ ଗ୍ରାମାଞ୍ଚଳରେ ବିନିଯୋଗ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବଇଣ୍ଡାଠାରେ ବିଳମ୍ବ ହେବା ସହ ଭାଙ୍ଗିଯାଇଥିବା ସ୍କୁଲ, ପଞ୍ଚାୟତ ରାଜୀବ ଭବନ, ପଶୁଡାକ୍ତର ଖାନା, ନିର୍ମାଣ ହେଉ ନ ଥିବା ସରପଞ୍ଚ ଜଳଧର ସାହୁ ଅଭିଯୋଗ କରିଥିଲେ।



ଢେଙ୍କାନାଳ ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।



ଅନୁଗୋଳ ଜିଲାରେ ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ଅବସରରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଓ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସହ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ।

# କୁମ୍ଭକର୍ଣ୍ଣ ନିଦ୍ରାରେ କେନ୍ଦ୍ର

**ପରିକ୍ଷିତ ସାହୁ**
**ବଇଣ୍ଡା,୨୫।୬**

- ତୈଳ ଦରରେ ଲାଗିଛି ନିଆଁ
- ପେଟ୍ରୋଲ ୧୦୦, ଡିଜେଲ ୯୮ ଡେଇଁଲାଣି
- ଆଠମଲ୍ଲିକ ଉପଖଣ୍ଡରେ ତୀବ୍ର ଜନଅସନ୍ତୋଷ

କରୋନାକୁ ନେଇ ସବୁଠି ହାହାକାର। କିଏ ଜୀବନ ତ କିଏ ଜୀବିକା ବଞ୍ଚାଇବାକୁ କରୁଛନ୍ତି ସଂଘର୍ଷ। ଭୋକ, ରୋଗ ଓ ଶୋକକୁ ନେଇ ବଢ଼ିଚାଲିଛି ଲୋକଙ୍କ ଦୁଃଖ। ଏପରି ଅବସ୍ଥାରେ ସରକାର ଦୁର୍ବଳଙ୍କ ବଳ ସାଜିବା କଥା। ଜନତାଙ୍କ ପରିବାର ଉପରୁ ପ୍ରତିପୋଷଣ ଚାପ ହ୍ରାସ କରିବା କଥା। ହେଲେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ସୁବିଧାବାଦୀ କେନ୍ଦ୍ର ସରକାରଙ୍କ କାନରେ ବାଜୁନି କାହାରି ଚିତ୍କାର। ସେଥିପାଇଁ ବୋଝ ଉପରେ ନଳିତା ବିଡ଼ା ପରି ପେଟ୍ରୋଲ ଓ ଡିଜେଲ ଦରରେ ନିଆଁ ଲାଗିଥିଲେ ମଧ୍ୟ ଏହାର ନିୟନ୍ତ୍ରଣ ଦିଗରେ ନିଆଯାଉନି ପଦକ୍ଷେପ। ଫଳରେ ମହାମାରୀ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ସ୍ଥିତିକୁ ସଙ୍ଗିନ କରିଚାଲିଛି। କିଛିଦିନ ଧରି ତେଲ ମୂଲ୍ୟ ବୃଦ୍ଧି ପାଉଥିବାରୁ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଅତିକ୍ରମ କରିଯାଇଛି। ଏଠାରେ ଡିଜେଲ ଦର ୯୯ ଟଙ୍କା ଛୁଇଁବାକୁ ଯାଉଛି। ଏହାକୁ ନେଇ ଉପଖଣ୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଆଠମଲ୍ଲିକ ଉପଖଣ୍ଡରେ ରହିଛି ୭ଟି ପେଟ୍ରୋଲ ପମ୍ପ। ସେଥିରୁ କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡାସ୍ଥିତ ଫିଲିଂ ଷ୍ଟେଶନରେ ଗୁରୁବାର ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ୨୦ ପଇସା ଥିବାବେଳେ ଡିଜେଲ ଲିଟର ଦର ୯୭ ଟଙ୍କା ୯୪ ପଇସା ହୋଇଛି। ସେହିପରି ଜାମୁନାଳୀଠାରେ ଥିବା ତେଲ ଟାଙ୍କିରେ ପେଟ୍ରୋଲ ୯୯.୯୬ ଓ ଡିଜେଲ ଲିଟର ପିଛା ୯୭.୯୪ ଟଙ୍କା, ଗୁରୁଜାଙ୍ଗ ପେଟ୍ରୋଲ ପମ୍ପରେ ପେଟ୍ରୋଲ ୧୦୦.୦୪ ଓ ଡିଜେଲ ୯୭.୬୮ ଟଙ୍କା ରହିଛି। ଆଠମଲିକ ବ୍ଲକ ସାନହୁଲା ଫିଲିଂ ଷ୍ଟେଶନରେ ପେଟ୍ରୋଲ ୧୦୦.୨୩ ଓ ଡିଜେଲ ୯୭.୮୭ ଟଙ୍କା, ଆନନ୍ଦପୁର ତେଲଟାଙ୍କିରେ ପେଟ୍ରୋଲ ୧୦୦.୩୦ ଓ ଡିଜେଲ ୯୭.୯୩ ଟଙ୍କା, କଇଁତ୍ରାଗଡ ତେଲଟାଙ୍କିରେ ପେଟ୍ରୋଲ ୧୦୦.୫୮ ଓ ଡିଜେଲ ୯୮.୨୦ ଟଙ୍କା ଏବଂ ହରିଡାନାଳି ମୌଜା ପେଟ୍ରୋଲ ପମ୍ପରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ୫୧ ପଇସା ଓ ଡିଜେଲ ଲିଟର ମୂଲ୍ୟ ୯୮ ଟଙ୍କା ୧୪ ପଇସା ରହିଛି। କରୋନା କାରଣରୁ ଲୋକଙ୍କ ରୋଜଗାର ତଳମୁହାଁ ହୋଇଥିବାବେଳେ ତୈଳ ସହ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଊର୍ଦ୍ଧ୍ୱମୁଖୀ ହେବା ଉପଖଣ୍ଡବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।



### ତେଲ ବଢୁଛି, ଭଡ଼ା ବଢ଼ାଯାଉନି



ଉପଖଣ୍ଡରେ ଶତାଧିକ ଟ୍ରକ୍ ଅଛି। କିନ୍ତୁ ଡିଜେଲ ଦରରେ ବୃଦ୍ଧି ଯୋଗୁ ମାଲିକମାନେ ଗାଡ଼ି ଘରୁ ବାହାର କରିବାକୁ ଡରିଲେଣି। ଲିଟର ପିଛା ୭୯ ଟଙ୍କା ଥିଲା ବେଳେ ସରକାର ଭଡ଼ା ବୃଦ୍ଧି କରିଥିଲେ। ଇତିମଧ୍ୟରେ ତେଲ ଲିଟର ପ୍ରତି ୧୯ ଟଙ୍କା ବଢ଼ିଥିଲେ ବି ଭଡା ବଢ଼ାଯାଉ ନାହିଁ।

- ଜ୍ଞାନଜିତ ପଟ୍ଟନାୟକ, ସଭାପତି, ପଞ୍ଚଧାରା ଟ୍ରକ୍ ମାଲିକ ସଂଘ

### ଟ୍ରକ୍ ବ୍ୟବସାୟ କଷ୍ଟକର ହେଲାଣି



ଡିଜେଲ ଦର ୧୦୦ ଟଙ୍କା ପାଖାପାଖି ହେଲାଣି। ସେହି ଅନୁଯାୟୀ ଭଡ଼ା ନେଲେ ଲୋକେ ବିରୋଧ କରୁଛନ୍ତି। କରୋନା ସମୟରେ ଏହା ଜୁଲମ ବୋଲି କହୁଛନ୍ତି। ଏପରି ସ୍ଥିତିରେ ଟ୍ରକ୍ ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିଲାଣି। ସରକାର ଶୀଘ୍ର ତେଲଦର କମାଇବା ଜରୁରୀ ହୋଇପଡ଼ିଛି।

- ଅରବିନ୍ଦ ସାହୁ, ଟିପ୍ପର ମାଲିକ

### ବାଧୁଛି ଆକାଶଛୁଆଁ ଦର



ବଢୁଥିବା ତୈଳ ମୂଲ୍ୟ ଯୋଗୁ ସମସ୍ତ ସାମଗ୍ରୀ ଦର ଆକାଶଛୁଆଁ ହେଲାଣି। ଖାଇବା ତେଲଠାରୁ ଆରମ୍ଭ କରି ଲୁଣ ଯାଏ ସବୁକିଛି ବଢ଼ି ବଢ଼ି ଚାଲିଛି। ଏପରି ଅବସ୍ଥାରେ ପରିବାର ପ୍ରତିପୋଷଣ କରିବା ବ୍ୟୟବହୁଳ ହୋଇଯାଇଛି। ବିରୋଧର ସ୍ୱର ଉଠୁଥିଲେ ବି ଏହାକୁ ଗୁରୁତ୍ୱ ଦିଆଯାଉ ନାହିଁ।

- ଜିତେନ୍ଦ୍ର କୁମାର ସାହୁ, ତୁରୁଡା

### ଶହେ ଜାଗାରେ ୨ଶହ ଖର୍ଚ୍ଚ



କରୋନା କାରଣରୁ ରୋଜଗାର ହ୍ରାସ ପାଇଛି। ସେହି ଅନୁଯାୟୀ ଘର ଖର୍ଚ୍ଚ ମଧ କମାଇବାକୁ ପଡୁଛି। ହେଲେ ଗାଡ଼ିରେ ତେଲ ବାବଦରେ ଅଧିକ ଅର୍ଥ ଦେବାକୁ ପଡୁଛି। ଯେଉଁ କାର୍ଯ୍ୟ ପାଇଁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା, ସେଥିପାଇଁ ଏବେ ୨ଶହ ଟଙ୍କା ଦେବାକୁ ପଡୁଛି।

- ବବୁଲ ବିଶ୍ୱାଳ, ମାଧପୁର

### ଖାଉଟି, ବ୍ୟବସାୟୀଙ୍କ ପେଟକୁ ନାତ



ତେଲ ଦର ବଢ଼ାଇ ଖାଉଟି ଓ ବ୍ୟବସାୟୀଙ୍କ ପେଟକୁ ନାତ ମରାଯାଉଛି। ବର୍ତ୍ତମାନ ବିଭିନ୍ନ ସାମଗ୍ରୀ ଦର ୪୦ ପ୍ରତିଶତ ବଢ଼ିଯାଇଛି। ଖାଉଟିମାନେ ସଉଦା କମାଇ ଦେଇଛନ୍ତି। ବେପାର ବାଧାପ୍ରାପ୍ତ ହୋଇଥିବାବେଳେ ସରକାର କିନ୍ତୁ ଚାରିଆଡୁ ଟିକସ ଭିଡ଼ି ଚାଲିଛନ୍ତି।

- ସତ୍ୟନାରାୟଣ ପଟ୍ଟନାୟକ, ବ୍ୟବସାୟୀ, ବଇଣ୍ଡା

## କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା ମହିଳା ମୋର୍ଚ୍ଚା

**ପାଲଲହଡା,୨୫।୬(ଡି.ଏନ.ଏ.)**

ପାଲଲହଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୋଟ ଗଣତି କେନ୍ଦ୍ରରେ ଗୁରୁବାର କୋଭିଡ୍ ନିୟମ ଉଲ୍ଲଂଘନ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ପାଲଲହଡା ଭାଜପା ମଣ୍ଡଳ ମହିଳା ମୋର୍ଚ୍ଚା। ଏ ନେଇ ମୋର୍ଚ୍ଚା ସଦସ୍ୟା ରଞ୍ଜିତା ନାଥ, ଊର୍ମିଳା ଆଚାର୍ଯ୍ୟ, ଅନୁପମ ନାୟକଙ୍କ ସମେତ ଏକ ପ୍ରତିନିଧି ଦଳ ଅନୁଗୋଳ ଜିଲାପାଳ, ୫-ଟି ସଚିବ, ମହିଳା ଓ ଶିଶୁ ବିକାଶ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ମୋର୍ଚ୍ଚା ପକ୍ଷରୁ ଦର୍ଶାଯାଇଛି ଯେ, ପାଲଲହଡା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକଙ୍କ ଦ୍ୱାରା ବ୍ଲକର ସମସ୍ତ ଅଙ୍ଗନୱାଡି ଏବଂ ଆଶାକର୍ମୀଙ୍କୁ ଛତା, ମାସ୍କ ଏବଂ ସାନିଟାଇଜର ବଣ୍ଟନ ନିମନ୍ତେ କାର୍ଯ୍ୟକ୍ରମ ରଖାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ମଧ୍ୟ ଉପସ୍ଥିତ ଥିଲେ। ହେଲେ ଏତେ ସଂଖ୍ୟକ କର୍ମଚାରୀଙ୍କୁ ଗୋଟିଏ କୋଠରିରେ ବିନା ସାମାଜିକ ଦୂରତ୍ୱରେ ବସାଯିବା ସହ ବିଜୁ ଜନତା ଦଳ ଲେଖା ଥିବା ଛତା, ମାସ୍କ ବଣ୍ଟନ କରାଯାଇଥିଲା। କୋଭିଡ ନିୟମ ଉଲ୍ଲଂଘନ କରାଯାଇଥିବାରୁ ବିଧାୟକ, ବ୍ଲକ ଅଧ୍ୟକ୍ଷ ଏବଂ ସିଡିପିଓଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି।

# ନକ୍‌ଆଉଟ୍‌ରେ ଉରୁଗୁଏ, ପାରାଗୁଏ

ସାଓ ପାଉଲୋ,୨୫।୬

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଉରୁଗୁଏ ଓ ପାରାଗୁଏ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଗ୍ରୁପ୍ ଏ'ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ଏହି ଦୁଇ ଦେଶ ବିଜୟ ହାସଲ କରିବା ସହ ଏହି ସଫଳତା ପାଇଛନ୍ତି। ବ୍ରାଜିଲର କୁଇଆବାସ୍ଥିତ ଏରିନା ପଣ୍ଟାନାଲଠାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଉରୁଗୁଏ ୨-୦ ଗୋଲରେ ବଲିଭିଆକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଉରୁଗୁଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଥିଲା।

ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ବଲିଭିଆର ଜାଇରୋ କ୍ୱିଣ୍ଟେରୋସ୍ ଆତ୍ମଘାତୀ ଗୋଲ ଦେଇଥିଲେ। ଫଳରେ ଉରୁଗୁଏ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୭୯ତମ ମିନିଟ୍‌ରେ ଏଡିନ୍‌ସନ କାଭାନି ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଉରୁଗୁଏକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଅଭିଜ୍ଞ ଡିଫେଣ୍ଡର କାଭାନି ଗତ ନଭେମ୍ବର ପରେ ଉରୁଗୁଏ ପାଇଁ ପ୍ରଥମ ଗୋଲ ସ୍କୋର କରି ଫର୍ମକୁ ଫେରିଛନ୍ତି। ଉରୁଗୁଏ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛି। ତେବେ ବଲିଭିଆ ଟୁର୍ନାମେଣ୍ଟରୁ ଏକପ୍ରକାର ବିଦାୟ ନେଇଛି। ଅନ୍ୟ ଏକ ମ୍ୟାଚ୍‌ରେ ପାରାଗୁଏ ଚିଲିକୁ ହରାଇବାରୁ ବଲିଭିଆର ନକ୍‌ଆଉଟ ଆଶା ମଉଳିଯାଇଛି।

ଗ୍ରୁପ୍ ଏ'ରେ ଆର୍ଜେଣ୍ଟିନା ୩ ମ୍ୟାଚ୍ ଖେଳି ୨ ବିଜୟ, ୧ ଡ୍ର ସହ ୭ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ସେହିପରି ପାରାଗୁଏ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଚିଲି ୩ଟି ମ୍ୟାଚ୍ ଖେଳି ୧ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ସେହିପରି ଉରୁଗୁଏ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି। ତେବେ ବଲିଭିଆ ୩ଟି ମ୍ୟାଚ୍ ଖେଳି ୩ ପରାଜୟ ସହ ଖାତା ଖୋଲି ନ ପାରି ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ସୋମବାର ଉରୁଗୁଏ ଓ ପାରାଗୁଏ ପରସ୍ପରକୁ ଭେଟିବେ। କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବ୍ରାଜିଲକୁ କେଉଁ ଦଳ ଭେଟିବ ଏହି ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ଯଦି ଉରୁଗୁଏ- ପାରାଗୁଏ ମ୍ୟାଚ୍ ଡ୍ର ରୁହେ ତେବେ ଚିଲି ଆୟୋଜକ ବ୍ରାଜିଲକୁ କ୍ୱାର୍ଟର ଫାଇନାଲରେ ଭେଟିବ। କିନ୍ତୁ ଯଦି ପାରାଗୁଏ ଜିତିବ ତାହାହେଲେ କ୍ୱାର୍ଟରରେ ବ୍ରାଜିଲ ଓ ଉରୁଗୁଏ ମୁହାଁମୁହିଁ ହେବେ। ଏଭଳି ସ୍ଥିତିରେ କ୍ୱାର୍ଟରରେ ବ୍ରାଜିଲ ବଦଳରେ ଦୁର୍ବଳ ଦଳକୁ ଭେଟିବା ପାଇଁ ଆମେ ଜାଣିଶୁଣି ଖରାପ ଖେଳିବୁ ନାହିଁ। ଆମେ ବିଜୟୀ ହେବାକୁ ପଡିଆକୁ ଓହ୍ଲାଇବୁ ବୋଲି ଉରୁଗୁଏ ମିଡ୍‌ଫିଲ୍ଡର ଜିଓରଜିଆନ ଡି ଆରାସ୍କାଟି କହିଛନ୍ତି। ଅନ୍ୟପଟେ ସୋମବାର ବଲିଭିଆ ଓ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ପରସ୍ପରକୁ ଭେଟିବେ। ଯଦି ଆର୍ଜେଣ୍ଟିନାକୁ ବଲିଭିଆ ପରାସ୍ତ କରେ ଓ ଉରୁଗୁଏଠାରୁ ପାରାଗୁଏ ହାରେ ତାହାହେଲେ ବଲିଭିଆ ନକ୍‌ଆଉଟକୁ ଉଠିବାର କ୍ଷୀଣ ଆଶା ରହିଛି।



ଗୋଲ ସ୍କୋର କରିବା ପରେ ଉରୁଗୁଏ ଡିଫେଣ୍ଡର ଏଡିନଶନ କାଭାନି।

**କୋପା ଆମେରିକା ଫୁଟ୍‌ବଲ**

### ପାରାଗୁଏଠାରୁ ହାରିଲା ଚିଲି

**ବ୍ରାସିଲିଆ:** ସ୍ଥାନୀୟ ମାନେ ଗାରିଞ୍ଚା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍ ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ଚିଲି ୦-୨ ଗୋଲରେ ପାରାଗୁଏଠାରୁ ପରାସ୍ତ ହୋଇଛି। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଚିଲି ଯଥେଷ୍ଟ ଆଗରେ ରହିଥିଲା। କିନ୍ତୁ ପାରାଗୁଏ ଦୁଇଟି ଗୋଲ ସ୍କୋର କରିଥିଲା। ମ୍ୟାଚ୍‌ର ୩୩ତମ ମିନିଟ୍‌ରେ ବ୍ରାଇଆନ ସାମୁଡିଓ ଗୋଲ ଦେଇ ପାରାଗୁଏକୁ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ପେନାଲ୍ଟି ଜରିଆରେ ମିଗୁଏଲ ଅଲମିରୋନ ୫୮ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇବା ସହ ବିଜୟୀ କରାଇଥିଲେ।

# ବ୍ରାଜିଲ କୋଚ୍ ଟିଟେଙ୍କୁ ଜରିମାନା

**ସାଓ ପାଉଲୋ:** କୋଭିଡ୍-୧୯ ମହାମାରୀ ଭୟାବହତା ଜାରି ରହିଥିବା ବେଳେ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନକୁ ସମାଲୋଚନା କରିବା ବ୍ରାଜିଲ କୋଚ୍ ଟିଟେଙ୍କୁ ଭାରି ପଡିଛି। ପୂର୍ବରୁ ଗୋଟିଏ ସପ୍ତାହ ତଳେ ଜଣେ ବଲିଭିଆ ଫୁଟ୍‌ବଲର ମଧ୍ୟ ସମକାରଣ ପାଇଁ ଟୁର୍ନାମେଣ୍ଟକୁ ସମାଲୋଚନା କରି ବାସନ୍ଦର ସମ୍ମୁଖୀନ ହୋଇଥିଲେ। କଲମ୍ବିଆ ଓ ଆର୍ଜେଣ୍ଟିନା ପ୍ରଥମେ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ କାରଣରୁ ଏହି ଦୁଇ ଦେଶ ଆୟୋଜନରୁ ଓହରିଯିବା ପରେ ବ୍ରାଜିଲକୁ ଆୟୋଜନ ଅଧିକାର ମିଳିଥିଲା।

ଗତ ଜୁନ୍ ୧୨ ତାରିଖରେ ଟିଟେ ଏକ ସାମ୍ବାଦିକ ସମ୍ମିଳନୀରେ ଟୁର୍ନାମେଣ୍ଟ ଆୟୋଜନ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଟୁର୍ନାମେଣ୍ଟ ଆରମ୍ଭ ହେବାର ଦୁଇ ସପ୍ତାହରୁ କମ୍ ସମୟ ଥିବାବେଳେ ଦକ୍ଷିଣ ଆମେରିକାର ସର୍ବୋଚ୍ଚ ଫୁଟ୍‌ବଲ ପ୍ରଶାସନିକ ସଂସ୍ଥା କନ୍‌ମେବୋଲ ବ୍ରାଜିଲକୁ ଆୟୋଜକ ରୂପେ ଘୋଷଣା କରିଥିଲା। ବ୍ରାଜିଲକୁ ଏକ ଗୋଳମାଳିଆ ପରିସ୍ଥିତିରେ ଟୁର୍ନାମେଣ୍ଟ ସ୍ଥାନାନ୍ତର ହୋଇଛି ବୋଲି ସେ କହିଥିଲେ। ଫଳରେ କନ୍‌ମେବୋଲ ଟିଟେଙ୍କ ଉପରେ ୫,୦୦୦ ଡଲାର ଜରିମାନା ଧାର୍ଯ୍ୟ କରିଛି। ଏବେ ବ୍ରାଜିଲ ଫୁଟ୍‌ବଲ କନ୍‌ଫେଡେରେଶନ ଟିଟେଙ୍କ ବିରୋଧରେ ନିଆଯାଇଥିବା ନିଷ୍ପତ୍ତିକୁ ବିରୋଧ କରିପାରିବ ନାହିଁ ବୋଲି କନ୍‌ମେବୋଲ ଅଧ୍ୟକ୍ଷ ଏଡୁଆର୍ଡୋ ଗ୍ରସ ବ୍ରାଉନ କହିଛନ୍ତି। ଆଉଥରେ ଏଭଳି ସମାଲୋଚନା କଲେ ଟିଟେଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ ସତର୍କ କରାଇଦେଇଛନ୍ତି। ଗତ ବୁଧବାର ବ୍ରାଜିଲ ୨-୧ ଗୋଲରେ କଲମ୍ବିଆକୁ ହରାଇବା ପରେ ଟିଟେ ଏଭଳି ମନ୍ତବ୍ୟ ଦେଇଥିଲେ। ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଫୁଟ୍‌ବଲ ଖେଳିବା ଠିକ୍ ନୁହେଁ ବୋଲି ସେ କହିଥିଲେ।



# ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ଜିତିଲା ଇଂଲଣ୍ଡ

କାର୍ଡିଫ, ୨୫।୬ (ଏପି)

ବର୍ଷାରେ ପ୍ରଭାବିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ୫ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ହୋଇ ୩ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୧ ରନ କରିଥିଲା। ବର୍ଷା ଯୋଗୁ ଘରୋଇ ଦଳ ପାଇଁ ୧୧୨ରନ ପରିବର୍ତ୍ତେ ୧୮ ଓଭରରେ ୧୦୩ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଇଂଲଣ୍ଡ ବ୍ୟାଟିଂ କରିବାକୁ ଯାଇ ଏକଦା ୩୬ରନରେ ଏହାର ୪ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ସାମ୍ ବିଲିଙ୍ଗ୍ସ ଓ ଲିଆମ ଲିଭିଂଷ୍ଟୋନ୍ ଭାଗୀଦାରିରେ ୪୮ ବଲ୍‌ରେ ୫୪ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ବିଲିଙ୍ଗ୍ସ ୨୪ ରନ କରି ଆଉଟ ହୋଇଥିଲେ। ସେତେବେଳେ ଘରୋଇ ଦଳ ବିଜୟ ପାଇଁ ଆହୁରି ୧୩ ରନ ଆବଶ୍ୟକ କରୁଥିଲା। କିନ୍ତୁ ଲିଭିଂଷ୍ଟୋନ୍ (୨୯*) ଓ ସାମ୍ କୁରାନ (୧୬*)ଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଇଂଲଣ୍ଡ ହାତରେ ୫ ଉଇକେଟ ଓ ୧୧ ବଲ୍ ବାକିଥାଇ ମ୍ୟାଚ ଜିତି ନେଇଥିଲା।



ଲିଆମ ଲିଭିଂଷ୍ଟୋନ

# ୱିମ୍ବେଲଡନ ଡ୍ର'ରେ ପ୍ରଥମ ଚାଇନିଜ୍ ଖେଳାଳି

ୱିମ୍ବେଲଡନ,୨୫।୬(ଏପି)

ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇବାରେ ଝାଙ୍ଗ୍ ଝିଝେନ୍ ହେଉଛନ୍ତି ଚାଇନାର ପ୍ରଥମ ପୁରୁଷ ଟେନିସ ଖେଳାଳି। ୱିମ୍ବେଲଡନ ୧୯୬୮ରେ ଆରମ୍ଭ ହୋଇଥିଲା। ସେତେବେଳେ ପ୍ରଫେସନାଲମାନେ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଖେଳୁଥିଲେ। ଝାଙ୍ଗ୍ ୱିମ୍ବେଲଡନ ପାଇଁ ଖେଳିଥିବା ୩ଟି କ୍ୱାଲିଫାଇଂ ମ୍ୟାଚରେ ବିଜୟୀ ହୋଇଥିଲେ। ଗୁରୁବାର ସେ ଆର୍ଜେଣ୍ଟିନାର ଫ୍ରାନ୍‌ସିସ୍କୋ ସେରୁଣ୍ଡୋଲୋଙ୍କୁ ୬-୦, ୬-୩, ୬-୭ (୪), ୭-୬ (୬) ସେଟ୍‌ରେ ହରାଇ ଦେଇଥିଲେ। ୧୬୮ ର୍‍ୟାଙ୍କିଙ୍ଗପ୍ରାପ୍ତ ୨୪ ବର୍ଷୀୟ ଝାଙ୍ଗ୍ ପୂର୍ବରୁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଏ କରିବା ଲାଗି ୩ ଥର ଉଦ୍ୟମ କରି ବିଫଳ ହୋଇଥିଲେ। ଟେନିସରେ ଚାଇନା ଖେଳାଳି ଭାବେ ସବୁଠାରୁ ବଡ଼ ସଫଳତା ହାସଲ କରିଛନ୍ତି ଲି' ନା। ସେ ୨୦୧୧ରେ ଫ୍ରେଞ୍ଚ ଓପନ ଏବଂ ୨୦୧୪ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ୨୦୧୯ରେ ତାଙ୍କୁ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଅଲ୍ ଇଂଲଣ୍ଡ କ୍ଲବରେ ୱିମ୍ବେଲଡନ ମୁଖ୍ୟ ଡ୍ର' ଖେଳ ସୋମବାରଠାରୁ ଆରମ୍ଭ ହେବ।



ଝାଙ୍ଗ୍ ଝିଝେନ୍


# ୧୦୦ ମିଟର ଫାଇନାଲରେ ଅମିୟ

**ଭୁବନେଶ୍ୱର,୨୫।୬:** ପଞ୍ଜାବର ପଟିଆଲାଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୬୦ତମ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ ଚାମ୍ପିୟନଶିପ୍। ନେତାଜୀ ସୁବାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଏସ୍‌ଏନ୍‌ଆଇଏସ୍)ଠାରେ ଆରମ୍ଭ ହୋଇଥିବା ଏହି ଆଥଲେଟିକ ମିଟ୍ ପ୍ରଥମ ଦିବସରେ ଓଡ଼ିଶାର ତାରକା ପୁରୁଷ ଧାବକ ଅମିୟ ମଲିକ ୧୦୦ମିଟର ଦୌଡ଼ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଆୟୋଜିତ ଦୌଡ଼ରେ ସେ ୧୦.୫୦ ସେକେଣ୍ଡ ସମୟ ନେଇ ଫାଇନାଲକୁ ଉଠିଛନ୍ତି। ଦୂତୀ ଚାନ୍ଦଙ୍କ ସମେତ ହିମା ଦାସ, ଅନୁ ରାନୀ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଏହି ଇଭେଣ୍ଟ ମାଧ୍ୟମରେ ଅନ୍ତିମ ସୁଯୋଗ ପାଇବେ। ମହିଳା ରିଲେ ଦଳ ମଧ୍ୟ ଏହି ଇଭେଣ୍ଟରେ ଭଲ ପ୍ରଦର୍ଶନ କରି ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବ ବୋଲି ଆଶା କରାଯାଉଛି।

# ଖେଳିବେନାହିଁ ସିମୋନା ହାଲେପ୍

ୱିମ୍ବେଲଡନ, ୨୫।୬(ଏପି)

ପେଣ୍ଡାରେ ଆଘାତପ୍ରାପ୍ତ ଥିବାରୁ ଗତଥରର ମହିଳା ସିଙ୍ଗଲ୍ସ ଚାମ୍ପିୟନ ସିମୋନା ହାଲେପ୍ ୱିମ୍ବେଲଡନ ଓପନ୍ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଶୁକ୍ରବାର ଏହି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପାଇଁ ଡ୍ର' ପୂର୍ବରୁ ହାଲେପ୍ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ସମାନ କାରଣରୁ ସେ୍ ଫ୍ରେଞ୍ଚ୍ ଓପନରେ ଭାଗ ନେଇ ନ ଥିଲେ। ପୂର୍ବତନ ନମ୍ବର ୱାନ ତଥା ଦୁଇଥର ଗ୍ରାଣ୍ଡସ୍ଲାମ ବିଜୟିନୀ ରୋମାନିଆର ଏହି ୨୯ ବର୍ଷୀୟା ବର୍ତ୍ତମାନ ବିଶ୍ୱର ୩ ନମ୍ବର ର୍‍ୟାଙ୍କିଙ୍ଗ ଖେଳାଳି। ପ୍ରତିଯୋଗିତାରୁ ସେ ଓହରିଯିବା ଅର୍ଥ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ଟପ୍ ୩ ଖେଳାଳିଙ୍କ ମଧ୍ୟରୁ ଦୁଇ ଜଣ ଏଥର ୱିମ୍ବେଲଡନ ଖେଳିବେ ନାହିଁ। ପୂର୍ବରୁ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ତଥା ୪ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ନାଓମି ଓସାକା ବ୍ୟକ୍ତିଗତ କାରଣ ଦର୍ଶାଇ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ବର୍ତ୍ତମାନ ସେ ତାଙ୍କ ପରିବାର ଓ ବନ୍ଧୁମାନଙ୍କ ସହ ବିତାଇବାକୁ ଚାହୁଁଥିବା କହିଛନ୍ତି। ଅନ୍ୟପକ୍ଷରେ ପୁରୁଷ ବିଭାଗରେ ଏଟିପି ର୍‍ୟାଙ୍କିଙ୍ଗର ଟପ୍ ୫ ଖେଳାଳିଙ୍କ ମଧ୍ୟରୁ ଦୁଇ ଜଣ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ସେମାନେ ହେଲେ ୩ ନମ୍ବର ଖେଳାଳି ରାଫାଲ ନାଡାଲ ଓ ୫ ନମ୍ବର ଖେଳାଳି ଡୋମିନିକ୍ ଥିମ୍। ନାଡାଲ ତାଙ୍କ ଶରୀରକୁ ବିଶ୍ରାମ ଦେବାକୁ ଚାହିଁଥିଲେ। ଥିମ୍‌ଙ୍କ ଡାହାଣ କଚଟିରେ ଆଘାତ ଲାଗିଛି। କୋଭିଡ୍ ଯୋଗୁ ଗତ ବର୍ଷ ୱିମ୍ବେଲଡନକୁ ବାତିଲ କରାଯାଇଥିଲା। ୨୦୧୯ ଫାଇନାଲରେ ହାଲେପ୍ ଫାଇନାଲରେ ୨୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୱିଲିୟମ୍ସଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ।



ସିମୋନା ହାଲେପ୍

# ଭାରତ ୨ଟି ଇଣ୍ଟ୍ରା ସ୍କ୍ୱାଡ୍ ଗେମ୍ ଖେଳିବ

ନୂଆଦିଲ୍ଲୀ,୨୫।୬

ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ କ୍ରିକେଟ ଦଳ ଘରୋଇ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପୂର୍ବରୁ ୨ଟି ଇଣ୍ଟ୍ରା ସ୍କ୍ୱାଡ୍ ଗେମ୍ ଖେଳିବ। ଅର୍ଥାତ୍ ଭାରତୀୟ ଖେଳାଳିମାନେ ଦୁଇ ଭାଗ ବା ଦଳରେ ବିଭକ୍ତ ହୋଇ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିବେ। ଡରହାମର ରିଭରସାଇଡ ଗ୍ରାଉଣ୍ଡରେ ଏହି ଦୁଇଟି ମ୍ୟାଚ୍ ଖେଳାଯିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ କାଉଣ୍ଟି ଦଳଗୁଡିକ ବିପକ୍ଷରେ କୌଣସି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ସମ୍ଭାବନା ନ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି।

ଅଗଷ୍ଟ ୪ରୁ ନଟିଂହାମରେ ଟେଷ୍ଟ ସିରିଜ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ହାଇପ୍ରୋଫାଇଲ ସିରିଜ ପୂର୍ବରୁ କୌଣସି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିବାର ସୁଯୋଗ ନ ଥିବାରୁ କୋହଲି ଅସନ୍ତୋଷ ଜାହିର କରିଛନ୍ତି। କୋଭିଡ୍-୧୯ ପ୍ରୋଟୋକଲ ଅନୁସାରେ ଭାରତ ଟେଷ୍ଟ ସିରିଜ ପୂର୍ବରୁ ଦୁଇଟି ଇଣ୍ଟ୍ରା ସ୍କ୍ୱାଡ୍ ଗେମ୍ ଖେଳିବ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମୁଖପାତ୍ର କହିଛନ୍ତି। କେତୋଟି ଅଭ୍ୟାସ ମ୍ୟାଚ ଖେଳାଯିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇସିବିକୁ ଅନୁରୋଧ କରିଛି। କୌଣସି କାଉଣ୍ଟି ଦଳ ବିପକ୍ଷରେ ମ୍ୟାଚ୍ ଆୟୋଜନ ହେବନାହିଁ ବୋଲି ମୁଖପାତ୍ର ଜଣକ ସ୍ପଷ୍ଟ କରିଛନ୍ତି। ଇଂଲଣ୍ଡରେ କାଉଣ୍ଟି କ୍ରିକେଟରମାନେ ନିୟମିତ ଭାବେ କୋଭିଡ୍ ଟେଷ୍ଟର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସେମାନଙ୍କୁ କୌଣସି ବାୟୋ ବବଲରେ ରଖାଯାଇନାହିଁ ବୋଲି ସେ କହିଛନ୍ତି। ଫଳରେ ଅଭ୍ୟାସ ମ୍ୟାଚ୍ ଖେଳାଗଲେ ବିପଦ ରହିବ। ତେଣୁ ଭାରତକୁ କେବଳ ଇଣ୍ଟ୍ରା ସ୍କ୍ୱାଡ ମ୍ୟାଚ୍ ଖେଳବାକୁ ପଡିବ ବୋଲି ବିସିସିଆଇର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

ଜୁଲାଇ ୧୪ରେ ଭାରତୀୟ କ୍ରିକେଟରମାନେ ଲଣ୍ଡନରେ ଏକାଠି ହେବା ପରେ ଡରହାମ ଯାତ୍ରା କରିବେ ଓ ସେମାନେ ବବଲରେ ରହିବେ। ଭାରତ ୨୪ଜଣ ଖେଳାଳିଙ୍କୁ ନେଇ ଇଂଲଣ୍ଡ ଗସ୍ତ କରିଛି। ୨୦ଜଣ ନିୟମିତ ସଦସ୍ୟ ଥିବା ବେଳେ ୪ଜଣ ରିଜର୍ଭ ଖେଳାଳି ରହିଛନ୍ତି। ଏ ନେଇ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଭ୍ରମଣକାରୀ ଦଳକୁ ଏକାଧିକ ପ୍ରଥମଶ୍ରେଣୀ ଅଭ୍ୟାସ ମ୍ୟାଚ୍ ଖେଳିବାର ସୁଯୋଗ ରହିଥାଏ ବୋଲି ସେ କହିଛନ୍ତି। କଡ଼ା କ୍ୱାରାଣ୍ଟାଇନ ନିୟମ ଓ ଭ୍ରମଣଜନିତ କଟକଣା କାରଣରୁ ଜାତୀୟ ଚୟନକର୍ତ୍ତା ତଥା ପୂର୍ବତନ ଦ୍ରୁତ ବୋଲର ଚେତନ ଶର୍ମାଙ୍କ ସମେତ ଅନ୍ୟ ଚୟନକର୍ତ୍ତାମାନେ ଇଂଲଣ୍ଡ ଯିବେ ନାହିଁ। ଅନ୍ୟତମ ଚୟନକର୍ତ୍ତା ଦେବାଶିଷ ମହାନ୍ତି ଓ ଅବେ କୁରୁଭିଲ୍ଲା ୬ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ ଦେଖିବାକୁ ଶ୍ରୀଲଙ୍କା ଗସ୍ତ କରିବେ। ଏହି ଦୁଇଜଣ ଏବେ ମୁମ୍ବାଇରେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। କିନ୍ତୁ କୌଣସି ଚୟନକର୍ତ୍ତା ଇଂଲଣ୍ଡ ଯିବେ ନାହିଁ ବୋଲି ବିସିସିଆଇ ତରଫରୁ ସ୍ପଷ୍ଟ କରାଯାଇଛି। ଚଳିତବର୍ଷ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ସୀମିତ ଓଭର ସିରିଜରେ ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ ପରଖିବାର ଅଧିକ ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

**ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

No. PP-13:- ଏହାଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ବୟନଶିଳ୍ପ ନିର୍ଦ୍ଦେଶାଳୟର ୱେବ୍‌ସାଇଟ http://textiles.odisha.gov.in/ରେ ବୁଣାକାରମାନେ ଅନଲାଇନ ମାଧ୍ୟମରେ ବିଭିନ୍ନ ଯୋଜନାରେ ସାହାଯ୍ୟ ପାଇବା ନିମନ୍ତେ ଆବେଦନ ପତ୍ର ସମ୍ପୃକ୍ତ ଉପ/ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଇବା ତାରିଖକୁ ତା.୨୪.୦୬.୨୦୨୧ରୁ ତା.୩୦.୦୬.୨୦୨୧ ବର୍ଦ୍ଧିତ କରାଗଲା ।

ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ଓଡ଼ିଶା
OIPR-31003/11/0006/2122

**OFFICE OF THE DEAN & PRINCIPAL**
**SCB MEDICAL COLLEGE**
No.E-179:- **CUTTACK- 753007**

Applications are invited from eligible candidates for the post of **Assistant Professor, Department of CTVS** on Contractual basis in SCB Medical College, Cuttack. The last date of receipt of application by Official Mail i.e. **scbmcctc@gmail.com** is **30.06.2021**. Details can be obtained from SCB Medical College, Cuttack website: **scbmch.in**

**Sd./- Dean & Principal**
**SCB Medical College, Cuttack**
OIPR-10039/11/0001/2122

**OFFICE OF THE PROJECT DIRECTOR, WATERSHEDS, MAYURBHANJ, BARIPADA**
**No.10E-05/1995- 1018 /PD(W), Mbj, Bpd., dt.18.06.2021**

**NOTICE**

No. A-219: Whereas Sri Bhabesh Kumar Das, At-Kusumia, P.O.-Sikidia, P.S.- Khunta, Dist.- Mayurbhanj, serving as JSCA (now SCEW) in the office of the erstwhile ASCO, Baripada merged with the office of the Project Director, Watersheds, Mayurbhanj, Baripada is remaining long unauthorized absent from Govt. duty from dt.01.01.2013 i.e. more than 12 (twelve) years.

And Whereas he was directed to report for duty vide Registered letter No.518 dt.18.02.2003 and also a notice was issued through paper publication in two daily news papers namely "Shasan Khabar" and "Dwani Pratidwani" on dt.13.08.2003 by the Asst. Soil Conservation Officer, Baripada with instruction to resume in his duty immediately.

And Whereas disciplinary proceeding was instituted against him in pursuant to Rule-15 of the OCS (CC&A) Rules, 1992 vide Memorandum No.16P-(VII)-11/2016-4826/SC &WD., dt. 20.08.2018 of the Commissioner – cum - Director, Watershed Mission, Odisha, Bhubaneswar for his above lapses directing him to submit his written statement of defence within 30 days from receipt of that Memorandum. The said Memorandum was also been received by his wife Smt. Tapaswini Das on dt.09.11.2016 and he/she did not submit his/her written statement of defence in the stipulated period.

And Whereas the Project Director, Watersheds, Keonjhar was appointed as Inquiring Officer under Rule-15(4) of the OCS (CC&A) Rules, 1992 vide order No.7279 dt. 07.12.2016 of the Disciplinary Authority. The Inquiring Officer submitted his inquiry report and findings on completion of his inquiry on dt.28.08.2019.

And Whereas under Rule-15 (10) (i) (a) of OCS (CC&A) Rules, 1992 he is called upon to submit his representation if any on the inquiry report vide Notice No.1399 dt.12.02.2021 of the Disciplinary Authority. The said Notice with inquiry report have been sent to him by Regd. Post in his home address by this office on dt.03.03.2021 and the said Notice was returned back to this office being undelivered.

And Whereas his where abouts is not known. In pursuant to the instructions laid down in P & S Dept. No.13787 dt.24.7.1968 of the Govt. show cause notice is hereby issued why the penalties proposed in the inquiry report and communicated through above notice of the Disciplinary Authority should not be imposed upon him and he is called upon to submit his representation if any on the inquiry report and findings within 30 days from publication of this notice.

**Sd./- Project Director, Watersheds, Mayurbhanj, Baripada.**
OIPR-32254/11/0001/2122

**NOTICE INVITING TENDER** No. CAD-497
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), MAYURBHANJ (DISTRICT)**

**Tender No. 1436** **Phone: 9438200052** **Dated: 24.06.201**

Cost of Tender Document: Rs.11800/- inclusive of GST.
Online Tenders are invited from eligible bidders for selection and appointment of Level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of Tender documents | From Date: 29.06.2021 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.06.07.2021 at 11 A.M. Place: O/o. Chief CSO-cum-District Manager, OSCSC Ltd., Mayurbhanj, Baripada |
| 3 | Last date and time for Online submission of completed tender documents with enclosures | Through e-Procurement Portal: **www.tendersodisha.gov.in** upto 5 P.M. of Dt.16.07.2021 |
| 4 | Date, time and venue for opening of Technical Bid by the tender committee | On Dt.20.07.2021 at 11 A.M. Place: Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.27.07.2021 at 11 A.M. Place: Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | Collectorate, Mayurbhanj, Baripada |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | (i) OSCSC Ltd. District Manager No.: 9438200052 Accounts Head No.: 9438878641 (ii) State Procurement Cell: 0674-2530998/ 18003456765 |

**N.B.:**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District tender committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website: **www.tendersodisha.gov.in**.
4. The bidder must deposit tender document fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website: **www.tendersodisha.gov.in, www.oscsc.in & www.foododisha.in**.

**Sd./- District Manager, OSCSC Ltd., Mayurbhanj**
OIPR-07028/11/0002/2122

# ଆସିଲା ନୂଆ ୱିଣ୍ଡୋଜ୍ ୧୧

**ନୂଆଦିଲ୍ଲୀ,୨୫।୬**

ମାଇକ୍ରୋସଫ୍ଟ ପକ୍ଷରୁ ନୂଆ ୱିଣ୍ଡୋଜ ୧୧ ଲଞ୍ଚ ହୋଇଛି। କମ୍ପାନୀ ୬ ବର୍ଷ ପରେ ନିଜର କମ୍ପ୍ୟୁଟର ଅପରେଟିଂ ସିଷ୍ଟମକୁ ଅପ୍‌ଡେଟ କରିଛି। ଏହା ପରବର୍ତ୍ତୀ ପିଢ଼ିର ୱିଣ୍ଡୋ ଭାବେ ବଜାରକୁ ଆସିଛି। ଏହା ପୂର୍ବରୁ ମାଇକ୍ରୋସଫ୍ଟ ୨୦୧୫ରେ ୱିଣ୍ଡୋଜ ୧୦ ଶୁଭାରମ୍ଭ କରିଥିଲା। କମ୍ପାନୀ କହିଛି, ୱିଣ୍ଡୋଜ ୧୧ ଚଳିତ ବର୍ଷ ଶେଷ ସୁଦ୍ଧା କମ୍ପ୍ୟୁଟର ଏବଂ ଲାପ୍‌ଟପ୍‌ରେ ଉପଲବ୍ଧ ହେବ। ୱିଣ୍ଡୋଜ ୧୦ର ୟୁଜରଙ୍କୁ ନୂଆ ଭର୍ସନ ମାଗଣାରେ ମିଳିବ। ୱିଣ୍ଡୋଜ ଅପରେଟିଂ ସିଷ୍ଟମର ସବୁଠାରୁ ପୁରୁଣା ଏଡିଶନ ୧୯୮୫ରେ ଲଞ୍ଚ ହୋଇଥିଲା। ନୂଆ ୱିଣ୍ଡୋଜ ୧୧ର ସବୁଠାରୁ ସ୍ୱତନ୍ତ୍ରତା ହେଲା ଏହା ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମରେ ଚାଲୁଥିବା ଆପ୍‌ଗୁଡିକୁ ମଧ୍ୟ ସପୋର୍ଟ କରିବ। ୱିଣ୍ଡୋଜ୧୧ର କିଛି ଖାସ୍ ଫିଚର..



### ମାଇକ୍ରୋସଫ୍ଟ ଷ୍ଟୋରରେ ଆଣ୍ଡ୍ରଏଡ ଆପ୍

ନୂଆ ଅପ୍‌ଡେଟ୍ ପରେ ଆଣ୍ଡ୍ରଏଡ୍ ମୋବାଇଲ ଆପ୍‌ଗୁଡିକ ପର୍ସନାଲ କମ୍ପ୍ୟୁଟର (ପିସି)ରେ ମଧ୍ୟ ଖୋଲିପାରିବ। ଏହା ସହ ୪କେ ଟିଭିକୁ ୱେର୍‌ଲେସ କନେକ୍ଟ କରିପାରିବେ। ଡିଜ୍‌ନୀ ଷ୍ଟାର ପ୍ଲସ୍ ଭଳି ଷ୍ଟ୍ରିମି ମିଡିଆକୁ ୱିଣ୍ଡୋଜ ୧୧ରେ ମଧ୍ୟ ଦେଖିହେବ।

### ଅଟୋ ଏଚ୍‌ଡିଆର୍ ଗେମିଂ

ଏବେ ଆପଣ ପିସିରେ କ୍ଲାସିକ ଗେମ୍ ଏବଂ ଏଚ୍‌ଡିଆର୍ ଦ୍ୱାରା ଭିନ୍ନ ଧରଣର ଗେମ୍ ଖେଳିବାକୁ ସକ୍ଷମ ହେବେ। ୱିଣ୍ଡୋଜ ୧୧ ଏଚ୍‌ଡିଆର୍ ଗେମ୍ ହିସାବରେ କଲର ଏବଂ ଲାଇଟ ସ୍ୱୟଂକ୍ରିୟ ଭାବେ ଆଡଜଷ୍ଟ ହୋଇଥାଏ। ଏହି ଫିଚର ୱିଣ୍ଡୋଜର 'ଏକ୍ସବକ୍ସ'ରେ ମିଳିଥାଏ। ମାଇକ୍ରୋସଫ୍ଟ ପକ୍ଷରୁ ଦାବି କରାଯାଇଛି ଯେ ଏଚ୍‌ଡିଆର୍‌ରେ ଏମ୍ପାୟାର୍ସ ଡେଫିନିଟିଭ ଏଡିଶନ, ରକେଟ ଲିଗ୍, ଡେ ଜେଡ୍ ଏବଂ ଡୁମ୍ ୬୪ ସହ ୧୦୦୦ ଗେମ୍ ଉପଲବ୍ଧ ହେବ।

### ବଢ଼ିବ ସ୍ପିଡ୍

ୱିଣ୍ଡୋଜ୧୧କୁ ଅପ୍‌ଡେଟ୍ କରିବା ଦ୍ୱାରା ସ୍ଲିପ୍ ମୋଡ୍ ହଟିବା ପରେ ଏହା ସ୍ପିଡ୍‌ରେ କାମ କରିବା ଆରମ୍ଭ କରିଥାଏ। ଏହା ସହ ଏଜ୍ ଏବଂ ୱେବ୍ ବ୍ରାଉଜରରେ ମଧ୍ୟ ସର୍ଚ୍ଚିଂରେ ସ୍ପିଡ୍ ହୋଇଥାଏ। ଏହାକୁ ୪୦% ପର୍ଯ୍ୟନ୍ତ ଛୋଟ କରାଯାଇଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଏହା ସହଜରେ ବ୍ୟାକ୍ ଗ୍ରାଉଣ୍ଡରେ ଇନ୍‌ଷ୍ଟଲ ହୋଇପାରିବ। ଡାଇରେକ୍ଟ ଷ୍ଟୋରେଜ ଫିଚର ଦ୍ୱାରା ଗେମ୍ସଗୁଡିକୁ ସିଧାସଳଖ ଗ୍ରାଫିକ୍ସ କାର୍ଡରେ ଅପ୍‌ଲୋଡ୍ କରିପାରିବେ। ଏହାଦ୍ୱାରା ଗ୍ରାଫିକ୍ସ କାର୍ଡକୁ ରେଣ୍ଡରିଂ କରିବାକୁ ଲାଗୁଥିବା ସମୟ ମଧ୍ୟ କମ୍ ହୋଇପାରିବ।

### ଟଚ୍ ସହ ଭଏସ୍ ସପୋର୍ଟ

ନୂଆ ଅପ୍‌ଡେଟ୍‌ରେ ଆଇକନଗୁଡିକ ମଧ୍ୟରେ ସ୍ପେସ୍ ରହିଛି। ଫଳରେ ଠିକ୍ ସ୍ଥାନରେ ଟ୍ୟାପ୍ କରିବା ସହଜ ହୋଇଥାଏ। ଏହା ସହ ସହଜରେ ୱିଣ୍ଡୋକୁ ରିସାଇଜ ଏବଂ ମୁଭ୍ କରିହେବ। ଅନ୍ ସ୍କ୍ରିନ୍ କିବୋର୍ଡ ରିଡିଜାଇନ ଏବଂ କଷ୍ଟମାଇଜ କରିପାରିବେ। ପେନ୍ ଦ୍ୱାରା ୱିଣ୍ଡୋ ୧୧ ଫିଚରକୁ ଅପ୍‌ରେଟ୍ କରାଯାଇପାରିବ। ଏହାଦ୍ୱାରା ରିୟଲ ପେନ୍‌ର ଅନୁଭବ ମିଳିପାରିବ। ସେହିଭଳି ଭଏସ୍ ରିକଗନିସନ ସୁବିଧା ଏଥିରେ ରହିଛି। ଏହା ସହ ଅଟୋକରେକ୍ସନ ଏଥିରେ ହୋଇପାରିବ।

- ୬ ବର୍ଷ ପରେ ନୂଆ ୱିଣ୍ଡୋଜ
- ୱିଣ୍ଡୋଜ ୧୦ ୟୁଜର ମାଗଣାରେ କରିପାରିବେ ଇନଷ୍ଟାଲ
- ୪କେ ଟିଭିକୁ ପିସି ସହ କନେକ୍ଟ କରିହେବ
- ଇନଷ୍ଟାଲ ପାଇଁ ୪ଜିବି ର୍ୟାମ ଜରୁରୀ
- ୱିଣ୍ଡୋଜ ୧୦ ତୁଳନାରେ ୪୦% ଅଧିକ ସ୍ପିଡ୍

### ହାର୍ଡୱେର କନଫିଗୁରେଶନ

ୱିଣ୍ଡୋଜ ୧୧କୁ କମ୍ପ୍ୟୁଟରରେ ଇନ୍‌ଷ୍ଟଲ କରିବା ଲାଗି ସିଷ୍ଟମରେ ୧ ଗିଗାହର୍ଜ କ୍ଷମତା ରହିଥିବା ଆବଶ୍ୟକ। ୪ଜିବିର ର୍ୟାମ୍ କ୍ଷମତା ଏବଂ ଷ୍ଟୋରେଜରେ ୬୪ ଜିବିର କ୍ଷମତା ରହିବା ଆବଶ୍ୟକ। ସେହିଭଳି ସିଷ୍ଟମରେ ୫ଜି ସପୋର୍ଟ ରହିବା ମଧ୍ୟ ଆବଶ୍ୟକ।

### କେମିତି କରିବେ ଅପଡେଟ୍

ଆସନ୍ତା କିଛିଦିନର ଟେଷ୍ଟିଂ ପରେ ୱିଣ୍ଡୋଜ ୧୧ ଚଳିତ ବର୍ଷ ଶେଷ ସୁଦ୍ଧା ଉପଲବ୍ଧ ହେବ। ଏହାକୁ ଡାଉନଲୋଡ୍ କରିବା ଲାଗି ସିଷ୍ଟମର ସେଟିଂ-ଅପ୍‌ଡେଟ୍ ବା ସିକ୍ୟୁରିଟି-ୱିଣ୍ଡୋଜ ଅପ୍‌ଡେଟ୍ ଭଳି ପ୍ରକ୍ରିୟା ଦେଇ ଯିବାକୁ ହେବ। ଏହା ପରେ ଅପ୍‌ଡେଟ ଚେକ୍ କରନ୍ତୁ।

## ସଂକ୍ଷେପରେ

### ଏସ୍‌ବିଆଇ ଲାଇଫ୍‌ର ଡିଜିଟାଲ ସିନେମା

**ନୂଆଦିଲ୍ଲୀ,୨୫।୬:** ପରିବାର ଓ ସମାଜ ପ୍ରତି ବାପାମାନେ ନିର୍ବାହ କରୁଥିବା ବୃହତ୍ତର ଭୂମିକାକୁ ନଜରରେ ରଖି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ହୃଦୟସ୍ପର୍ଶୀ ଡିଜିଟାଲ ସିନେମା ରିଲିଜ୍ କରାଯାଇଛି। ମହାମାରୀ ସମୟରେ ନିଜର ଉଦୀୟମାନର ଦାୟିତ୍ୱ ପ୍ରତି ବାପାମାନଙ୍କ ଆବେଗିକ ଓ ସୁରକ୍ଷା ପାର୍ଶ୍ୱକୁ ଏଥିରେ ପ୍ରଦର୍ଶିତ କରାଯାଇଛି। ଡବ୍ଲ୍ୟୁଏଟି କନ୍‌ସଲ୍ଟ ପକ୍ଷରୁ ପ୍ରସ୍ତୁତ ଏହି ସିନେମାରେ ଜଣେ ବାପା ଓ ଜଣେ ଯୁବକଙ୍କ ଭିତରେ ଥିବା ସମ୍ପର୍କକୁ ଅତି ଚମତ୍କାର ଢଙ୍ଗରେ ପରିବେଷଣ କରାଯାଇଛି। ବାପାଙ୍କ ସହିତ କଥା ହେବା ବେଳେ ମହାମାରୀ ଆଣିଥିବା ଆହ୍ୱାନକୁ ମୁକାବିଲା କରିବାରେ ପିଲାଟି ନିଜର ସମସ୍ୟାକୁ ଲୁଚାଉଛି। କିନ୍ତୁ ବାପାଙ୍କ ଭାବକୁ ସମ୍ମାନ ଜଣାଉଛି। ବାପା ପିଲାଟିର ସମସ୍ୟା ବୁଝୁଛନ୍ତି ଏବଂ ସବୁ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଏହି ସମ୍ପର୍କରେ ଯେଉଁ ଉଷ୍ମତା ପ୍ରଦର୍ଶନ କରାଯାଇଛି ତାହା ବାପପୁଅର ସମ୍ପର୍କକୁ ପ୍ରଦର୍ଶିତ କରୁଛି। ମାତ୍ର ସିନେମାଟିର ଶେଷରେ ଜଣାପଡୁଛି ଯେ ବ୍ୟକ୍ତି ଜଣକ ପ୍ରକୃତରେ ପିଲାଟିର ଜନ୍ମଦାତା ବାପା ନୁହନ୍ତି।

### କ୍ଷୁଦ୍ର ବାଣିଜ୍ୟ ଲାଗି ମାଇକ୍ରୋସଫ୍ଟର ପଦକ୍ଷେପ

**ନୂଆଦିଲ୍ଲୀ,୨୫।୬:** ମାଇକ୍ରୋସଫ୍ଟ ଡାଇନାମିକ୍ସ ୩୬୫ ବିଜ୍‌ନେସ ସେଣ୍ଟ୍ରାଲ, ଏକ ବିସ୍ତୃତ ବ୍ୟବସାୟ ପରିଚାଳନା ସମାଧାନ ଭୁବନେଶ୍ୱରରେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ (ଏସ୍‌ଏମ୍‌ବିଏସ୍)କୁ ସେମାନଙ୍କର କାର୍ଯ୍ୟକ୍ଷମ ଏବଂ ବ୍ୟବସାୟିକ ଦକ୍ଷତା ବୃଦ୍ଧି କରିବାକୁ ସହାୟକ ହେବ। ଏହି କ୍ଲାଉଡ୍ ପ୍ଲାଟ୍‌ଫର୍ମଗୁଡିକୁ ଶୀଘ୍ର ରୂପାନ୍ତର କରିବାରେ ଏବଂ ଉନ୍ନତ ଫଳାଫଳ ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ବିକ୍ରୟ, ସେବା, ଅର୍ଥ ଏବଂ ଅପରେଶନ ଦଳକୁ ସଂଯୋଗକରି ବ୍ୟବସାୟର ନିରନ୍ତରତା ସୁନିଶ୍ଚିତ କରେ। ଭାରତ ପାଇଁ ଅନୁକୂଳ ହୋଇଥିବା ସମାଧାନଟି ଅନ୍ତର୍ନିହିତ ବୈଶିଷ୍ଟ୍ୟ ସହ ଆସିଥାଏ, ଯାହା ବ୍ୟବସାୟର ସହଜତା ପାଇଁ ସ୍ଥାନୀୟ ନିୟାମକ ଏବଂ ବଜାର ଆବଶ୍ୟକତାକୁ ସମ୍ବୋଧନ କରିଥାଏ। ଏଥିରେ ୫୦୦ରୁ ଅଧିକ ପୂର୍ବ-ବିନ୍ୟାସିତ ବ୍ୟବହାର ମାମଲା ଏବଂ ଦ୍ରବ୍ୟ ଏବଂ ସେବାକର(ଜିଏସ୍‌ଟି), ଉତ୍ସ(ଟିଡିଏସ୍)ରେ ଟେକ୍ସକାଟ ଏବଂ ଉତ୍ସ (ଟିସିଏସ୍)ରେ ଟ୍ୟାକ୍ସ ସଂଗ୍ରହ ଆଦି ବ୍ୟବସାୟ ଦୃଶ୍ୟ ରହିଛି।


# ବ୍ୟାଙ୍କିଙ୍ଗ ସୁବିଧା ଲୋକଙ୍କୁ ସଶକ୍ତ କରିଥାଏ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୬**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଓଡ଼ିଶାରେ ୧୬୦ତମ ଶାଖାକୁ ଶୁକ୍ରବାର ଭର୍ଚୁଆଲ ଭାବେ ଶୁଭାରମ୍ଭ କରିଛନ୍ତି। ଉକ୍ତ ଶାଖାଟି କେନ୍ଦୁଝର ଜିଲା ବଡ଼ପଶୀରେ ଅବସ୍ଥିତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟାଙ୍କର ୨୦ ବର୍ଷର ଯାତ୍ରାକୁ ନେଇ ଏକ କଫି ଟେବୁଲ ବୁକର ମଧ୍ୟ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ୟାଙ୍କିଙ୍ଗ୍ ସୁବିଧା ଲୋକଙ୍କୁ ସଶକ୍ତ କରିଥାଏ। ଗ୍ରାମୀଣ ବିକାଶ ସମେତ ଅନ୍ୟ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉଲ୍ଲେଖନୀୟ ଯୋଗଦାନ ରଖିଛି। ଶିକ୍ଷା କ୍ଷେତ୍ରରେ ବ୍ୟାଙ୍କ ଭଲ କାମ କରୁଛି। ରାଜ୍ୟବାସୀଙ୍କ ବିକାଶ ଦିଗରେ ଗତ ୨ ଦଶନ୍ଧି ଧରି ବ୍ୟାଙ୍କର ଉଦ୍ୟମ ଜାରି ରହିଛି। ଏହି ଧାରା ଆଗକୁ ଜାରି ରହିବ ବୋଲି ଆଶାବାଦୀ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ବ୍ୟାଙ୍କ ନ ଥିବା ସ୍ଥାନଗୁଡିକରେ ବ୍ୟାଙ୍କ ସେବା ଯୋଗାଣ ଦିଗରେ ଉଦ୍ୟମ ଜାରି ରହିବ ବୋଲି ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସନ୍ଦୀପ କୁମାର କହିଛନ୍ତି। ୨୦୦୧ରେ ବ୍ୟାଙ୍କ ରାଜ୍ୟରେ ପ୍ରଥମ ଶାଖା ଶୁଭାରମ୍ଭ କରିଥିଲା। ଅଦ୍ୟାବଧି ୧୬୦ ଶାଖା ଏବଂ ୩୧୭ ଏଟିଏମ୍ ଦ୍ୱାରା ଏହା ଗ୍ରାହକଙ୍କୁ ସେବା ଯୋଗାଉଛି। ଏହାର ୬୩% ଶାଖା ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ରହିଛି। ଏହି ଯାତ୍ରା ମଧ୍ୟରେ ଏଚ୍‌ଡିଏଫ୍‌ସି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୪ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛି। ନୂଆ ଶାଖା ଏବଂ ବ୍ୟାଙ୍କ କରେସ୍‌ପଣ୍ଡେଣ୍ଟଙ୍କ ଦ୍ୱାରା ମଧ୍ୟ ସେବା ଜାରି ରହିଛି। ପରିବର୍ତ୍ତନ କାର୍ଯ୍ୟକ୍ରମ ଦ୍ୱାରା ଏହା ଗ୍ରାମୀଣ ବିକାଶ, ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା, ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତି ଭଳି ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରୁଛି। ରାଜ୍ୟରେ ୧୦୦ ସ୍ମାର୍ଟ କ୍ଲାସ୍‌ରୁମ୍ ଏବଂ ୭ ସ୍କୁଲର ବିକାଶ ଲାଗି ପଦକ୍ଷେପ ନେବାକୁ ବ୍ୟାଙ୍କ ଯୋଜନା ରଖିଛି।

**ଏଚ୍‌ଡିଏଫ୍‌ସିର ୧୬୦ତମ ଶାଖା ଶୁଭାରମ୍ଭ**




ନବୀନ ପଟ୍ଟନାୟକ

# ଏଏସ୍‌ବିଏମ୍‌ରେ ସ୍ୱଳ୍ପକାଳୀନ ଆଭାସୀ ପାଠ୍ୟକ୍ରମ

**ଭୁବନେଶ୍ୱର,୨୫।୬**

ଏଏସ୍‌ବିଏମ୍ ଆନୁକୂଲ୍ୟରେ ଉଚ୍ଚତର ଗବେଷଣା 'କ୍ରିୟାବିଧି ବିଜ୍ଞାନ' ଶୀର୍ଷକ ଏକ ସ୍ୱଳ୍ପକାଳୀନ ଆଭାସୀ ପାଠ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ପ୍ରବନ୍ଧ ସଂସ୍ଥାନ ରାଞ୍ଚିର ନିର୍ଦ୍ଦେଶକ ପ୍ରଫେସର ଡ. ଶୈଳେନ୍ଦ୍ର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସେହିଭଳି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ. ମନୋହର ସିଙ୍ଗଲା ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ଏହି ଶିକ୍ଷାଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଉଚ୍ଚତର ଗବେଷଣା କ୍ଷେତ୍ରରେ ବିଜ୍ଞାନ, ସାମାଜିକ ମୂଲ୍ୟବୋଧ ଓ ନୈତିକ ବିଚାରଧାରା ଆଦିକୁ ସମାନ୍ତରାଳ ଭାବେ ବିଚାରକୁ ନେଇ ଗବେଷଣାର ଦିଗ ବିସ୍ତାର ନିମନ୍ତେ ଯୁବ ଗବେଷକମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ପ୍ରାରମ୍ଭରେ କୁଳପତି ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଫେସର ଡ. ବରଦା ପ୍ରସନ୍ନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୁଳସଚିବ ପ୍ରଫେସର ଡ. ମନ୍ମଥ ନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଳ ଟିକେଟ ବୁକିଂ: ପାନ୍, ଆଧାର ଲୋଡ଼ା ପଡ଼ିବ

**ନୂଆଦିଲ୍ଲୀ,୨୫।୬**

ରେଳ ଟିକେଟ ବୁକିଂରେ ଦଲାଲଙ୍କ ପ୍ରାଦୁର୍ଭାବକୁ କମ୍ କରାଇବା ଲାଗି ଭାରତୀୟ ରେଳପଥ ପକ୍ଷରୁ ଏକ ନୂଆ ଯୋଜନା ହାତକୁ ନିଆଯାଉଛି। ଯାତ୍ରୀଙ୍କର ଲଗ୍‌ଇନ୍ ସୂଚନା ସହ ଆଧାର, ପାନ୍ ଏବଂ ପାସ୍‌ପୋର୍ଟ ଲିଙ୍କ୍ ଆଗାମୀ ଦିନରେ କରାଇବାକୁ ପଡ଼ିବ। ଏହି ଯୋଜନାକୁ ଚୂଡ଼ାନ୍ତ ରୂପ ଦେବାକୁ ରେଲୱେ ବର୍ତ୍ତମାନ କାର୍ଯ୍ୟକ୍ରମ ଜାରି ରଖିଥିବା ରେଲୱେ ପ୍ରୋଟେକ୍ସନ ଫୋର୍ସ(ଆର୍‌ପିଏଫ୍) ମହାମନିର୍ଦ୍ଦେଶକ ଅରୁଣ କୁମାର ଶୁକ୍ରବାର ସୂଚନା ଦେଇଛନ୍ତି। ଆଇଆର୍‌ସିଟିସି ୱେବ୍‌ସାଇଟରୁ ଟିକେଟ ବୁକିଂ ବେଳେ ଏହି ପ୍ରମାଣପତ୍ର ଲଗ୍‌ଇନ ବେଳେ ଲିଙ୍କ୍ କରାଇବାକୁ ପଡିବ। ଆଗାମୀ ଦିନରେ ଏହା କାର୍ଯ୍ୟକାରୀ ହେବାକୁ ଥିବା ବେଳେ ପ୍ରଥମେ ଏଥିଲାଗି ନେଟ୍‌ୱର୍କ ପ୍ରସ୍ତୁତି କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଆଧାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଅନ୍ୟ ଅଂଶୀଦାରଙ୍କ ସହ ମଧ୍ୟ ରେଲୱେ ଏ ନେଇ ବିସ୍ତୃତ ଆଲୋଚନା କରିବ। ସବୁ କିଛି ଠିକ୍ ହେବା ପରେ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ବେଆଇନ ସଫ୍ଟୱେର ଦ୍ୱାରା ରେଳ ଟିକେଟ ବୁକିଂରେ ଦଲାଲମାନେ ସକ୍ରିୟ ହେବା ଜଣାପଡିବା ପରେ ୨୦୧୯ ଅକ୍ଟୋବର, ନଭେମ୍ବରରୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

# ୟୁନିୟନ ବ୍ୟାଙ୍କ ଏନ୍‌ଏସ୍‌ଆଇସି ଚୁକ୍ତି

**ମୁମ୍ବାଇ,୨୫।୬**

ୟୁନିୟନ ବ୍ୟାଙ୍କ ଏବଂ ନ୍ୟାଶନାଲ ସ୍ମଲ୍ ଇଣ୍ଡଷ୍ଟ୍ରିଜ କର୍ପୋରେଶନ (ଏନ୍‌ଏସ୍‌ଆଇସି) ଚୁକ୍ତିରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ଏଜିଏମ୍ ପି.କେ.ଦାସ ଏବଂ ଏନ୍‌ଏସ୍‌ଆଇସି ସିଜିଏମ୍ ପି.ଆର୍. କୁମାର ଉପସ୍ଥିତ ଥିଲେ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଋଣ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ହାତକୁ ନିଆଯାଇଛି।

## ଫୁରସତ୍

# ମହାମାରୀରେ ବଢ଼ିଛି ଡ୍ରଗ୍ସ ସେବନ

**ଡ୍ରଗ୍ସ ହେଉଛି ନୀରବ ବିଷ। ଥରେ ଏହାର କବଳିତ ହେବା ପରେ ଏଥିରୁ ମୁକୁଳିବା କାଠିକର ପାଠ। ତଥାପି କୁସଙ୍ଗରେ ପଡ଼ି ଯୁବପିଢ଼ି ଏଭଳି ଘାତକ ନିଶା ସେବନ କରୁଛନ୍ତି। ଏହାଦ୍ୱାରା ସେମାନେ କେବଳ ଅର୍ଥନୈତିକ ଅଧଃପତନକୁ ଆମନ୍ତ୍ରଣ କରୁନାହାନ୍ତି, ଅଧିକନ୍ତୁ ଜୀବନକୁ ବିପଦରେ ମଧ୍ୟ ପକାଉଛନ୍ତି। ଡ୍ରଗ୍ସ ସେବନର ଭୟାବହତାକୁ ଜାଣିବା, ଏଭଳି ମାଦକଦ୍ରବ୍ୟଠାରୁ ଦୂରେଇ ରହିବା, ଏହାର ବେଆଇନ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୨୬ରେ ଅନ୍ତର୍ଜାତୀୟସ୍ତରରେ ପାଳିତ ହୋଇଥାଏ 'ଡ୍ରଗ୍ସ ଦୁରୁପଯୋଗ ଏବଂ ଚାଲାଣ ନିରୋଧୀ ଦିବସ'।**

ମହାମାରୀ ସମୟରେ ଗୃହବନ୍ଦୀ ଜୀବନ ମଣିଷଙ୍କୁ ଭାରାକ୍ରାନ୍ତ କରିଛି। କରୋନା ପାଇଁ ପ୍ରଭାବିତ ହୋଇଛି ରୋଜଗାର ପନ୍ଥା। ପାରିବାରିକ ଜୀବନରେ ଅଶାନ୍ତି ବଢ଼ିଛି। ଜୀବନ, ଜୀବିକା ଦୌଡ଼ରେ ଅଣନିଃଶ୍ୱାସୀ ହୋଇପଡ଼ିଥିବା ମଣିଷ ନିଶା ସହିତ ବନ୍ଧୁ ବାନ୍ଧିଛି। ଫଳରେ କୋଭିଡ୍-୧୯ ମହାମାରୀ ସମୟରେ ସାରା ପୃଥିବୀରେ ନିଶାସେବନ ଆଶାତୀତ ଭାବେ ବୃଦ୍ଧିପାଇଛି। ଡ୍ରଗ୍ସ, ଭାଙ୍ଗ, ନିଶାଯୁକ୍ତ ଔଷଧ ଭଳି ମାଦକଦ୍ରବ୍ୟର ସେବନ, ଅବାଧ କାରବାର ବୃଦ୍ଧି ପାଇଛି। ବିଶେଷ କରି ଯୁବବର୍ଗ ଏବଂ କମ୍ ବୟସର ପିଲାମାନେ ନିଶା କବଳିତ ହେବା ସବୁଠାରୁ ଚିନ୍ତାଜନକ ବିଷୟ ପାଲଟିଛି।

ପୃଥିବୀରେ ମାଦକଦ୍ରବ୍ୟ ସେବନ ଏବଂ ଏହାର ଚୋରା କାରବାରର ଇତିହାସ ବେଶ୍ ଲମ୍ବା। ଏହାକୁ ରୋକିବା ଲାଗି ୧୯୮୭ରେ ମିଳିତ ଜାତିସଂଘର ସାଧାରଣ ସଭାରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଥିଲା। ପ୍ରତିବର୍ଷ ଜୁନ୍ ୨୬କୁ ମାଦକଦ୍ରବ୍ୟ ସେବନ ଏବଂ ଚୋରାଚାଲାଣ ନିରୋଧୀ ଦିବସ ଭାବେ ପାଳନ କରିବା ଲାଗି ସର୍ବସମ୍ମତିକ୍ରମେ ସବୁଜ ସଙ୍କେତ ମିଳିଥିଲା। ଏହା ଚାଇନା ଇତିହାସରେ ମଧ୍ୟ ଏକ ସ୍ୱର୍ଣ୍ଣିମ ଦିନ। ଅଷ୍ଟାଦଶ ଶତାବ୍ଦୀରେ ଚାଇନା ମାଟିରୁ ଅଫିମ ବ୍ୟବସାୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଲାଗି ଚାଇନିଜ୍ ରାଷ୍ଟ୍ରନାୟକ ଲିନ୍ ଜେକ୍ସୁ ପ୍ରୟାସ କରିଥିଲେ। ଏଥିରେ ତାଙ୍କୁ ଅନେକାଂଶରେ ସଫଳତା ମଧ୍ୟ ମିଳିଥିଲା। ନିଶା ନିବାରଣ ଲାଗି ଲିନ୍‌ଙ୍କ ନିଷ୍ଠାପର ଉଦ୍ୟମକୁ ଅଧିକ ସ୍ମରଣୀୟ କରିବା ଲାଗି ଏହି ଦିବସକୁ ପ୍ରତୀକାତ୍ମକ ଭାବେ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି।

ଡ୍ରଗ୍ସ ନିରୋଧୀ ଦିବସ ପାଳନର ପ୍ରମୁଖ ଉଦ୍ଦେଶ୍ୟ ହେଲା ଏଭଳି ମାରାତ୍ମକ ନିଶା ବିଷୟରେ ସମାଜକୁ ଅବଗତ କରାଇବା। ଯୁବପିଢ଼ିଙ୍କୁ ମାଦକଦ୍ରବ୍ୟ କବଳରୁ ଦୂରେଇ ରଖିବା ସହିତ ଏକ ନିଶାମୁକ୍ତ ସମାଜ ଗଠନ କରିବା। ଏହି ଦିବସ ପାଳନ ଉପଲକ୍ଷେ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ, ସଚେତନତାଧର୍ମୀ ନାଟକ, ଶୋଭାଯାତ୍ରା ଆୟୋଜନ କରାଯାଇଥାଏ। ସେହିପରି ମିଳିତ ଜାତିସଂଘର ନିଶା ଓ ଅପରାଧ ନିରାକରଣ କାର୍ଯ୍ୟାଳୟ (ୟୁଏନ୍‌ଓଡିସି) ନିଶା ଉଦ୍ୟୋଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଏହାର ବେଆଇନ କାରବାର ଉପରେ ଯଥାସମ୍ଭବ ଅଙ୍କୁଶ ଲଗାଇବାକୁ ପରାମର୍ଶ ଦେଇଥାଏ। ତେବେ ଚଳିତବର୍ଷ ବିଭିନ୍ନ ଦେଶରେ କୋଭିଡ୍ କଟକଣା ଲାଗୁ କରାଯାଇଥିବାରୁ ଭର୍ଚୁଆଲ ମୋଡ୍‌ରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସୋସିଆଲ ମିଡିଆରେ ହ୍ୟାସ୍ ଟ୍ୟାଗ୍ କ୍ୟାମ୍ପେନିଂ ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଛି।




### ଚଳିତବର୍ଷର ଥିମ୍: 'ଶେୟାର ଫ୍ୟାକ୍ଟ ଅନ୍ ଡ୍ରଗ୍ସ, ସେଭ୍ ଲାଇଭ୍‌ସ'

ଚଳିତବର୍ଷ ପାଳନ ହେଉଥିବା ଡ୍ରଗ୍ସ ଦୁରୁପଯୋଗ ଏବଂ ଚାଲାଣ ନିରୋଧୀ ଦିବସର ଥିମ୍ ରହିଛି 'ଶେୟାର ଫ୍ୟାକ୍ଟ ଅନ୍ ଡ୍ରଗ୍ସ, ସେଭ୍ ଲାଇଭ୍‌ସ'। ଏହାର ଅର୍ଥ ଡ୍ରଗ୍ସର ବାସ୍ତବତା ଜାଣିବା ଏବଂ ଜୀବନ ବଞ୍ଚାଇବା। ଏହି ଅଭିଯାନରେ ଅଧିକରୁ ଅଧିକ ସାମିଲ ହୋଇ ଦିବସକୁ ସଫଳ କରିବାକୁ ନିବେଦନ କରାଯାଇଛି।

# ସଂଘର୍ଷ ପରେ ବି ସଫଳତା ମିଳି ନାହିଁ



ଆଫତାବ ଶିବଦାସାନି

**ମୁମ୍ବାଇ:** ଫିଲ୍ମ ଇଣ୍ଡଷ୍ଟ୍ରିରେ ଉତ୍ଥାନ-ପତନ ସାଧାରଣ କଥା। ବେଳେବେଳେ କଳାକାର ଥରକରେ ସଫଳତାର ଶୀର୍ଷ ଛୁଇଁଥାନ୍ତି ତ କେତେବେଳେ କାମ ପାଆନ୍ତି ନାହିଁ। ଆଫତାବ ଶିବଦାସାନି ସେହି କଳାକାରଙ୍କ ମଧ୍ୟରୁ ଜଣେ। ବଲିଉଡ୍ ଅଭିନେତା ଆଫତାବ ୪୩ ବର୍ଷରେ ପଦାର୍ପଣ କରିଛନ୍ତି। ସେ ପିଲାଦିନରୁ କ୍ରମାଗତ ଭାବରେ ଫିଲ୍ମରେ କାମ କରୁଛନ୍ତି, କିନ୍ତୁ ସଫଳତା ହାସଲ କରି ପାରି ନାହାନ୍ତି। ଫିଲ୍ମ 'ମଷ୍ଟ'ରେ ମୁଖ୍ୟ ଭୂମିକାରେ ସେ ବଲିଉଡରେ ଡେବ୍ୟୁ କରିଥିଲେ। ପରେ ସେ ଅନେକ ଫିଲ୍ମ କରିଥିଲେ। ଯେତେବେଳେ ତାଙ୍କ ଫିଲ୍ମ ଗୋଟିଏ ପରେ ଗୋଟିଏ ଫ୍ଲପ ହେବା ଆରମ୍ଭ କଲା, ସେତେବେଳେ ସେ କମେଡି ଫିଲ୍ମର ସାହାରା ନେଲେ। ଯଦିଓ ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ବିଶେଷ ନଥିଲା, କିନ୍ତୁ ପ୍ରଡକ୍ସନ ହାଉସ ଏବଂ ଅନ୍ୟାନ୍ୟ ଇଭେଣ୍ଟ ମାଧ୍ୟମରେ ସେ ବହୁତ ରୋଜଗାର କରନ୍ତି। ମୁମ୍ବାଇରେ ତାଙ୍କର ନିଜର ବିଳାସପୂର୍ଣ୍ଣ ଏବଂ ସୁସଜ୍ଜିତ ଆପାର୍ଟମେଣ୍ଟ ଅଛି । ଏହା ବ୍ୟତୀତ ସେ ଗାଡିକୁ ବହୁତ ଭଲ ପାଆନ୍ତି। ସେ ବର୍ତ୍ତମାନ ମଧ୍ୟ ବଲିଉଡରେ ସକ୍ରିୟ ଅଛନ୍ତି, କିନ୍ତୁ ତାଙ୍କୁ କୌଣସି ବଡ ଫିଲ୍ମ ମିଳୁନାହିଁ।

## ମନେ ପଡ଼ନ୍ତି

**୪ର୍ଥ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ଂମନୋରମା ମିଶ୍ର (ମଣି)
ଏ.ଏଲ.୭୩, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆଜି ଆଷାଢ଼ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ତୁମର ୪ର୍ଥ ଶ୍ରାଦ୍ଧ ବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ ପରିବାରବର୍ଗ :-
ଧ-୨୦୯୩୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁମନ୍ତ କୁମାର ଲେଙ୍କା (ବୁଲୁ)
ଆବିର୍ଭାବ: ୧୮।୦୬।୧୯୭୯
ତିରୋଧାନ: ୧୬।୦୬।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସମସ୍ତ ସଭ୍ୟ, ଜୟଦେବ ଠିକାଦାର ସଂଘ ବାଲିଅନ୍ତା, ବାଲିପାଟଣା ।
ଧ-୭୧୨୦୧

**ଜନ୍ମଦିନ ଶୁଭେଚ୍ଛା**




ରାକେଶ କୁମାର ସାହୁ (ବାବୁ)
ଯାଜପୁର
ଆଜି ତୋର ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ନିରୋଗ ଦୀର୍ଘ ଜୀବନ କାମନା କରୁଛୁ ।
-:ଶୁଭେଚ୍ଛା ସହ:-
ବାପା, ବୋଉ, କକା, ଖୁଡୀ, କିରନ୍ ଦିଦି, ବିକି, ଶିବୁ, ମିତାଲୀ ।
ଧ-୨୦୯୪୮

**ଜନ୍ମଦିନ ଶୁଭେଚ୍ଛା**




ସତ୍ୟଜିତ୍ ଖମାରୀ (ଓମ୍)
ବୁଗବୁଗା (ବରଗଡ଼)
ତୋର ଚଲାପଥ କୁସୁମିତ ହେଉ। ଆଜି ଚତୁର୍ଥ ଜନ୍ମବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।
:ଶୁଭେଚ୍ଛା ସହ:
ଅଭିଳାଷା, ଅଭିଜିତ୍, ଅଭିଲିପ୍‌ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍‌ସା ।
ଧ-୨୦୯୪୫

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BARAK VALLEY CEMENTS LIMITED**
One of largest Cement Industry in North East Region located at Badarpurghat,Karimganj, Assam,
**Requires**
12 / 14 / 16 Wheeler Dumpers Vehicles on Contract basis for Transportation of Limestone 1500 MT/ per day.
Interested parties may contact:
Arindom Dutta Ph: 09312278454

**»»ଚମତ୍କାରକୁ ନମସ୍କାର««**
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ



ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କବିତା



### ବର୍ଷା

ଗ୍ରୀଷ୍ମଋତୁ ପରେ ବରଷା ଆସେ,
କାଳିଆ ବଉଦ ଆକାଶେ ଭାସେ।
ପରବତ ଶିଖେ ମୟୂର ନାଚେ,
ତାଳ, ଜାମୁକୋଳି ଗଛରେ ପାଚେ।
ସାଗୁଗଛ ମୂଳେ ବେଙ୍ଗୁଲୀ ରାଣୀ,
ଡାକ ଶୁଣି ମେଘ ଝରାଏ ପାଣି।
ସବୁଜ ଘାସରେ ସାଧବ ବୋହୂ,
ନାଲି ପାଟ ପିନ୍ଧି କୁଆଡ଼େ ଯାଉ।
କୃଷକ ଭାଇର ଖୁସି ଲହରି,
ଶୁଷ୍କ କ୍ଷେତେ ଖେଳେ ସବୁଜ ଶିରୀ।
ନଈ ବଢ଼ି ପାଣି ଗାଁରେ ପଶେ,
ଘରଦ୍ୱାର ସବୁ ପାଣିରେ ଭାସେ।
ଆଷାଢ଼ ମାସରେ ଗୁଣ୍ଡିଚା ଯାତ,
ରଥରେ ବିଜୟ ଶ୍ରୀଜଗନ୍ନାଥ।
ବରଷା ଋତୁଟି ଜଗତ ମିତ,
ଜଳଦାନେ ତୋଷେ ସବୁରି ଚିତ୍ତ।

– ମାଧବୀଲତା ଦେଈ
ଶ୍ରୀମୁଖ, ନିମାପଡ଼ା, ପୁରୀ

### ଶହୀଦ ରଘୁ ଦିବାକର

ରଣପୁରଗଡ଼ ଗର୍ବ କରେ ଆଜି
ରଘୁ ଦିବାକର ପାଇଁ
ଇଂରେଜ ବିରୁଦ୍ଧେ ଲଢ଼ିଥିଲେ ବୀର
ଶେଷ ରକ୍ତ ବିନ୍ଦୁ ଦେଇ।
ଭାରତ ମାତାର ସନ୍ତାନ ହୋଇ
ରଖିଲେ ତା'ର ସମ୍ମାନ
ତଡ଼ିଦେଲେ ଶେଷେ ବିଦେଶୀ ଜାତିକୁ
ଦେଇ ପ୍ରାଣ ବଳିଦାନ।
ଇତିହାସ ପୃଷ୍ଠା ସାଇତି ରଖିଛି
ରଘୁ ଦିବାକର ସ୍ମୃତି
ସ୍ୱେଚ୍ଛାଚାରୀ ହିଂସ୍ର ଇଂରେଜଙ୍କୁ ତଡି
ରଚିଲେ ଅକ୍ଷୟ କୀର୍ତ୍ତି।

–ବିଜୟଲକ୍ଷ୍ମୀ ରଥ
ଶିକ୍ଷୟିତ୍ରୀ, ଗୋପାଳପୁର ପଞ୍ଚାୟତ
ନୋଡାଲ ହାଇସ୍କୁଲ, ଗୋପାଳପୁର

### ଆଦ୍ୟ ଆଷାଢ଼

ଆଦ୍ୟ ଆଷାଢ଼ର କୁଆଁରୀ କନ୍ୟା ଗୋ
ରୂପ ତୁମ ଝଲ ମଲ,
ଟିକି ମିକ ଆଲୁଏ ଝଲସାଇ ଦିଅ
ସତେ ଅବା ମଖ ମଲ।
ଦେହ ମନ ସବୁ ପୁଲକିତ କର
ସବୁଜେ ଧରଣୀ ହସେ,
ନିଦାଘରୁ ମୁକ୍ତ ପାଇ ଏ ପୃଥିବୀ
ତୁମ ବାଟ ଚାହିଁ ବସେ।
ମୟୂର ଆଖିରେ ପ୍ରକୃତ ପ୍ରେମର
ରଙ୍ଗ ଦେଇ ଥାଅ ମାଖି,
ତୁମେ ଆସିଗଲେ ସମ୍ଭାଳି ପାରେନି
ନାଚେ ସେ ତୁମକୁ ଦେଖି।
ପୃଥିବୀ ମୁଣ୍ଡରେ ଛତୁର ମୁକୁଟ
କେଡ଼େ ଶୋଭନୀୟ ଦିଶେ,
ପୁର ପଲ୍ଲୀ ବାସେ ଫୁଲର ସମ୍ଭାରେ
ସାଧବ ବୋହୂଟି ହସେ।

–ଝରଣା ବାରିକ
ସମଲ, ତାଳଚେର, ଅନୁଗୋଳ

### ଗଛ ଲଗାଇବା ଆସ

ଗଛଟିଏ ଦିଏ ଫୁଲ ଫଳ କେତେ
ନିଇତି ଆମକୁ ଭାଇ,
ନିଜ ଶକତିରୁ ସୃଷ୍ଟ ଯେତେ ଦ୍ରବ୍ୟ
ଦିଏ ଆମ ଖୁସି ପାଇଁ।
ଅଙ୍ଗାରକାମ୍ଳର ବିଷ ଗୁଣ ହରି
ଦିଏ ଶୁଦ୍ଧ ଅମ୍ଳଜାନ,
ଆସବାବ ପରି ଦରକାରୀ ଚିଜ
ସବୁ ପରା ତା'ର ଦାନ।
ତାହାର ପ୍ରତ୍ୟେକ ଅଙ୍ଗରୁ ଔଷଧ
ଆମ ରୋଗ ହରି ନିଏ,
ବରଷା ହେଉଛି ତା' ପାଇଁ ଧରାରେ
ତାପ ନିୟନ୍ତ୍ରକ ସିଏ।
କେତେ ଯେ ସୁନ୍ଦର ଧରଣୀ ଆମର
ତାହାରି ପାଇଁ କି ଦିଶେ,
ଏ ଜୀବ ଜଗତ ତିଷ୍ଠି ରହିଅଛି
ଗଛ ଯୋଗୁ ଧରା ହସେ।
ସବୁଜ ସୁନ୍ଦର କରିଦେବା ଆମେ
ଗଛ ଲଗାଇବା ଆସ,
ଗଛେ ପରିପୂର୍ଣ୍ଣ ହୋଇଯାଉ ଧରା
ଚହଟୁ ହସର ବାସ।

–ଲକ୍ଷ୍ମୀଧର ନାୟକ
ବାଉଁଶିଆପଡା, ନୟାଗଡ଼

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ସବୁଠୁ ବଡ଼ ରୁବିକ୍ କ୍ୟୁବ୍




ପିଲାମାନେ ତୁମେ ତ ସମସ୍ତେ ରୁବିକ୍ କ୍ୟୁବ ଦେଖିଥିବ ନିଶ୍ଚୟ। ଏହି ରୁବିକ୍ କ୍ୟୁବକୁ ଖେଳିବା ପାଇଁ ସମସ୍ତଙ୍କୁ ମଜା ଲାଗିଥାଏ। କିନ୍ତୁ ତୁମେମାନେ ଜାଣି ନ ଥିବ କି ଏମିତି ଏକ ରୁବିକ୍ କ୍ୟୁବ ଅଧି ଯାହାକୁ ଖେଳିବା ଏତେ ସହଜ ନୁହେଁ। କାହିଁକିନା ଏହା ଏତେ ବଡ ଯେ ଏହାକୁ ସମ୍ପୂର୍ଣ୍ଣ ଛୁଇଁବାକୁ ବି ସମସ୍ତଙ୍କ ହାତ ପାଇବ ନାହିଁ। ହଁ ଏଭଳି ଏକ ରୁବିକ୍ କ୍ୟୁବ୍ ଏବେ ରହିଛି ଚାଇନାର ହଂକଂରେ ଥିବା ନିନା ମଲ୍‌ରେ। ଏହି ରୁବିକ୍ କ୍ୟୁବର ଗୋଟେ ଗୋଟେ ଖଣ୍ଡକୁ ବହୁଜଣ ଏକାଠି ହୋଇ ମିଶି ଖଞ୍ଜିଛନ୍ତି। ଏବେ ଏହା ବିଶ୍ୱର ସବୁଠୁ ବଡ଼ ରୁବିକ୍ କ୍ୟୁବରମ ।ନ୍ୟତା ବି ପାଇଛି। ସେଥିପାଇଁ ଏହାକୁ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ମିଳିଛି। ରେକର୍ଡ କରିଥିବା ଏହି ରୁବିକ୍ କ୍ୟୁବକୁ ଦେଖିବା ପାଇଁ ଏବେ ସମସ୍ତଙ୍କର ଆକର୍ଷଣ ବଢିଯାଇଛି।

## ଆଇନା




## ଗପ: ଦେଇଥିଲେ ପାଇ

ଦାଣ୍ଡ ପିଣ୍ଡାରେ ପଡ଼ିଶା ଘର ରୂପା ମାଉସୀ ଡାକଦେଲେ ମିନୁବୋଉ... ଓ ମିନୁବୋଉ, ଟିକେ ଶୁଣିଗଲ। ମିନୁ ଦୌଡ଼ି ଯାଇଁ ଗେଟ ଫିଟାଇଲେ। ଆରେ ମିନୁ ତୋ ବୋଉ କ'ଣ କରୁଛନ୍ତି ମାଉସୀ ପ୍ରଶ୍ନ କଲେ। ମିନୁ କହିଲା ବୋଉ ଆମର ପୂଜା କରୁଛନ୍ତି। ହଉ ତା'ହେଲେ ଦେଖିଲୁ ଟିକେ ତମ ଘରେ ପୁରୁଣା କାଗଜ ପେଟିଥିବ, ଆମର ଆଣିଥିଲି, ଦୁଇଟି ପେଟି ଏଇ ସାମ୍ନାରେ ଥୁଆ ହୋଇଛି। ମତେ ପଚାରି ଥିଲେ ମୁଁ ତ ଦେଇଥାନ୍ତି। ପେଟି ଖାଲି ପଡ଼ିଛି ଅଥଚ ତୁ ତାଙ୍କୁ ମନା କରିଦେଲୁ। ବାପା ବୁଝେଇଲେ ଆରେ ଜିନିଷଟି ଯଦି କାହାରି କିଛି କାମରେ ନ ଲାଗିଲା ତେବେ ସେ ଜିନିଷର କି ବା ମୂଲ୍ୟ। ଅଦରକାରୀ ହୋଇ ଘରେ ପଡ଼ିବା ଅପେକ୍ଷା କାହାରି କାମରେ ଲାଗିଲେ କେଡ଼େ କଥା। ବାପାଙ୍କ କଥାକୁ ମିନୁ ଖୁବ୍ ଭଲ ଭାବରେ ବୁଝିପାରିଲା। ନିଜ ଭୁଲ ପାଇଁ ବାପାଙ୍କ ପାଖରେ କ୍ଷମା ପ୍ରାର୍ଥନା କଲା।



ଗୋଟେ ଦରକାର। ମିନୁ ଘର ଭିତରୁ ବୁଲି ଆସି କହିଲା ନାହିଁ ମାଉସୀ ଆମର କିଛି ବି ପେଟି ନାହିଁ। ହଉ ତେବେ ଠିକ୍ ଅଛି କହି ମାଉସୀ ଫେରିଗଲେ। ଘର ଭିତରକୁ ଯାଉ ଯାଉ ବାପା ପ୍ରଶ୍ନ କଲେ ଆରେ ମିନୁ ରୂପା ମାଉସୀ କ'ଣ କହୁଥିଲେ। ମିନୁ କହିଲା ସେ ପୁରୁଣା କାଗଜ ପେଟି ପାଇଁ ଆସିଥିଲେ। ବାପା କହିଲେ, ତୁ କ'ଣ ତାଙ୍କୁ ମନା କରିଦେଲୁ। ମିନୁ ଟିକେ ନରମି ଯାଇ କହିଲା, ହଁ ବାପା, ମୁଁ ମନା କରିଦେଲି। ବାପା ନାଲି ଆଖି ଦେଖାଇ କହିଲେ, ଆରେ ମୁଁ ପରା କାଲି ସଉଦା

ତହିଁ ଆର ଦିନ ମିନୁ ସାଇକେଲ କାଢ଼ିଲା ଦାଣ୍ଡରେ ଚଲେଇବା ପାଇଁ। ସାଇକେଲ ଚେନ ଖସି ଯାଇଥାଏ ବୋଧେ, ସେଥିପାଇଁ ଗଡ଼ିଲା ନାହିଁ। ବାପା ବାପା ଡାକ ଦେଇ ମିନୁ କହିଲା ଦେଖିଲ ମୋ ସାଇକେଲ କାହିଁକି ଗଡୁନି। ବାପା ସଙ୍ଗେ ସଙ୍ଗେ ଯନ୍ତ୍ରପାତି ବାକ୍ସଟା ଧରି ଦାଣ୍ଡକୁ ଆସିଲେ। ଦେଖା ଦେଖି କରି କହିଲେ ଚେନ ଖସିଛି ଆଉ ଚେନ କଭରଟା ଟିକେ ଚେପା ହୋଇଛି। ବାପା ଏଥର ଲାଗି ପଡିଲେ କାମରେ। ଯନ୍ତ୍ରପାତି ବାକ୍ସଟା ଖୋଲୁ ଖୋଲୁ ଦେଖିଲେ ପେଚକସ ରେଞ୍ଚ, ହାତୁଡ଼ିରେ ଜଙ୍ଗ ଲାଗିଛି। ବାପା କହିଲେ, ଦେଖିଲୁ ତ ମିନୁ ଏ ବର୍ଷା ପାଗରେ କେମିତି ଲୁହା ଜିନିଷରେ ଜଙ୍ଗ ଧରିଲାଣି। ଆମେ ଯଦି ଜିନିଷକୁ ସଠିକ ଉପଯୋଗ ନ କରିବା ଆଉ ଯତ୍ନ ନ ନେବା ଏମିତି ହିଁ ହେବ। ମିନୁ ଚୁପ ହୋଇ ବାପାଙ୍କ କଥା ଶୁଣୁ ଥାଏ। ମାତ୍ର କିଛି ମିନିଟରେ ବାପା ତା' ସାଇକେଲ ଠିକ୍ କରିଦେଲେ। ସବୁ ସରିବା ପରେ ବାପା ଦେଖିଲେ ଦୁଇ ପଟ ଚକରେ ପମ୍ପ କମିଛି। ସଙ୍ଗେ ସଙ୍ଗେ କହିଲେ, ଗଲୁ ରୂପା ମାଉସୀଙ୍କ ଘରୁ ଟିକେ ପମ୍ପଟା ମାଗି ଆଣିବୁ। ମିନୁ ରୂପା ମାଉସୀଙ୍କ ଘରକୁ ଦୌଡ଼ିଲା। ମନ ଦୁଃଖରେ ଫେରିଆସି କହିଲା, ବାପା ମାଉସୀ କହିଲେ, ତାଙ୍କ ପମ୍ପଟା ଖରାପ ଅଛି ତେଣୁ ମନା କଲେ। ବାପା କହିଲେ, ଦେଖିଲୁ ତ ସେଦିନ ତୁ ସାମାନ୍ୟ କାଗଜ ପେଟି ଦେଲୁନି ବୋଲି ଆଜି ସେ ଆମକୁ ପମ୍ପ ଦେବାକୁ ମନା କରିଦେଲେ। ତୁ ଯଦି ସେଦିନ ତାଙ୍କୁ କାଗଜ ପୋଟି ଦେଇଥାନ୍ତୁ ଆଜି ସେ ନିଶ୍ଚୟ ଆମକୁ ତାଙ୍କ ପମ୍ପ ଦେଇଥାନ୍ତେ। ପଡ଼ିଶା ଘର ପରା ଆମର ସବୁ ସମୟର ସାଥୀ। ପରସ୍ପରକୁ ସାହାଯ୍ୟ ସହଯୋଗ କରିବା ଆମର ପ୍ରଥମ ଦାୟିତ୍ୱ ଓ କର୍ତ୍ତବ୍ୟ। ଏଣୁ କଥାରେ ଅଛି ପରା ଦେଇଥିଲେ ପାଇ। ମିନୁ ସେଦିନ କଥା ମନେପକାଇ ନିଜ ଭୁଲ୍ ପାଇଁ ଅନୁତାପ କଲା। ବାପା କହିଲେ, ହଉ ତୁ ଏବେ ଚିନ୍ତା କରନି ସାଇକେଲ ନେଇ ଚଲା ମୁଁ ବଜାରରେ ପମ୍ପ ଦେଇ ଆସିବି। ମିନୁ ଏଥର ଖୁସି ମନରେ ସାଇକେଲ ଧରି ଦାଣ୍ଡକୁ ଧାଇଁଲା।

–ଦେବେନ୍ଦ୍ର କର
ମଙ୍ଗଳାବାଗ, କଟକ,
ମୋ–୯୯୩୭୯୬୩୯୧୦

## ରଙ୍ଗ ତୂଳୀରୁ



ଦୀପ୍ତିରାଣୀ ବାରିକ, କ୍ଲାସ–୯, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର




ପ୍ରତିଲିପି ମୁଦୁଲି, କ୍ଲାସ୍–୪, କେଭି ଆଇଏନ୍ ଏସ୍, ଚିଲିକା



ଶ୍ରୀୟାରାଣୀ ସାହୁ, କ୍ଲାସ– ୬, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଉଁଶିଆ, ଢେଙ୍କାନାଳ

## କହିଲ ଦେଖି

ଝୁଣା ଲାଖ କାଠ ପଟା ଦବାଇ
ପାଇଥାଉ ଆମେ ସବୁ ତା' ପାଇଁ
ରୋଷେଇ ପାଇଁକି ଦିଅଇ ଜାଳ
ଖାଇବାକୁ ପୁଣି ମଧୁର ଫଳ
ଖରାବେଳେ ଦିଏ ଛାଇ ଯୋଗାଇ
କହି କି ପାରିବ ତା' ନାମ ଭାଇ ?



(ଉ: ଗଛ)

ଛେନା ଘିଅ କ୍ଷୀର ଲବଣୀ ଦହି
ମିଳେ ସେ ନିରୀହ ପ୍ରାଣୀଟି ପାଇଁ
ତା' ଗୋବର ଆଣି ଲିପୁଛେ ଘର
କ୍ଷେତ ପାଇଁ ଏହା ଅଟଇ ସାର
ଘାସ କୁଟା ଖାଏ ସେହି ପ୍ରାଣୀଟି
କିଏ ଜାଣିଅଛ ତା'ର ନାମଟି ?



(ଉ: ଗାଈ)

ମନ ଜାଣି ଦିଏ ଖାଇବା ବାଢ଼ି
ଗେଲ କରେ ଯେବେ ହେଉ ଅତାଡ଼ି
ପଣତ ଧରି ତା' ବାଟ ଚାଲିଛୁ
ସେନେହ ମମତା ସବୁ ପାଇଛୁ
ଜନମ ଦେଇଛି ଆମକୁ ସିଏ
କୁହ ପିଲେ ସେହି ଦେବୀଟି କିଏ ?



(ଉ: ମା')

ତା' ଉପରେ ବସବାସ କରୁଛୁ
ତାକୁ ଖୋଳିଦେଲେ ପାଣି ପାଉଛୁ
ତା' କୋଳରେ ହୁଏ ଶସ୍ୟ ଅମଳ
ତା ବକ୍ଷରେ ଅଟେ ସମସ୍ତ ମୂଳ
ତା'ର ଅନ୍ୟ ନାମ ଧରଣୀ ମାଆ
କୁହ ଏବେ କିସ ତାହାର ନାଆଁ ?



(ଉ: ବସୁଧା)

*–ଅମରନାଥ ବାରିକ୍, କୟାଁ, ମଙ୍ଗଳପୁର, ଯାଜପୁର*

## ଖିଲିଖିଲି ହସ

୧

ଚିଣ୍ଟୁ– ଶିକ୍ଷକ ଓ ଅମ୍ପାୟାର ଭିତରେ ସମାନତା କ'ଣ ଅଛି କହିଲୁ ?
ବଣ୍ଟୁ– ମୁଁ ଜାଣିନି
ଚିଣ୍ଟୁ– ଆରେ ଏତିକି ଜାଣିନୁ ଦୁହେଁ କିଛି କରନ୍ତି ନାହିଁ। ଖାଲି ଛିଡା ହୋଇ ଆଙ୍ଗୁଳି ଦେଖାନ୍ତି।

୨

ପିଣ୍ଟୁ– ଜାଣିଛୁ ଚିଣ୍ଟୁ, ମୋ ବାପାଙ୍କ ଆଗରେ ବଡ଼ ବଡ଼ ଲୋକ ବି ଥାଳ ଧରି ଠିଆ ହୁଅନ୍ତି।
ଚିଣ୍ଟୁ– ହଁ, ତାହେଲେ ତୋ ବାପା ତ ବହୁତ ଧନୀ ହୋଇଥିବେ।
ପିଣ୍ଟୁ– ନା, ସେ ଗୁପଚୁପ୍ ଦୋକାନୀ।


୩

ରେହମାନ– ଆରେ ପିଙ୍କୁ ତୁ ଜାଣିଛୁ ହନୁମାନ ଆମ ଠାକୁର।
ପିଙ୍କୁ– ନାଇଁ ହନୁମାନ ଆମ ହିନ୍ଦୁମାନଙ୍କର ଠାକୁର।
ରେହମାନ– ଧେତ୍ ତୁ ଜାଣିନୁ ଆମର ଯେମିତି ନାଁ ଅଛି ରେହମାନ, ସୁଲେମାନ୍ ସେମିତି ହନୁମାନ।

୪

ଶିକ୍ଷକ– ସାନୁ ତୁ କହ ମାନଚିତ୍ରରେ ଆମେରିକା କେଉଁଠି ଅଛି ?
ସାନୁ– ସାର୍ ଏଇଠି ଦେଖନ୍ତୁ...
ଶିକ୍ଷକ– ଆଚ୍ଛା ରାମୁ ତୁ ଏବେ କହ ଆମେରିକା କିଏ ଆବିଷ୍କାର କରିଥିଲେ ?
ରାମୁ– ସାର୍ ଏବେ ସାଙ୍ଗେ ସାଙ୍ଗେ ସାନୁ ଆବିଷ୍କାର କରିଛି।

## ଟଗଲା ଭୀମ୍ବୁ




## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ ଗପଟି ବହୁତ ଭଲ ଲାଗିଲା। ପ୍ରତିଦିନ ଅଭ୍ୟାସ କରିଲେ ସଫଳତା ନିଶ୍ଚୟ ମିଳିବ ଏକଥା ଶିକ୍ଷା ମିଳିଲା।
*–ଲିଙ୍ଗରାଜ ମହାନ୍ତି, କଟକ*

➤କୁନି ଶିଶୁ ପ୍ରତିଭା ସାରିକାଙ୍କ ନୃତ୍ୟକଳା ସମ୍ପର୍କରେ ଜାଣି ବହୁତ ଭଲ ଲାଗିଲା।
*–ଶାନ୍ତିଲତା ଜେନା, କେନ୍ଦୁଝର*

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶ ପାଇଥିବା ସମସ୍ତ କବିତା ଭଲ ଲାଗିଲା। ଗୀତ ସାଙ୍ଗକୁ ଏଥିରେ ସ୍ଥାନୀତ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ଲାଗୁଛି।
*–ଗୀତାଞ୍ଜଳୀ ପଟ୍ଟନାୟକ, ଭୁବନେଶ୍ୱର*

➤'କହିଲ ଦେଖି' ସ୍ତମ୍ଭରେ କବିତା ଶୈଳୀରେ ବିଭିନ୍ନ ବିଷୟ ଉପସ୍ଥାପନା ପ୍ରତିଥର ପରି ଏଥର ବି ବହୁତ ଭଲ ହୋଇଥିଲା।
ରାମଚନ୍ଦ୍ର ନାୟକ, ପୁରୀ

➤ଏଥର ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ଭାରି ଭଲ ଲାଗିଲା।
*–ଚିତ୍ତରଞ୍ଜନ ବେହେରା, ଜଗତ୍‌ସିଂହପୁର*

➤ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କାର୍ଟୁନ ସ୍ତମ୍ଭଟି ପ୍ରକାଶ ପାଇ ନ ଥିବାରୁ ଭଲ ଲାଗିଲା ନାହିଁ।
*–ସିନ୍ଧୁସାଗର ମହାନ୍ତି, କଳାହାଣ୍ଡି*

➤ଖିଲିଖିଲି ହସ ସ୍ତମ୍ଭରେ ହସ କଥାଗୁଡ଼ିକ ସେତେ ବେଶି ମଜାଦାୟକ ହୋଇ ପାରିନି।
*–ଶାନ୍ତିଭୂଷଣ ସାହୁ, ଖୋର୍ଦ୍ଧା*

➤ଏଥର ଆଇନାରେ ସ୍ଥାନୀତ ଫଟୋଟି ସେତେ ବେଶି ଭଲ ହୋଇ ଲାଗିଲା ନାହିଁ।
*–ବନଜା ବେହେରା, କୋରାପୁଟ*

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଜୁନ୍ ୨୬/୨୦୨୧ Dhenkanal, Saturday, June 26/ 2021

## ବିନା ଦର୍ଶକରେ ଏବେ ସୁଦ୍ଧା ବିକଳ୍ପ ରହିଛି

**ଟୋକିଓ ଅଲିମ୍ପିକ୍ସ**

**ଟୋକିଓ, ୨୫।୬ (ଏପି):** ବିନା ଦର୍ଶକରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ଏବେ ସୁଦ୍ଧା ବିକଳ୍ପ ପନ୍ଥା ରହିଛି। ଆୟୋଜକ କମିଟି ସଭାପତି ସିକୋ ହାସିମୋତୋ ଶୁକ୍ରବାର ପ୍ରକାଶ କରିଛନ୍ତି। ୪ଦିନ ପୂର୍ବେ ସେ ଘୋଷଣା କରିଥିଲେ ଯେ ଭେନ୍ୟୁଗୁଡ଼ିକରେ ସର୍ବାଧିକ ସ୍ଥାନୀୟ ୧୦, ୦୦୦ ଦର୍ଶକଙ୍କୁ ଅନୁମତି ରହିବ। ଇନ୍‌ଡୋର ଅବା ଆଉଟ୍‌ଡୋର ଇଭେଣ୍ଟ ହେଉ କୌଣସି ଭେନ୍ୟୁରେ ଦର୍ଶକଙ୍କ ସଂଖ୍ୟା ମୋଟ ଆସନ କ୍ଷମତାର ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ। ବିଦେଶୀ ଦର୍ଶକଙ୍କୁ ବାରଣ ନିଷ୍ପତ୍ତି ବହୁଦିନ ଆଗରୁ ନିଆଯାଇ ସାରିଥିଲା। ହାସିମୋତୋ କିନ୍ତୁ ଏଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ସମୟକୁ ସମୟ ପରିସ୍ଥିତିରେ ପରିବର୍ତ୍ତନ ଘଟୁଛି। ଆଗକୁ ଆବଶ୍ୟକ ସ୍ଥଳେ କୋହଳ ଅବା କଠୋର ହେବାକୁ ପଡ଼ିବ। ବିନା ଦର୍ଶକରେ ଗେମ୍ସ ଆୟୋଜନ ଅନ୍ୟତମ ବିକଳ୍ପ ବ୍ୟବସ୍ଥା ରହିଛି। ସଂକ୍ରମଣ ବୃଦ୍ଧି ପାଉଥିବା ଟୋକିଓ ମେଟ୍ରୋପଲିଟାନ ସରକାର ଗୁରୁବାର ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି। ଫଳତଃ ସ୍ଥାନୀୟ ଦର୍ଶକଙ୍କୁ ଅନୁମତି ଦେବା ପ୍ରସଙ୍ଗରେ ଆୟୋଜକଗଣ ସାମାନ୍ୟ ପଛଘୁଞ୍ଚା ଦେଇଛନ୍ତି। ଗତ ସପ୍ତାହରେ ସଂକ୍ରମଣ ହାର ୧୧ ପ୍ରତିଶତ ବୃଦ୍ଧି ପାଇଛି। ଡେଲ୍‌ଟା ଭାରିଆଣ୍ଟ ରୋଗୀ ମଧ୍ୟ ଚିହ୍ନଟ ହୋଇଛନ୍ତି। ମହାମାରୀକୁ ନେଇ ଜାରି କରାଯାଇଥିବା ଜରୁରିକାଳୀନ ପରିସ୍ଥିତିର ଅବଧି ଜୁଲାଇ ୧୧ରେ ଶେଷ ହେବା ପରେ ଦର୍ଶକଙ୍କୁ ଅନୁମତି ପ୍ରଦାନ ସମ୍ପର୍କରେ ଆୟୋଜକଗଣ ଆଉଥରେ ବିଚାର କରିବେ। ଅଲିମ୍ପିକ୍ସରେ ଭାଗ ନେବା ଲାଗି ଗତ ସପ୍ତାହରେ ଉଗାଣ୍ଡାର ଏକ ଆଥ୍‌ଲେଟ ଦଳ ଜାପାନରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେ ଡେଲ୍‌ଟା ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହୋଇଥିବା ଅଲିମ୍ପିକ ମନ୍ତ୍ରୀ ତାମାୟୋ ମାରୁକାୱା ସୂଚନା ଦେଇଛନ୍ତି। ସଂକ୍ରମିତ ଜଣକ ଜଣେ କୋଚ୍ ବୋଲି ଜଣାପଡ଼ିଛି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ